

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୪ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 04 OCTOBER 2023

Vol.No. 34 ■ No. 261■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ନେପାଳରେ ଶକ୍ତ ଭୂକମ୍ପ ଝଟକା: ଥରିଲା ଉତ୍ତର ଭାରତ

ନୂଆଦିଲ୍ଲୀ,୦୩/୧୦ : ଦିଲ୍ଲୀ-ଏନସିଆର ସମେତ ଉତ୍ତର ଭାରତର ଅନେକ ଅଞ୍ଚଳରେ ତୀବ୍ର ଭୂକମ୍ପ ଅନୁଭୂତ। ଘର ଛାତ ଦୋହଲିବାରୁ ଭୟଭିତ ଲୋକେ। ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୬.୨ ମ୍ୟାଗ୍ନେଚ୍ୟୁଡ୍ ହୋଇଥିବା ସୂଚନା। ହଠାତ୍ ମାଟି ଥରିଉଠିବାରୁ ଲୋକମାନେ ଭୟଭୀତ ହୋଇପଡିଥିଲେ। ଦିନ ୨ଟା ୩୫ ମିନିଟରେ ଭୂକମ୍ପ ଝଟକା ଲାଗିଥିଲା। ଲାଇଟ୍, ଫ୍ୟାନ୍ ସମେତ ଘରେ ଥିବା ବିଭିନ୍ନ ଆସବାବପତ୍ର ଥରି ଉଠିଥିଲା। ଫଳରେ ଅଫିସରେ ଥିବା କର୍ମଚାରୀ ଏବଂ ସାଧାରଣ ଲୋକେ ଅଫିସ୍ ଏବଂ ଘରୁ ଭୟରେ ବାହାରକୁ ଚାଲି ଆସିଥିଲେ। ଉତ୍ତରପ୍ରଦେଶ ଏବଂ



ଉତ୍ତରାଖଣ୍ଡରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପର କେନ୍ଦ୍ରସ୍ଥଳ ନେପାଳରେ ଥିଲା ବୋଲି କୁହାଯାଉଛି। ନେପାଳରେ ଅଧ ଘଣ୍ଟା ମଧ୍ୟରେ ଦୁଇ ଦୁଇ ଥର ଝଟକା ଲାଗିଥିଲା। ମାତ୍ର ଏପର୍ଯ୍ୟନ୍ତ ସୁଦ୍ଧା ସେଠାକାର କୌଣସି କ୍ଷତିକ୍ଷତି ବାବଦରେ ରିପୋର୍ଟ ମିଳିପାରି ନାହିଁ। ରିପୋର୍ଟ ଅନୁସାରେ ଦିଲ୍ଲୀ ନୋଏଡାରେ ୧୦ ରୁ ୧୫ ସେକେଣ୍ଡ ପର୍ଯ୍ୟନ୍ତ କ୍ରମାଗତ ଭାବରେ ଭୂକମ୍ପ ଅନୁଭୂତ ହୋଇଥିଲା। ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌ ଏବଂ ବରେଲିରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଥିଲା। ଏସବୁ ମଧ୍ୟରେ ଭୂକମ୍ପ ନେଇ ଜଣେ ନେଦରଲ୍ୟାଣ୍ଡର ବୈଜ୍ଞାନିକ କରିଥିବା ପୂର୍ବାନୁମାନକୁ ନେଇ ବେଶ୍ ଚର୍ଚ୍ଚା ହୋଇଛି। ସେ ପୂର୍ବାନୁମାନ କରି କହିଥିଲେ ଯେ, ଭାରତର ପଡୋଶୀ ଦେଶରେ ଭୂକମ୍ପ ହେବାର ସମ୍ଭାବନା ରହିଛି। ସୂଚନା ଅନୁସାରେ, ନେଦରଲାଣ୍ଡର ବୈଜ୍ଞାନିକ ଫ୍ରାଙ୍କ ହୁଗରବିଟ୍ସ ସୋମବାର (ଅକ୍ଟୋବର ୨) ପୂର୍ବାନୁମାନ କରି କହିଥିଲେ ଯେ, ପାକିସ୍ତାନରେ ଭୂକମ୍ପ ହୋଇପାରେ। କିନ୍ତୁ ଭାରତରେ କମ୍ପନ ଅନୁଭୂତ ହୋଇଛି, ଯାହା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ଚଳିତ ବର୍ଷ ଆରମ୍ଭରେ ତୁର୍କୀ ଏବଂ ସିରିଆରେ ହୋଇଥିବା ଭୟଙ୍କର ଭୂକମ୍ପର ମଧ୍ୟ ପୂର୍ବାନୁମାନ କରିଥିଲେ ଫ୍ରାଙ୍କ୍ ହୁଗରବିଟ୍ସ ।

## ବ୍ରିଜ୍‌ରେ ଝୁଲିଲା ଯାତ୍ରିବାହୀ ବସ୍: ଅଳ୍ପକେ ବର୍ତ୍ତିଲେ ଯାତ୍ରୀ, ଡ୍ରାଇଭର ଫେରାର୍

କଟକ, ୦୩/୧୦ (ନି.ପ୍ର): ଟଳିଗଲା ଏକ ବଡ଼ ବିପଦ। ଅଳ୍ପକେ ବର୍ତ୍ତିଗଲା ୫୦ରୁ ଅଧିକ ଯାତ୍ରୀଙ୍କ ଜୀବନ। ଦୁର୍ଘଟଣାଟି ଭୟଙ୍କର ହୋଇଥିଲେ ବି ଏହା ଆହୁରି ଭୟଙ୍କର ହୋଇଥାନ୍ତା, ଯଦି ବସ୍‌ଟି ମହାନଦୀ ଗର୍ଭରେ ପଡ଼ିଯାଇଥା'ନ୍ତା। କାରଣ ଏବେ ମହାନଦୀ ଏଠାରେ ପୂର୍ଣ୍ଣଗର୍ଭା। ଆଜି ସକାଳ ପ୍ରାୟ ୧୦ଟା ବେଳେ କଟକ ଜିଲ୍ଲା ବାଙ୍କୀ ନିକଟସ୍ଥ ଯାତମୁଣ୍ଡିଆ-ସୁବର୍ଣ୍ଣପୁର ବ୍ରିଜ୍ ଉପରେ ଘଟିଛି ଏହି ଘଟଣା। ବସ୍‌ଟି ଅନୁଗୋଳରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ୭ଟା ୪୫ରେ ବସ୍‌ଟି ଅନୁଗୋଳରୁ



ଯାତ୍ରା ଆରମ୍ଭ କରିଥିଲା। ୧୨ଟା ବେଳେ ଏହା ଭୁବନେଶ୍ୱରରେ ପହଞ୍ଚିଥା'ନ୍ତା। ତେବେ ତା'ପୂର୍ବରୁ ଏହା ଦୁର୍ଘଟଣାର ସମ୍ମୁଖୀନ ହେଲା। ବସ୍ ଡ୍ରାଇଭର ଶ୍ରୀକାନ୍ତ ବେହେରାଙ୍କ କହିବା ଅନୁଯାୟୀ, ଷ୍ଟିୟରିଂ କାମ ନକରିବାରୁ ଏହି ଦୁର୍ଘଟଣା ଘଟିଲା। ସେ କହିଛନ୍ତି, ଯାତମୁଣ୍ଡିଆ ବ୍ରିଜ୍ ଉପରେ ବସ୍ ଥିବା ବେଳେ ଷ୍ଟିୟରିଂ ରଡ୍ ଛିଡ଼ି ଯାଇଥିଲା। ଫଳରେ ଷ୍ଟିୟରିଂ ଫେଲ୍ ହୋଇଗଲା ଓ ବସ୍ ଗୋଟିଏ ▶▶ପୃଷ୍ଠା ୭

## ଓଏଏସସ୍ତରରେ ବଦଳି: ଘାସିରାମ ମୁର୍ମୁ ବିଏମସି ଅତିରିକ୍ତ କମିଶନର

ଭୁବନେଶ୍ୱର, ୦୩/୧୦ (ନି.ପ୍ର): ବରିଷ୍ଠ ଓଏଏସ୍ ଅଫିସର ଘାସିରାମ ମୁର୍ମୁ ଭୁବନେଶ୍ୱର ମହାନଗର ନିଗମ(ବିଏମସି)ର ଅତିରିକ୍ତ କମିଶନର ଭାବେ ନିଯୁକ୍ତି ପାଇଛନ୍ତି । ଆଜି ଓଏଏସ୍ ଅଫିସର ସ୍ତରରେ ଅଦଳବଦଳରେ ତାଙ୍କୁ ମିଳିଛି ଏହି ଦାୟିତ୍ୱ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ବିଏମସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଥିବାବେଳେ ତାଙ୍କ ସ୍ଥାନରେ କେନ୍ଦୁଝରରେ ପ୍ରକଳ୍ପ ନିର୍ଦ୍ଦେଶକ(ଡିୟୁଡିଏ) ଭାବେ କାର୍ଯ୍ୟରତ ବରିଷ୍ଠ ଓଏଏସ୍ ଘାସିରାମ ମାଝୀଙ୍କୁ ବିଏମସି ଅତିରିକ୍ତ କମିଶନର ଭାବେ ବଦଳି ହୋଇଛି । ଜଳସମ୍ପଦ ବିଭାଗର





ଅତିରିକ୍ତ ସଚିବ ସୁବ୍ରତ କୁମାର ପଣ୍ଡାଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଓ ବଲାଙ୍ଗିର ପ୍ରକଳ୍ପ ନିର୍ଦ୍ଦେଶକ(ଡିୟୁଡିଏ) ସୁଦର୍ଶନ ସଏଙ୍କୁ ବୁର୍ଲା ଭୀମସାର ରେଜିଷ୍ଟ୍ରାର(ପ୍ରଶାସନ) ଭାବେ ବଦଳି ହୋଇଛି ।ବୁର୍ଲା ଭୀମସାରରେ ରେଜିଷ୍ଟ୍ରାର ଦାୟିତ୍ୱରେ ଥିବା ପ୍ରଫୁଲ୍ଲ କୁଜୁରଙ୍କୁ ବଲାଙ୍ଗୀର ପ୍ରକଳ୍ପ ନିର୍ଦ୍ଦେଶକ(ଡିୟୁଡିଏ) ଓ କୋରାପୁଟ ଜିଲ୍ଲା ଦଶମନ୍ତପୁର ତହସିଲଦାର ଅଜୟ ପ୍ରକାଶ ତିର୍କୀଙ୍କୁ କଳାହାଣ୍ଡିର ଧର୍ମଗଡ଼ ଅତିରିକ୍ତ ଉପଜିଲ୍ଲାପାଳ ଭାବେ ବଦଳି ହୋଇଛି । ଅନ୍ୟପକ୍ଷରେ ବିନିକା ବିଡିଓ ବ୍ୟାସଦେବ ବେହେରାଙ୍କ ବଦଳିକୁ ବାତିଲ କରାଯାଇଛି ।

## ଦିନକ ପୂର୍ବରୁ ସରିଲା ମୌସୁମୀ ଅଧିବେଶନ

ଭୁବନେଶ୍ୱର, ୦୩/୧୦ (ନି.ପ୍ର): ବିଧାନସଭାର ମୌସୁମୀ ଅଧିବେଶନ ଆଜି ଧାର୍ଯ୍ୟ କାର୍ଯ୍ୟସୂଚୀର ଦିନକ ପୂର୍ବରୁ ଶେଷ ହୋଇଛି । ଶାସକ ବିଜେଡି ନିଜର ସଂଖ୍ୟାବଳରେ ଗୃହକୁ ସମ୍ପୂର୍ଣ୍ଣ ଭାବେ ନିଜ କବଜାରେ ରଖି ମନମର୍ଜି କରିଥିବାବେଳେ ବିରୋଧୀ ଦଳର ସ୍ୱର ସରକାରଙ୍କୁ ବିଶେଷ ପ୍ରଭାବିତ କରିପାରିନି । ଯେଉଁଥିପାଇଁ ୭ଦିନର କାର୍ଯ୍ୟଦିବସରେ ବିରୋଧୀଙ୍କ କୌଣସି ଗୋଟିଏ ବି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ସମ୍ଭବପର ହୋଇପାରିନି କି ପୂର୍ଣ୍ଣାଙ୍ଗ ଶୂନ୍ୟକାଳ ଚାଲିବା ମଧ୍ୟ ସମ୍ଭବପର ହୋଇନି । ବିରୋଧୀଙ୍କ ହଟ୍ଟଗୋଳକୁ ଗୁରୁତ୍ୱ ନଦେଇ ସରକାର ଗୃହରେ ବ୍ୟୟମଞ୍ଜୁରୀ ବିଲ୍ ସମେତ ମୋଟ ୧୩ଟି ବିଲ୍ ପାରିତ କରାଇ ନେଇଛନ୍ତି । ଆଉ ଫାଇଭ-ଟି ସଚିବଙ୍କ ବିରୁଦ୍ଧରେ ବିରୋଧୀ ଦଳର ଅଭିଯୋଗ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହରେ ଶାଣିତ ପ୍ରତିକ୍ରିୟା ରଖି ବିରୋଧୀ ଦଳଙ୍କୁ ଜନବିରୋଧୀ ବୋଲି କହିବାକୁ ପଛାଇ ନଥିଲେ । ଏପରିକି ଶେଷଦିନରେ ଶ୍ରଦ୍ଧା ତାଙ୍କର ଫିଜିଓଥେରାପିଷ୍ଟ ବୋଲି କହି ଗୃହର ମୂଲ୍ୟବାନ ସମୟକୁ ଲୋକଙ୍କ ସ୍ୱାର୍ଥସମ୍ବଳିତ ବିତର୍କ ପାଇଁ ଉପଯୋଗ କରିବାକୁ ବିରୋଧୀଙ୍କୁ ପରାମର୍ଶ ଦେବାକୁ ପଛାଇ ନାହାନ୍ତି । ଆଜି ଶେଷଦିନରେ ଗୃହରେ





ବିରୋଧୀ ଦଳର ହଟ୍ଟଗୋଳ ଯୋଗୁ ପ୍ରଥମାର୍ଦ୍ଧରେ ପ୍ରଶ୍ନକାଳ, ଶୂନ୍ୟକାଳ କିମ୍ବା ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ସମ୍ଭବପର ହୋଇନଥିଲା । ବାଚସ୍ପତି ପ୍ରମିଳା ମଲ୍ଲିକ ଗୃହକୁ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ । ତେବେ ଦ୍ୱିତୀୟାର୍ଦ୍ଧରେ ଗୃହରେ ଅଚଳାବସ୍ଥା ଜାରି ରହିବାରୁ ବାଚସ୍ପତି ଗୃହକୁ ବାରମ୍ବାର ମୁଲତବୀ ରଖିଥିଲେ । ତେବେ ବିରୋଧୀ ଦଳର ହଟ୍ଟଗୋଳ ମଧ୍ୟରେ ଗୃହରେ ୨୮୨୦୦କୋଟି ଟଙ୍କାର ଅତିରିକ୍ତ ବଜେଟକୁ ପାରିତ କରିବା ପାଇଁ ବ୍ୟୟମଞ୍ଜୁରୀ ବିଲକୁ ସରକାର ପାରିତ କରାଇନେଇଥିଲେ । ଆଉ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମଧ୍ୟ ଶ୍ରଦ୍ଧା ପ୍ରସଙ୍ଗରେ ଗୃହରେ ବିବୃତ୍ତି ରଖିଥିଲେ । ଶ୍ରଦ୍ଧା ଜଣେ ଫିଜିଓଥେରାପିଷ୍ଟ ଓ ତାଙ୍କର ଯତ୍ନ ନେବା ପାଇଁ ଭଉଣୀ ଗୀତା ମେହେଟ୍ଟା ପଠାଇଥିଲେ । ତାଙ୍କୁ କୌଣସି ସରକାରୀ କ୍ୱାର୍ଟର ଆବଂଟନ ହୋଇନି କିମ୍ବା ତାଙ୍କର ଗସ୍ତ ଖର୍ଚ୍ଚ ଓଡ଼ିଶା ସରକାର ଦେଉନାହାନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବିଧାନସଭା ସଚିବାଳୟରୁ ମିଳିଥିବା ତଥ୍ୟ ଅନୁସାରେ, ୨୨ତାରିଖରୁ ଆରମ୍ଭ ହୋଇଥିବା ମୌସୁମୀ ଅଧିବେଶନରେ ଗୃହ ମୋଟ ୭ଦିନ ବସିଛି । ଏହି ଅଧିବେଶନରେ ମୋଟ ୧୩ଟି ବିଲ୍ ପାରିତ ହୋଇଛି । ▶▶ପୃଷ୍ଠା ୭

## ଲୋକସେବା ଭବନରେ ଅଗ୍ନିକାଣ୍ଡ

ଭୁବନେଶ୍ୱର, ୦୩/୧୦ (ନି.ପ୍ର): ଭୁବନେଶ୍ୱର ଲୋକସେବା ଭବନରେ ନିଆଁ ଲାଗିଯାଇଛି। ଲୋକସେବା ଭବନର ରାଜସ୍ୱ ବିଭାଗ କୋଠାର ପ୍ରଥମ ମହଲାରେ ନିଆଁ ଲାଗି ଥିବା ଜଣାପଡ଼ିଛି। ନିଆଁଲିଭା କାର୍ଯ୍ୟରେ ଅଗ୍ନିଶମ ବାହିନୀ ନିୟୋଜିତ ହୋଇଛନ୍ତି। ତେବେ ନିଆଁ କିପରି ଲାଗିଲା ତାହା ଜଣାପଡ଼ିନାହିଁ। ସର୍ଟ ସର୍କିଟରୁ ଲାଗିଲା ନା ଆଉ କିଛି କାରଣ ଅଛି ଜଣାପଡ଼ି ନାହିଁ। ନିଆଁ ଲାଗି ଲୋକସଭାରେ କ'ଣ କ୍ଷତି ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ଏହି ସମୟରେ ରାଜସ୍ୱ ବିଭାଗ କୋଠାରେ କେହି କର୍ମଚାରୀ ଥିଲେ ନାହିଁ ତାହା ମଧ୍ୟ ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବା ଉଦ୍ୟମ ଚଳାଇଛନ୍ତି।

## ଆଜିଠୁ ଖୋଲିବ ୟୁନିଟ୍-୧ ମାର୍କେଟ୍

ଭୁବନେଶ୍ୱର, ୦୩/୧୦ (ନି.ପ୍ର): ରାଜଧାନୀ ଭୁବନେଶ୍ୱରର ୟୁନିଟ୍-୧ ମାର୍କେଟ ଆସନ୍ତାକାଲିଠୁ ଖୋଲିବ। ୟୁନିଟ୍-୧ ମାର୍କେଟ ବ୍ୟବସାୟୀ ସଂଘ ସଭାପତି ଗୟାଧର ସ୍ୱାଇଁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଏମ୍‌ସି ସହ ବ୍ୟବସାୟୀ ସଂଘର ଆଲୋଚନା ସଫଳ ହୋଇଛି। ପାର୍କିଂ ସହ ଅନ୍ୟାନ୍ୟ ସମସ୍ୟା ଦୂର ପାଇଁ ବିଏମ୍‌ସି ରାଜି ହୋଇଛି। ଗତ ଗୁରୁବାର ଠାରୁ ୟୁନିଟ୍-୧ ମାର୍କେଟ୍ ବନ୍ଦ ରହିଥିଲା। ପାର୍କିଂ ବ୍ୟବସ୍ଥା ସହିତ ଜବରଦଖଲ ଉଚ୍ଛେଦ ଓ ଅନ୍ୟାନ୍ୟ ବିଭିନ୍ନ ଦାବି ନେଇ ଗତ ଗୁରୁବାରଠୁ ଆନ୍ଦୋଳନକୁ ଓହ୍ଲାଇଥିଲେ ୟୁନିଟ ୧ ହାଟ ବ୍ୟବସାୟୀ ସଂଘ। ୬ ଦିନ ଧରି ହାଟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସେମାନଙ୍କ ଅଭିଯୋଗ ଥିଲା ଯେ ଆବଶ୍ୟକ ପାର୍କିଂ ବ୍ୟବସ୍ଥା ନଥିବାରୁ ଗ୍ରାହକମାନେ ହଇରାଣ ହେଉଛନ୍ତି। ରାସ୍ତାକଡ଼ରେ ଗାଡ଼ି ରଖି ଫେରିଲା ବେଳକୁ ସେମାନଙ୍କୁ ଫାଇନ ଦେବାକୁ ପଡୁଛି। ତେଣୁ ସେମାନେ ଆଉ ୧ ନମ୍ବର ମାର୍କେଟକୁ ଆସିବାକୁ ପସନ୍ଦ କରୁ ନାହାନ୍ତି। ସେହିଭଳି ୧ ନମ୍ବର ମାର୍କେଟ ଚାରିପାଖ ଜବରଦଖଲ ହୋଇଯାଇଥିବା ନେଇ ସେମାନେ ଅଭିଯୋଗ କରିଥିଲେ। ଜବରଦଖଲ ଉଚ୍ଛେଦ ପାଇଁ ସେମାନେ ଦାବି କରିଥିଲେ। ଆଜି ବିଏମସିର ଏକ ଟିମ ୧ ନମ୍ବର ମାର୍କେଟ ପରିଦର୍ଶନ କରିବା ପରେ ଯଥାର୍ଥ ଦାବି ଗୁଡ଼ିକ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ସୂଚନା ଦେଇଛନ୍ତି ସଂଘ ସଭାପତି। ୨ରୁ ୪ ଦିନ ମଧ୍ୟରେ ପାର୍କିଂ ସମସ୍ୟାର ସମାଧାନ କରିବା ସହ ଅନ୍ୟ ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନରୁ ଓହରିଛି ସଂଘ।

## କେନ୍ଦ୍ରାପଡ଼ା ରସାବଳିକୁ ଜିଆଇ ଟ୍ୟାଗ୍

କେନ୍ଦ୍ରାପଡ଼ା, ୦୩/୧୦ (ନି.ପ୍ର): କେନ୍ଦ୍ରାପଡ଼ାର ପ୍ରସିଦ୍ଧ ରସାବଳିକୁ ମିଳିଲା ଜିଆଇ ଟ୍ୟାଗ୍। ୨୦୨୧ ମସିହାରେ କେନ୍ଦ୍ରାପଡ଼ା ମିଷ୍ଟାନ୍ନ ରସାବଳି ସଂଘ ରସାବଳିର ଜିଓଗ୍ରାଫିକାଲ ଇଣ୍ଡିକେସନ (ଜିଆଇ) ସ୍ୱୀକୃତି ପାଇଁ ଆବେଦନ କରିଥିଲା। ଗୁଣବତ୍ତା ଓ ମାନ ଯାଞ୍ଚ ପରେ ରସାବଳିକୁ ଆଜି ଜିଆଇ ଟ୍ୟାଗ୍ ମିଳିଛି। କେନ୍ଦ୍ରାପଡ଼ା ରସାବଳିକୁ ଜିଆଇ ଟ୍ୟାଗ ଦେବାକୁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲା। ଏହା ପୂର୍ବରୁ ଗତମାସରେ ନୟାଗଡ଼ ଜିଲ୍ଲାରେ ମିଳୁଥିବା ବିଶେଷ ପ୍ରକାର ବାଇଗଣ 'କଣ୍ଟେଇମୁଣ୍ଡି'କୁ ଜିଓଗ୍ରାଫିକାଲ ଇଣ୍ଡିକେସନ (ଜିଆଇ) ମାନ୍ୟତା ମିଳିଥିଲା। ନୟାଗଡ଼ ଜିଲ୍ଲାରେ କଣ୍ଟିଲୋର ମହାନଦୀ ଅବବାହିକାରେ ମିଳୁଥିବା ଏହି ବିଶେଷ ପ୍ରକାରର ବାଇଗଣକୁ ଜିଆଇ ଟ୍ୟାଗ୍ ଦେବା ନିମନ୍ତେ ୨୦୨୧ ମସିହାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପକ୍ଷରୁ ଆବେଦନ କରାଯାଇଥିଲା। ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବାଣପୁରର ନୀଳମାଧବ କୃଷି ସଂଗଠନ ପକ୍ଷରୁ ଓୟୁଏଟି ଏହି ଜିଆଇ ଟ୍ୟାଗ୍ ପାଇଁ ଆବେଦନ କରିଥିଲେ। ସେହିପରି ଗତମାସରେ ମୟୂରଭଞ୍ଜ କାଇ ପିମ୍ପୁଡି ଚଟଣି ସହିତ ଢେଙ୍କାନାଳ ମଗଜି ଲଡୁ ଓ କୋରାପୁଟର କଳାଜିରା ଚାଉଳ ଆଦିକୁ ମିଳିଥିଲା ଜିଆଇ ଟ୍ୟାଗ।

## ପ୍ରଧାନମନ୍ତ୍ରୀ ମୋଦିଙ୍କ ବଡ଼ ବୟାନ: ଏନଡିଏରେ ମିଶିବାକୁ ଚାହୁଁଥିଲେ କେସିଆର!

ନୂଆଦିଲ୍ଲୀ,୦୩/୧୦ : ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓ(କେସିଆର) ୨୦୨୦ ହାଇଦ୍ରାବାଦ ପୌରପାଳିକା ନିର୍ବାଚନ ପରେ ବିଜେପି ନେତୃତ୍ୱାଧୀନ ଏନଡିଏରେ ମିଶିବାକୁ ଚାହୁଁଥିଲେ। କିନ୍ତୁ କେସିଆର କରିଥିବା କର୍ମ ପାଇଁ ସେ ତାଙ୍କ ସହ ହାତ ମିଳାଇବାକୁ ମନା କରି ଦେଇଥିଲେ ବୋଲି ଆଜି ଦାବି କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ତେବେ ମୋଦିଙ୍କ ଏପରି ଦାବିକୁ କେସିଆରଙ୍କ ଭାରତ ରାଷ୍ଟ୍ର ସମିତି(ବିଆରଏସ୍) ଖଣ୍ଡନ କରିଛି। ଏହା ଡାହା ମିଛ ବୋଲି ଦଳ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ଶେଷ ଭାଗରେ ତେଲେଙ୍ଗାନାରେ ବିଧାନସଭା ନିର୍ବାଚନ ହେବ। ଏହାପୂର୍ବରୁ ରାଜ୍ୟରେ ଆଜି ବିଜେପି ପକ୍ଷରୁ ଗୋଟିଏ ସଭାର ଆୟୋଜନ କରାଯାଇଥିଲା। ଏହି ସଭାକୁ ସମ୍ବୋଧନ କରି ମୋଦି କହିଛନ୍ତି,



"ହାଇଦ୍ରାବାଦ ପୌରପାଳିକା ନିର୍ବାଚନରେ ବିଜେପି ୪୮ଟି ଆସନ ଜିତିଥିଲା। ଏହି ସମୟରେ କେସିଆର ବିଜେପିର ସମର୍ଥନ ଚାହିଁଥିଲେ। ଏହି ନିର୍ବାଚନ ପୂର୍ବରୁ ସେ ମୋତେ ଏୟାରପୋର୍ଟରେ ସ୍ୱାଗତ କରୁଥିଲେ। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ସେ ଆଉ ସ୍ୱାଗତ କରିବାକୁ ଯାଇ ନଥିଲେ। ହାଇଦ୍ରାବାଦ ପୌରପାଳିକା ନିର୍ବାଚନ ପରେ କେସିଆର ଦିଲ୍ଲୀରେ ମୋତେ ଭେଟିବାକୁ ଆସିଥିଲେ। ଏତିକି ବେଳେ ସେ ଏନଡିଏରେ ସାମିଲ ହେବାକୁ ଚାହୁଁଥିବା ଇଚ୍ଛା ପ୍ରକାଶ କରିଥିଲେ। ଏଥିସହ ସେ ମୋତେ ତାଙ୍କୁ ସମର୍ଥନ କରିବାକୁ କହିଥିଲେ। ମୁଁ ତାଙ୍କୁ କହିଥିଲି ଯେ ତାଙ୍କର କୁକର୍ମ ପାଇଁ ମୋଦି ତାଙ୍କ ସହ କେବେ ହେଲେ ମିଶି ପାରିବ ନାହିଁ।" ୨୦୨୦ ଗ୍ରେଟର ହାଇଦ୍ରାବାଦ ପୌର ପାଳିକା ନିର୍ବାଚନରେ କେସିଆରଙ୍କ ବିଆରଏସ୍ ସଂଖ୍ୟାଗରିଷ୍ଠତାରୁ ୨୧ଟି ଆସନ ପଛରେ ରହି ଯାଇଥିଲା। ବିଜେପି ୧୫୦ ଆସନରୁ ୪୮ଟିରେ ଜିତିଥିଲା। ୨୦୧୫ ତୁଳନାରେ ବିଜେପି ଦମଦାର ପ୍ରଦର୍ଶନ କରିଥିଲା। ଉକ୍ତ ନିର୍ବାଚନ କଥା ମୋଦି ଆଜି କହିଛନ୍ତି। ତେବେ କେସିଆରଙ୍କ ଦଳ ବିଆରଏସର ମୁଖପାତ୍ର ଏମ କ୍ରିଷ୍ଣକ ଏହାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, "ଏଥର ଜଣେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ଯିବା ବେଳେ ନିଜ ସହ କ୍ୟାମେରା ନେଇକି ଯିବେ। କାରଣ ନରେନ୍ଦ୍ର ମୋଦି ନିଜର ରାଜନୀତି ଫାଇଦା ପାଇଁ ଯେକୌଣସି ▶▶ପୃଷ୍ଠା ୭

## ନିଜ ଦମରେ ଲଢ଼ିବ ବିଜେପି : ଅନୁରାଗ ଠାକୁର

ଭୁବନେଶ୍ୱର , ୦୩/୧୦ (ନି.ପ୍ର): ଓଡିଶାରେ କେନ୍ଦ୍ର ସୂଚନା ଓ ପ୍ରସାରଣ, ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରୀ ଅନୁରାଗ ଠାକୁର । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ପହଞ୍ଚିଛନ୍ତି । ଉଭୟ କେନ୍ଦ୍ରମନ୍ତ୍ରୀ ଦଳୀୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ବିଜେପି ନିଜ ଦମ୍‌ରେ ନିର୍ବାଚନ ଲଢ଼ିବ ଏବଂ ଭଲ ଫଳ କରିବ । ମୋଦି ପପୁଲାର ଲିଡର । ତାଙ୍କ ନେତୃତ୍ୱରେ ସାରା ଦେଶରେ ବିଜେପି ନିର୍ବାଚନରେ ଭଲ କରିବ । ଜନ ବିରୋଧୀ ଆମେ ନୁହଁ । ୨୦୧୪, ୨୦୧୯ରେ ଆମେ ସରକାର କେମିତି କଲୁ । କାହାକୁ ଜନ ବିରୋଧୀ କହିଲେ ହେବନି । ଜନତା ସର୍ବେସର୍ବା। ପ୍ରଧାନମନ୍ତ୍ରୀ



କୋଣାର୍କ ଚକ୍ର ଜି-୨୦ ବ୍ୟାକଡ୍ରପ୍‌ରେ ରଖିବା ଓଡିଶା ପ୍ରତି ତାଙ୍କ ଭଲପାଇବା ଦର୍ଶାଉଛି । ରେଲୱେ ପାଇଁ ୧୧ ଗୁଣ ପଇସା ଦେଇଛି କେନ୍ଦ୍ର । ରାସ୍ତା ପାଇଁ ୭ ଗୁଣ ଟଙ୍କା ଦେଇଛି କେନ୍ଦ୍ର । ଉପା ସରକାର ତୁଳନାରେ ଜିଏସଟି ଆଦାୟ ବଢ଼ିଛି । କଂଗ୍ରେସ ୨ ଲକ୍ଷ ୬୩ ହଜାର କୋଟି ଦେଇଥିଲା । ୧୮ ଲକ୍ଷ କୋଟି ମୋଦି ସରକାର ଦେଇଛନ୍ତି । ଇକୋନୋମିକ୍ କରିଡର ଓଡିଶା ଉପରେ ପ୍ରଭାବ ପଡିବ । ▶▶ପୃଷ୍ଠା ୭

# ଗାନ୍ଧୀ ଦର୍ଶନ ଆଲୋଚନା ଚକ୍ର : ଗାନ୍ଧିଜୀଙ୍କ ବିଚାର ଓ ଆଦର୍ଶ ସବୁଦିନ ପାଇଁ ବଂଚି ରହିବ

ଭୁବନେଶ୍ୱର, ୦୩/୧୦ (ନି.ପ୍ର): ସାରା ବିଶ୍ୱର ପ୍ରସିଦ୍ଧ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଗାନ୍ଧୀ ମହାତ୍ମାଙ୍କ ନାମ ଅଗ୍ରଗଣ୍ୟ । ଗାନ୍ଧିଜୀଙ୍କ ଆଦର୍ଶର ମୂଳ ଉପାଦାନଗୁଡ଼ିକ ହେଉଛି- ସତ୍ୟ, ଶାନ୍ତି, ଅହିଂସା ଓ ବିଶ୍ୱଦୃଷ୍ଟି । ସେଥି ପାଇଁ ତାଙ୍କ ବିଚାର ଓ ଆଦର୍ଶ ସବୁଦିନ ପାଇଁ ବଂଚି ରହିବ ବୋଲି ସୂଚନା ଓ ଲୋକସଂପର୍କ, ପଂଚାୟତିରାଜ ଓ ପାନୀୟ ଜଳ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦିପ କୁମାର ଅମାତ ପ୍ରକାଶ କରିଛନ୍ତି । ସୋମବାର ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନଠାରେ ଗାନ୍ଧୀ ଜୟନ୍ତୀ ଅବସରରେ ଆୟୋଜିତ 'ଗାନ୍ଧୀ ଦର୍ଶନ' ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଅମାତ କହିଛନ୍ତି ଯେ ଓଡ଼ିଶା ସହିତ ଗାନ୍ଧିଜୀଙ୍କର ନିବିଡ଼ ସଂପର୍କ ଥିଲା । ୧୯୨୧ ମାର୍ଚ୍ଚରେ ଗାନ୍ଧିଜୀ ପ୍ରଥମ ଓଡ଼ିଶା ଆଗମନ ସମୟରେ ଧୋତି, ଜାମା ଓ ଟୋପି ପିନ୍ଧିଥିଲେ । ଓଡ଼ିଶାରୁ ଫେରିଲା ପରେ ତାଙ୍କ ପୋଷାକ ବଦଳି ଯାଇଥିଲା । ଓଡ଼ିଶା ତାଙ୍କ ଚିନ୍ତା ଓ ଚେତନାକୁ ଗଭୀର ଭାବେ ପ୍ରଭାବିତ କରିଥିଲା । ସେ ସମୟରେ ଓଡ଼ିଶାର ଦାରିଦ୍ର୍ୟ, ଦୁର୍ଭିକ୍ଷ ଓ ବ୍ୟାଧି ଦେଖି ତାଙ୍କ ଦ୍ୱାରା ସଂପାଦିତ 'ୟଙ୍ଗ୍ ଇଣ୍ଡିଆ' ମାଧ୍ୟମରେ ଗଭୀର ଦୁଃଖ ପ୍ରକାଶ କରିଥିଲେ । ଆଜି କିନ୍ତୁ ଆଉ ସେ ସମୟ ନାହିଁ ।

ଆଲୋଚନା ଚକ୍ରରେ ଯୋଗଦେଇ ବିଶିଷ୍ଟ ସ୍ତମ୍ଭକାର ଓ ବକ୍ତା ଡ. ଅଭିରାମ ବିଶ୍ୱାଳ କହିଲେ ଯେ ଗାନ୍ଧିଜୀ ବିଶ୍ୱ ଦର୍ଶନର ଏକ ଅଂଶବିଶେଷ । ସେ ଥିଲେ ତାରୁଣ୍ୟ ଓ ଉର୍ଜାର ପ୍ରତୀକ ଏବଂ ପ୍ରଖର-ପ୍ରଚଣ୍ଡ ପ୍ରବକ୍ତା । ଗାନ୍ଧିଜୀଙ୍କ ମହିମାନ୍ୱିତ ଜୀବନ, ଆଦର୍ଶ ଏବଂ ଦର୍ଶନ ଭବିଷ୍ୟତର ଇତିହାସ ଓ ସମାଜ ପାଇଁ ଏକ ଅର୍ଥପୂର୍ଣ୍ଣ ଉପାଦାନ ହୋଇ ରହିଥିବ ଏବଂ ଆଗାମୀ ପିଢ଼ିଙ୍କୁ ସତ୍ୟ, ସରଳତା ଓ ଅହିଂସା ମାର୍ଗରେ ପରିଚାଳିତ ହେବା ପାଇଁ ପ୍ରେରଣା ଯୋଗାଉଥିବ ବୋଲି ପ୍ରକାଶ କରିଥିଲେ ।

ବିଶିଷ୍ଟ ଗାନ୍ଧୀବାଦୀ ଚିନ୍ତକ ତଥା ସ୍ତମ୍ଭକାର ପ୍ରହ୍ଲାଦ କୁମାର ସିଂହ ଓଡ଼ିଶା ସହ ଗାନ୍ଧିଜୀଙ୍କର ସଂପର୍କ ଏବଂ ଆଜିର ସମୟରେ ଗାନ୍ଧୀ ଦର୍ଶନର ମହତ୍ୱ ଓ ଆବଶ୍ୟକତା ଉପରେ ବିଶଦ ଆଲୋଚନା କରିଥିଲେ । ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦିକା କସ୍ତୁରୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ଆନ୍ତର୍ଜାତିକ ଅହିଂସା ଦିବସ ଭାବେ ଅଅକ୍ଟୋବର ।ବର ୨ ତାରିଖକୁ ସମଗ୍ର ବିଶ୍ୱରେ ପାଳନ କରାଯାଉଛି । ଏହା ଗାନ୍ଧିଜୀଙ୍କ ମହାନ ବ୍ୟକ୍ତିତ୍ୱକୁ ସୂଚିତ କରେ ।

ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣରେ କହିଥିଲେ ଯେ ମହାତ୍ମା ଗାନ୍ଧୀ ଜଣେ ସାଧାରଣ ମଣିଷ ନଥିଲେ । ସେ ଜଣେ ଅତିମାନବ ଥିଲେ । ଯେପର୍ଯ୍ୟନ୍ତ ମାନବ ସଭ୍ୟତା ରହିବ ସେ ପର୍ଯ୍ୟନ୍ତ ଗାନ୍ଧିଜୀ ସାମାଜିକ କ୍ରାନ୍ତିର ସୂର୍ଯ୍ୟ ହୋଇ ରହିବେ ବୋଲି ସେ ମତ ଦେଇଥିଲେ । ଅତିଥିମାନେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଆଲୋଚନା ଚକ୍ର ଆରମ୍ଭ ହୋଇଥିଲା । ସୂଚନା ଅଧିକାରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଗାନ୍ଧୀ ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା ।

# ଦେଓଦା ପ୍ରାଥମିକ କୃଷି ସମବାୟ ସମିତିର ନୂତନ ଗୃହ ଉଦ୍‌ଘାଟିତ

ଧର୍ମଶାଳା, ୦୩/୧୦ (ନି.ପ୍ର): କୃଷି ଓ କୃଷକର ଉନ୍ନତି ପାଇଁ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ନେଉଛନ୍ତି । ଏହି କ୍ରମରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଦେଓଦା ପ୍ରାଥମିକ କୃଷି ସମବାୟ ସମିତି ଲିଃର ନୂତନ ଗୃହ ଉଦଘାଟିତ ହୋଇଯାଇଛି । ସମବାୟ ସମିତିର ସଭାପତି ବିକାଶ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗ ଦେଇ ଏହି ଗୃହକୁ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥିଭାବେ ସରକାରୀ ନିବନ୍ଧକ ସମବାୟ ସମିତି ସମୂହ ଯାଜପୁର ମଣ୍ଡଳ ଶରତ ଚନ୍ଦ୍ର ମଲ୍ଲିକ, କ୍ଷେତ୍ରାଧିକାରୀ ଭାଗବତ୍ ମରାଣ୍ଡି, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକ ସଦସ୍ୟ ଦୁଃଶାସନ ସାହୁ,ଶାଖା ପରିଚାଳକ ପ୍ରୀୟ ରଞ୍ଜନ ସାହୁ,୧୫ନଂ ଜୋନ ଜିଲା ପରିଷଦ ସଭ୍ୟ ଚକ୍ରଧର ବେହେରା,ବିଧାୟକଙ୍କ ପ୍ରତିନିଧି ନିର୍ମଳ ଚନ୍ଦ୍ର ପ୍ରଧାନ ଓ ୧୪ ନଂ ଜୋନ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟ କାର୍ଯ୍ୟ ନିର୍ବାହୀ ବିରୁପାକ୍ଷ ଶରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ସମିତିର ପୂର୍ବତନ ସଭାପତି ହୃଷିକେଶ ପାଣିଗ୍ରାହୀ, ପୂର୍ଣ୍ଣ ଚନ୍ଦ୍ର ତରାଇ, ଅକ୍ଷୟ କୁମାର ମିଶ୍ର ଓ ପୂର୍ବତନ ସମ୍ପାଦକ ସୁରେନ୍ଦ୍ର କୁମାର ପାଣିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦେଓଦା ପଂଚାୟତ ସରପଂଚ ଆତୁଳା ନନ୍ଦ ମଳିକ, ଉତରପ୍ରତାପ ସରପଂଚ ନିମାଇଁ ମଳିକ ଓ ମଙ୍ଗଳପୁର ପଂଚାୟତର ସରପଂଚ ପ୍ରମୋଦ କୁମାର ଜେନାଙ୍କ ସମେତ ସମସ୍ତ ସ୍ଥାନୀୟ ସମତି ସଭ୍ୟସଭ୍ୟା ଓ ଅଗ୍ରଣୀ ଚାଷୀ ଉପସ୍ଥିତ ରହିଥିଲେ । ନିତ୍ୟାନନ୍ଦ ମହାନ୍ତି,ରାଜ କିଶୋର ନାୟକ,ଅଜୟ ବିଶ୍ୱାଳ,ରବିନ୍ଦ୍ର ସାହୁ,ଯୁଧିଷ୍ଠୀର ବେହେରା,ରବିନ୍ଦ୍ର ରାଉଳ,ଧାମା ମଳିକ,ନରୋତମ ନାୟକ,ଉଦୟ ତରାଇ,ସୁରେଶ ନାୟକ,ସମିତିର ସଭ୍ୟ ସୁରେନ୍ଦ୍ର ନାଥ ନାୟକ,ସ୍ୱହି ପ୍ରଭା ସାହୁ,ବୈଷ୍ଣବ ବାରିକ ଓ ବେଣୁଧର ମଳିକ ପ୍ରମୁଖ କର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସମିତିର ଉପ-ସଭାନେତ୍ରୀ ବାସନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାଇବର ସୁରକ୍ଷା ଅଭିଯାନ ସଚେତନତା ରଥର ଶୁଭାରମ୍ଭ

ମାଲକାନଗିରି, ୦୩/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ଠାରେ ଆଜି ସାଇବର ସୁରକ୍ଷା ଅଭିଯାନ ସଚେତନତା ରଥର ଶୁଭାରମ୍ଭ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ , ଏସ.ଡି.ଜେ.ଏମ ରୁଦ୍ର ପ୍ରକାଶ ନାୟକ, ଅତିରିକ୍ତ ଜିଲ୍ଲାପାଳ ଦେବବର ପ୍ରଧାନ, ବନଖଣ୍ଡ ଅଧିକାରୀ ପ୍ରତାପ କତାପାଲ୍ଲୀ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡଃ.ଅନିଲ ମିଶ୍ର ପ୍ରମୁଖ ଯୋଗ ଦେଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଦିନକୁ ଦିନ ରାଜ୍ୟ ହେଉ ଅବା ଦେଶରେ ଯେଭଳି ସାଇବର ଅପରାଧ ବୃଦ୍ଧି ପାଉଛି ସେଗୁଡ଼ିକୁ ରୋକା ଯିବାକୁ ହେଲେ କିଭଳି ପ୍ରସ୍ତୁତ ତଥା ସଜାଗ ରହିବାକୁ ହେବ ସେ ସମ୍ପର୍କରେ ଏହି ରଥ ଜିଲ୍ଲାର ଜନ ସାଧାରଣଙ୍କୁ ସଚେତନ କରିବ ବୋଲି କହିଥିଲେ ଶ୍ରୀ ୱାଧୱାନୀ । ଏହି ଅବସରରେ ଜିଲ୍ଲାର ସାଇବର ସ୍ୱେଚ୍ଛାସେବୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଟି.ସାର୍ଟ ପ୍ରଦାନ କରାଯାଇଥିଲା । ଆଜିର ଏହି ରଥର ଶୁଭାରମ୍ଭ ଉତ୍ସବରେ ମାଲକାନଗିରି ସ୍ଥିତ ମହା ବିଦ୍ୟାଳୟ ଗୁଡିକରୁ ବହୁ ଛାତ୍ରଛାତ୍ରୀ ତଥା ପୋଲିସ କର୍ମଚାରୀ, ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ରହି ସଚେତନତା ରଥ ପରିକ୍ରମା ରେ ସାଇବର ଠକେଇରୁ କିଭଳି ବଂଚିବା ତା ଉପରେ ନାରାବାଜି ଦେବାସହ ଜନ ସାଧାରଣଙ୍କ ନିକଟରେ ବାର୍ତା ପହଂଚାଇ ଥିଲେ ।

# ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବିଜେଡି ତରଫରୁ ପଦଯାତ୍ରା

କେନ୍ଦ୍ରାପଡ଼ା, ୦୩/୧୦ (ନି.ପ୍ର): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୪ ତମ ଜୟନ୍ତୀ ଉପଲକ୍ଷେ ଜିଲ୍ଲା ବିଜେଡି ତରଫରୁ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରାଙ୍କ ନେତୃତ୍ୱରେ ଏକ ବିରାଟ ପଦଯାତ୍ରା ମହାତ୍ମାଗାନ୍ଧୀ ରାତ୍ରୀ ଯାପନ କରିଥିବା ଗରାପୁର ଡାକ ବଙ୍ଗଳା ଠାରୁ ବାହାରି ଥିଲା । ଗାନ୍ଧୀଜୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ବିଧାୟକ ଶ୍ରୀ ବେହେରାଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଓ ନେତା ଏକ ଶୋଭାଯାତ୍ରାରେ ଆସି କାଳୀ ମନ୍ଦିର ଠାରେ ପହଁଚିବା ପରେ ପଥପ୍ରାନ୍ତ ସଭା କରାଯାଇ ଥିଲା ଏଥିରେ ବିଧାୟକ ଶ୍ରୀ ବେହେରା ମହାତ୍ମା ଗାନ୍ଧୀଙ୍କ କେନ୍ଦ୍ରାପଡା ରହଣୀ ସଂପର୍କରେ ତଥ୍ୟପୂର୍ଣ୍ଣ ବକ୍ତବ୍ୟ ରଖିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାଭିମୁଖୀ କାର୍ଯ୍ୟ ସଂପର୍କରେ କର୍ମୀ ମାନଙ୍କୁ ସୂଚନା ଦେଇଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ, ପୌର ଅଧ୍ୟକ୍ଷା ସରିତା ସାହୁ, ଜିଲ୍ଲା ବିଜେଡି ଉପ ସଭାପତି ଦେବଦାସ ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମାନସ ପରିଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ପୂର୍ବତନ ପୌରପାଳ ଧିରେନ ସାହୁ, ରୋସନା ସାହୁ, ସେହ୍ନପ୍ରଭା କର, ସୁମିତ୍ରା ପାଢୀ, ଆଲୋକ ସାହୁ, ମଧୁ କର, ରଂଜନ କର, ରଂଜନ ସାହୁଙ୍କ ସମେତ କାଉନସିଲର ନିରାକାର ସ୍ୱାଇଁ, ଉମେଶ ଚନ୍ଦ୍ର ନାୟକ, ଆତ୍ମାର ଅଧ୍ୟକ୍ଷ ଅଶୋକ କୁମାର ବରାଳ, ଲୋପାମୁଦ୍ରା ବାରିକ, ମିନତୀ ପରିଡା, ଅର୍ଜୁନ ପଲାଇ, ସେକ ଇନାୟତ ପ୍ରମୁଖ ଙ୍କ ସହ ସମସ୍ତ କାଉନସିଲର ଓ ଶତାଧିକ ମହିଳା କର୍ମୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଅବିଭକ୍ତ କୋରାପୁଟ ଜିଲ୍ଲାରେ ୨୪ ଘଂଟିଆ ବସ ଧର୍ମଘଟ

ଜୟପୁର , ୦୩/୧୦ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲାରେ ଘରୋଇ ବସ ବନ୍ଦ । ରାୟଗଡା, କୋରାପୁଟ,ନବରଙ୍ଗପୁର ଓ ମାଲକାନଗିରି ଜିଲାରରେ ଘରୋଇ ବସ ଚଳା ଚଳ ବନ୍ଦ ରହିଛି । ଅବିଭକ୍ତ କୋରାପୁଟ ଜିଲା ଘରୋଇ ବସ ମାଲିକ ସଂଘ ପକ୍ଷରୁ ୨୪ ଘଂଟିଆ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । ଅବିଭକ୍ତ କୋରାପୁଟ ଜିଲାରେ ୨ ଶହ ରୁଟରେ ୩ ଶହରୁ ଉର୍ଦ୍ଧ ବସ ଚଳା ଚଳ ବନ୍ଦ ରହିଛି । ବସ ବନ୍ଦ ଦ୍ୱାରା ଯାତାୟତରେ ବେଶ ପ୍ରଭାବ ପଡିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ମାଲକାନଗିରି ଜିଲାରୁ ଲକ୍ଷ୍ମୀ ଯୋଜନାରେ ବସ ଆରମ୍ଭ କରିବା ପାଇଁ ନିଷ୍ପତି ନେଇଛନ୍ତି । ଯାହାର ପ୍ରଭାବ ଘରୋଇ ବସ ଉପରେ ପଡୁଥିବା ଅଭିଯୋଗ କରି ଆଜି ଅବିଭକ୍ତ କୋରାପୁଟ ଜିଲାରେ ୨୪ ଘଂଟିଆ ଘରୋଇ ବସ ବନ୍ଦ ଡାକରା ଦେଇଥିଲା ଘରୋଇ ବସ ମାଲିକ ସଂଘ ।

# ଅପହୃତା ନାବାଳିକା ଉଦ୍ଧାର ଦାବିରେ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଲେ ବାପା

କୋରେଇ, ୦୩/୧୦ (ନି.ପ୍ର): ନାବାଳିକା ଅପହରଣର ତିନି ମାସ ପରେ ମଧ୍ୟ ଅପହୃତା ଉଦ୍ଧାର ନହେବାରୁ ଟମକା ଥାନାରୁ ନିରାଶ ହୋଇ ଆଜି ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ନାବାଳିକାର ବାପା ସଭିଲ ସୋସାଇଟ ଫୋରମର ବିଶ୍ୱନାଥ ପାତ୍ରଙ୍କ ସହାୟତାରେ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ନାବାଳିକା ଉଦ୍ଧାର ଓ ଅପହର୍ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ପ୍ରକାଶଯେ କେଉଁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ଭାଲୁକୁମା ଗ୍ରାମର ପଦ୍ମନାଭ ସାହୁଙ୍କ ୧୭ ବର୍ଷିୟା ନାବଳିକା କନ୍ୟା ଗତ ଜୁଲାଇ ମାସରେ ଅପହରଣ ହୋଇଥିବା ଅଭିଯୋଗ ଘସିପୁରା ଥାନାରେ ହୋଇଥିଲା । ସ୍ଥାନୀୟ ଅଂଚଳର ଶାନ୍ତନୁ କୁମାର ପଣ୍ଡା ତାକୁ ଅଅପହରଣ କରିବା ଅଭିଯୋଗରେ ଦର୍ଶାଇଥିଲେ । ଘସିପୁରା ପୁଲିସ ନାବାଳିକାକୁ ଉଦ୍ଧାର କରିଥିଲେ ହେଁ ଅପହରଣକାରୀର ଟେର ପାଇନଥିଲେ । ଫଳରେ ପୁଲିସ ଉକ୍ତ ନାବାଳିକାକୁ ସ୍ୱଧାର ଗୃହରେ ଛାଡିଥିଲା । ତାର ପାଠପଢା ପାଇଁ ପଦ୍ମନାଭ ସ୍ୱଧାର ଗୃହରୁ ଆଣି ତାର ମାଉସୀ ଘର ଯାଜପୁର ଜିଲ୍ଲା ଟମକା ଥାନା ଅନ୍ତର୍ଗତ ଗଡଡ ବାହାଳୀ ଗ୍ରାମରେ ଛାଡିଥିଲେ । ହେଲେ ଗତ ଜୁଲାଇ ୧୬ ତାରିଖ ନାବଳିକା ନିଖୋଜ ହୋଇଥିଲେ । ଏନେଇ ପଦ୍ମନାଭ ଟମକା ଥାନାରେ ଅଭିଯୋଗ କରିଥିଲେ । ହେଲେ ଅପହରଣର ତିନି ମାସ ବିତିଯାଇଥିଲେ ମଧ୍ୟ ନାବାଳିକାର କୌଣସି ପତା ମିଳୁନାହିଁ । ଫଳରେ ଆଜି ପଦ୍ମନାଭ ଆସି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ନାବାଳିକା ଉଦ୍ଧାର ଦାବି କରିବା ସହ ଅପହରଣକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏନେଇ ତ୍ୱରୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଟମକା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ଅଚଳ ସୌର ପାନୀୟ ଜଳ ପ୍ରକଳ୍ପ ସଚଳ ହେଲା

ଭୁବନ, ୦୩/୧୦ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ଭୂଷଳ ପଂଚାୟତ ର କଂଚନବାହାଳି ଗ୍ରାମରେ ବ୍ଲକ ପ୍ରଶାସନ ତରଫରୁ ସୌର ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା କ୍ଷ ଲୋକମାନେ ଏହା ଦ୍ୱାରା ସୁବିଧାରେ ପାଣି ପାଉଥିଲେ । ଲଘୁଚାପ ଜନିତ ବର୍ଷା ପବନରେ ସୋଲାର ଚ୍ୟାନେଲ ଉଡ଼ି ଯାଇଥିବା ଯୋଗୁଁ ଏହି ପ୍ରକଳ୍ପ ଟି ଅଚଳ ହୋଇ ପଡ଼ିଥିଲା ଓ ଲୋକମାନେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଥିଲେ । ଏ ସମ୍ପର୍କରେ ଅଭିଯୋଗ ପାଇ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ ପାନୀୟ ଜଳ ପ୍ରକଳ୍ପ କୁ ତୁରନ୍ତ ସଚଳ କରାଇବାକୁ ବିଡ଼ିଓ କଲ୍ୟାଣ ସୌରଭ ଦାଶଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଡ଼ିଓ ଦାଶ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ , ଏସ ଡି ଓ ଙ୍କୁ ଏହି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । ବିଭାଗୀୟ କର୍ମଚାରୀ ମାନେ ଘଟଣା ସ୍ଥଳକୁ ଯାଇ ସୋଲାର ଚ୍ୟାନେଲ ଉଡ଼ି ଯାଇଥିବା ଦେଖିବାକୁ ପାଇଥିଲେ ଓ ସଙ୍ଗେ ସଙ୍ଗେ ସଜାଡ଼ିଥିଲେ । ଫଳରେ ଲୋକମାନେ ଖୁସିରେ ଆତ୍ମହରା ହୋଇ ବିଡ଼ିଓ ଏବଂ ବ୍ଲକ ଅଧ୍ୟକ୍ଷାଙ୍କୁ କୃତଜ୍ଞତା ଜଣାଇଥିଲେ ।

# ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ

ମାଲକାନଗିରି, ୦୩/୧୦ (ନି.ପ୍ର): ଆହୁରି ଲୋକଙ୍କ ନିକଟତର ହେବ ବିଜୁ ଜନତା ଦଳ । ତୃଣମୂଳସ୍ତରରେ ଲୋକଙ୍କ ସୁବିଧା ଅସୁବିଧା ବୁଝିବା ସହ ସାମାଜିକ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ଲକ୍ଷ୍ୟରେ ଗାନ୍ଧୀ ଜୟନ୍ତୀଠାରୁ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ପର୍ଯ୍ୟନ୍ତ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବ । ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଶ୍ରୀ ପ୍ରଣବ ପ୍ରକାଶ ଦାସ ଙ୍କ ନିର୍ଦ୍ଦେଶ ରେ ଓ ମାଲକାନଗିରି ଜିଲ୍ଲା ପର୍ଯ୍ୟବେକ୍ଷକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଙ୍କ ତତ୍ତ୍ୱାବଧାନରେ ଆଜି ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ଙ୍କ ବଳିଷ୍ଠ ନେତୃତ୍ୱରେ ମାଲକାନଗିରି ପୌର ପରିଷଦ ନଗର ଭବନରୁ ମାଲକାନଗିରି ସହରର ଦୈନିକ ବଜାର ପର୍ଯ୍ୟନ୍ତ ବିଜୁ ଜନତା ଦଳ ଏକ ବିରାଟ ଶୋଭା ଯାତ୍ରାରେ ଜନ ସମ୍ପର୍କ ପଦ ଯାତ୍ରା କରି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି । ଆଜି ପ୍ରଥମେ ପୌର ପରିଷଦ ର ନଗର ଭବନ ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ,ଏଥିରେ ଜାତିର ପିତା ମହାତ୍ମା ଗାନ୍ଧୀ,ଲାଲବାହାଦୁର ଶାସ୍ତ୍ରୀ ଓ ବରପୁତ୍ର ବିଜୁ ପଟ୍ଟନାୟକଙ୍କ ଫୋଟ ଚିତ୍ର ରେ ପୁଷ୍ପ ମାଳ ଓ ଦୀପ ପ୍ରଜ୍ୱଳନ କରି ଆଜିର ଜନ ସମ୍ପର୍କ ପଦ ଯାତ୍ରା ଆରମ୍ଭ କରାଯାଇଥିଲା । ଏଥିରେ ମାଲକାନଗିରି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ବିକାଶ୍ ପରିଷଦ ଅଧ୍ୟକ୍ଷ ଆଡ଼ମା ରାବା ,ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀ ,ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା ,ଜିଲ୍ଲା ଆଇନଜୀବି ସାମ୍ମୁଖ୍ୟ ସଭାପତି ତଥା ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଗୋପାଳ କୃଷ୍ଣ ପଣ୍ଡା ,ଜିଲ୍ଲା ସାଙ୍ଗଠନିକ ସମ୍ପାଦକ ନୃସିଂହ ଚରଣ ମହାନ୍ତି ,ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ ,ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ ,ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତ ପାବନ ବୈଦ୍ୟ ,ରାଜ୍ୟ ଯୁବ ସମ୍ପାଦକ ରବି ରାଜେଶ ,ଜିଲ୍ଲା ଛାତ୍ର ସଭାପତି ତାପଶ ରଞ୍ଜନ ନାୟକ ,ପୋ ?ର ଉପାଧ୍ୟକ୍ଷା କବିତା ମହନ୍ତ ,ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ପଣ୍ଡା ,ତପନ ସାନା ,ଧନୁର୍ଜୟ ମାଡକାମୀ ,ଡ.କାମରାଜ କବାସି ,ଡନେଲ ପୋଟଲା ,ମହିଳା ନେତ୍ରୀ ସୁକାନ୍ତି ବୁରୁଦା ,ଦାହନା ଟାଙ୍ଗୁଲ ,ବାଲିମେଳା ନଗର ସଭାପତି ମଙ୍ଗଳା ପାଙ୍ଗି ,ଯୁବ ଉପ ସଭାପତି କଂଟେଶ ପଟଲା ,ଯୁବ ସମ୍ପାଦକ ବସନ୍ତ ନାୟକ ସମସ୍ତ ଜିଲ୍ଲା ପରିଷଦ ସଭ୍ୟା ସଭ୍ୟ ,ସମସ୍ତ ବ୍ଲକ ଅଧ୍ୟକ୍ଷ, ଅଧ୍ୟକ୍ଷା ,ସମସ୍ତ ଜୋନ୍ ସଂଯୋଜକ ,ସମସ୍ତ ଜୋନ୍ ସଭାପତି ,ସମସ୍ତ ବ୍ଲକ ସଭାପତି ,ସମସ୍ତ ଯୁବ ଛାତ୍ର ମହିଳା ଜନତା ଦଳ ର ସକ୍ରିୟ ବିଜେଡି କର୍ମକାର୍ତା,ପଂଚାୟତ ଓ ପୌର ନିର୍ବାଚିତ ଜନପ୍ରତିନିଧି ପ୍ରଭୃତି ବିଭିନ୍ନ ଛାମୁଆ ସଂଗଠନ ଓ କର୍ମକାର୍ତା ଯୋଗ ଦେଇଥିଲେ ।

# ସାଇବର ସୁରକ୍ଷା ସଚେତନତା ରଥ ଉଦ୍‌ଘାଟିତ

ପୁରୀ , ୦୩/୧୦ (ନି.ପ୍ର): ଆଜି ଅପରାହ୍ନ ରେ ପୁରୀ ଟାଉନ ଥାନା ସମ୍ମୁଖରେ ସାଇବର ସୁରକ୍ଷା ରଥ କୁ ଜିଲ୍ଲାପାଳ ସମର୍ଥ ବର୍ମା ଓ ଏସ ପି ଡା କନୱର ବିଶାଲ ସିଂ ପତାକା ଦେଖାଇ ଉଦଘାଟନ କରିଛନ୍ତି ।ଏହି ରଥ ସାଇବର ଠକେଇ ସମ୍ପର୍କରେ ଲୋକ ମାନଙ୍କୁ ସଚେତନ କରାଇବା ସହ ସାଧାରଣ ଜନତାଙ୍କ ଦାୟିତ୍ୱ ସମ୍ପର୍କରେ ମଧ୍ୟ ଅବଗତ କରାଇବ ବୋଲି ଏସ ପି ଡା ସିଂ କହିଛନ୍ତି ।ଜିଲ୍ଲାର ସମସ୍ତ ଥାନା ଅଂଚଳ ଏହା ପରିକ୍ରମଣ କରିବା, ଲୋକ ମାନଙ୍କୁ ବିଶେଷ କରି ଯୁବ ପିଢ଼ି, ଛାତ୍ରଛାତ୍ରୀ ଙ୍କୁ ସାଇବର ଠକାମୀ,ଅପରାଧ ର ବିଭିନ୍ନ ଦିଗ ଓ ସେଥିରୁ ସୁରକ୍ଷିତ ରହିବା ସମ୍ପର୍କରେ ବିବିଧ ପଦକ୍ଷେପ ସମ୍ବନ୍ଧରେ ଏହା ସଚେତନ କରିବ ବୋଲି ସେ କହିଥିଲେ ।

# ଆପ୍ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଭିନ୍ନ ଢଙ୍ଗରେ ପାଳିତ

ପୁରୀ, ୦୩/୧୦ (ନି.ପ୍ର): ମହାତ୍ମା ଗାନ୍ଧୀ ଏବଂ ଲାଲ୍ ବାହାଦୁର ଶାସ୍ତ୍ରୀ ଙ୍କ ଜୟନ୍ତୀ ଉପଲକ୍ଷେ ଆପ୍ ତରଫରୁ ପୁରୀର ସ୍ୱଚ୍ଛ ସାଥିଙ୍କୁ ସମ୍ମାନିତ କରି ଏକ ନିଆରା ଢଙ୍ଗରେ ମହାପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଆଜି ଆମ୍ ଆଦ୍ମୀ ପାର୍ଟି ତରଫରୁ ଏକ ନିଆରା ଢଙ୍ଗରେ ମହାତ୍ମା ଗାନ୍ଧୀ ଏବଂ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଛି । ଗାନ୍ଧୀ ହାଟରେ ଅପରାହ୍ନ ୪ ଟା ସମୟରେ ଆପ୍ ତରଫରୁ ମହାପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳୀ ଦିଆଯାଇଛି । ଟୁନା ନାୟକ ଏବଂ ଦେବାନନ୍ଦ ନାୟକ ଙ୍କ ସହ ଶତାଧିକ ସ୍ୱଚ୍ଛ ସାଥି ଗାନ୍ଧୀ ଘାଟରେ ଏକାଠି ହୋଇଥିଲେ । ପ୍ରଥମେ ପୁରୀ ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ଏବଂ ଟୁନା ନାୟକ ଙ୍କ ଦ୍ୱାରା ମହାତ୍ମା ଗାନ୍ଧୀଙ୍କ ମୂର୍ତି ରେ ମାଲ୍ୟାର୍ପଣ ସରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଆମ୍ ଆଦ୍ମୀ ପାର୍ଟି ସରକାର କିପରି ଦିଲ୍ଲୀରେ ସମସ୍ତ ସ୍ୱଚ୍ଛ ସାଥିଙ୍କ ମାସିକ ଦରମା ମାସର ପ୍ରଥମ ଦିନରେ ଦେଉଛି ଏବଂ ପାର୍ଟିର ନିର୍ବାଚନୀ ଚିହ୍ନ ଝାଡୁ ଯାହା ସ୍ୱଚ୍ଛ କାର୍ଯ୍ୟର ମୁଖ୍ୟ ଚିହ୍ନ ତେଣୁ ପୁରୀ କୁ ଅଳିଆ ଆବର୍ଜନା ରୁ ସଫା ରଖିବା ସହ ଆଗାମୀ ଦିନରେ ଝାଡୁ ଚିହ୍ନ ଦ୍ୱାରା ସରକାର ରେ ଥିବା ସମସ୍ତ ଦାଗି ଅଳିଆ ଙ୍କୁ ସଫକରିବା ପାଇଁ ଜିଲ୍ଲା ସମ୍ପାଦକ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ଆଜିର ପୁଣ୍ୟ ଦିନରେ ସେହି ମହାନ୍ ବ୍ୟକ୍ତି ଭାରତରେ ଜନ୍ମ ନେଇଥିଲେ ଯିଏ ଅହିଂସା ର ମାଧ୍ୟମ ରେ ଭାରତକୁ ସ୍ୱାଧୀନତା ଦେଇଥିଲେ । ତାଙ୍କର ମୁଖ୍ୟ ଲକ୍ଷ୍ୟ ସ୍ୱଚ୍ଛ ଭାରତ ହୋଇଥିବା ବେଳେ ସ୍ୱଚ୍ଛ ସାଥିଙ୍କୁ ଛାଡ଼ିଲେ କେହିବି ଏଥିପ୍ରତି ଆଗ୍ରହ ନାହାନ୍ତି । ଧଳା ଫର ଫର ସଫା ପୋଷାକ ପିନ୍ଧି ଭାଷଣ ଦେଉଛନ୍ତି ନା ତାଙ୍କ ମନରେ ସ୍ୱଚ୍ଛତା ଅଛି ନା ସମାଜରେ ସ୍ୱଚ୍ଛତା ପାଇଁ ପ୍ରୟାସ ଅଛି ।ମିଛ କଥା କହି ଗରିବ ଦଳିତ ଲୋକଙ୍କୁ ଠକି ନିଜ ରାଜନୀତି କରୁଛନ୍ତି । ଆପ୍ ସବୁବେଳେ ସବୁ ସମୟରେ ସ୍ୱଚ୍ଛ ସାଥିଙ୍କ ସହ ଅଛି ଏବଂ ଆଗକୁ ସ୍ୱଚ୍ଛ ସାଥିଙ୍କ ସମସ୍ତ ଅସୁବିଧା ର ସମାଧାନ ପାଇଁ ଦରକାର ପଡ଼ିଲେ ଆପ୍ ରାଜରାସ୍ତା କୁ ଓହ୍ଲେଇ ବୋଲି ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି କହିଛନ୍ତି । ବିଭିନ୍ନ ସମୟରେ ଏହି ଦଳିତ ସମାଜକୁ ସ୍ୱଚ୍ଛ ସାଥୀ ନାମ ଦେଇ ସମସ୍ତ ପ୍ରକାର ଶୋଷଣ କରୁଛନ୍ତି । ସରକାର ନା ସମୟରେ ଦରମା ଅଛି ନା ସରକାରୀ ଚାକିରି ର ସମସ୍ତ ସୁବିଧା । ରାତିରେ ସମସ୍ତେ ନିଦ୍ରାରେ ସୋଇଥିବା ବେଳେ ଏହି ସ୍ୱଚ୍ଛ ସାଥୀ ସହରକୁ ସଫା ସୁତୁରା ରଖୁଛନ୍ତି । ବିଭିନ୍ନ ସମୟରେ ପୁରୀର କିଛି ମୁଣ୍ଡ ବିକା ନେତା ମିଛ କହି ଆର୍ଥିକ ଲୁଣ୍ଠନ ସହ ନିଜ ରାଜନୀତି ପାଇଁ କେବଳ ଦଳିତ ସମାଜକୁ ବ୍ୟବହାର କରୁଛନ୍ତି ବୋଲି ଦଳିତ ସମାଜ ନେତା ଟୁନା ନାୟକ କହିଛନ୍ତି । ଶେଷରେ ସମସ୍ତ ସ୍ୱଚ୍ଛ ସାଥିଙ୍କୁ ଉତରୀୟ ଏବଂ ଗୋଲାପ ଫୁଲ ଦେଇ ଆମ୍ ଆଦ୍ମୀ ପାର୍ଟି ତରଫରୁ ସମ୍ବର୍ଦ୍ଧନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଆପ୍ ର ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି , ସମ୍ପାଦକ ସତ୍ୟଜିତ ମହାନ୍ତି, ଜିଲ୍ଲା ମୁଖପାତ୍ର ଅନିଲ ସେନାପତି , ଜିଲ୍ଲା ଅଫିସ୍ ସମ୍ପାଦକ ଅଭିଷେକ ପାଣିଗ୍ରାହୀ , ଜିଲ୍ଲା ସୋସିଆଲ ମିଡିଆ ଅଧ୍ୟକ୍ଷ ସମୀର ସେନାପତି , ଜିଲ୍ଲା ଯୁବ ସମ୍ପାଦକ ଜନ୍ମଜୟ ଜେନା , ସୁନିଲ ଜେନା ଏବଂ ସୂର୍ଯ୍ୟକାନ୍ତ ମିଶ୍ର ଉପସ୍ଥିତ ଥିଲେ ।

# ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର କାର୍ଯ୍ୟକାରିଣୀ- ବଲାଙ୍ଗୀର ମୁନସିପାଲଟି କମିଟି ଗଠନ

ବଲାଙ୍ଗୀର , ୦୩/୧୦ (ନି.ପ୍ର): ସ୍ଥାନୀୟ ସାମ୍ବାଦିକ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ଶ୍ରୀ ଶ୍ୟାମ ସୁନ୍ଦର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ଅତିଥି ଭାବରେ ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ସଂଘର ମହାସଚିବ ତଥା ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଯୋଗଦେଇ ପ୍ରଥମେ ଗାନ୍ଧିଜୀ ଙ୍କ ଫୋଟୋ ଚିତ୍ରରେ ଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରି ସଭାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସଭାରେ ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟ ମାଧ୍ୟମରେ ଆଦିବାସୀ କଲ୍ୟାଣ ସଂଘ ବଲାଙ୍ଗୀର ମୁନ୍ସିପାଲଟିକୁ ତୃଣମୂଳ ସ୍ତରରେ ଆହୁରି ମଜବୁତ କରିବା ପାଇଁ ଗୁରୁମନ୍ତ୍ର ଦେବା ସହିତ ଆଦିବାସୀ ମାନଙ୍କ ହକ ଅଧିକାର, ସାମ୍ବିଧାନିକ ଅଧିକାର, ପ୍ରଥା ପରମ୍ପରା, ସଂସ୍କୃତି ,ଆଦିବାସୀ କଳା ସଂସ୍କୃତି ର ପୁନରୁଦ୍ଧାର, ଦେବଦେବୀ ପୀଠର ପୁନରୁଦ୍ଧାର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ର ଲକ୍ଷ ଉଦ୍ଦେଶ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋକପାତ କରିଥିଲେ । ଆଗାମୀ ନଭେମ୍ବର୧୫ରେ ବିର୍ଷା ମୁଣ୍ଡା ଜୟନ୍ତୀ ପାଳନ କରାଯିବା ପାଇଁ ନିଷ୍ପତି ନିଆଯାଇଛି । ବଲାଙ୍ଗୀର ମୁନ୍ସିପାଲଟି କମିଟିକୁ ପରିଚାଳନା କରିବା ପାଇଁ ଅସ୍ଥାୟୀ କମିଟି ଗଠନ କରି ସଭାପତି ଭାବେ ରାଜେଶ ଭୋଇ,ଉପସଭାପତି ଭାବେ ପ୍ରସନ୍ନ ବାଗ,ସମ୍ପାଦକ ଭାବେ ରାମ ଚନ୍ଦ୍ର ମୁର୍ମୁ,ସହ ସମ୍ପାଦକ ପରେଶ ଚନ୍ଦ୍ର ସିଂ ଭୋଇ,କୋଷାଧ୍ୟକ୍ଷ ଭାବେ ଉଦ୍ଧେଶ୍ୱର ମୁଣ୍ଡା ଓ ଉପଦେଷ୍ଟା ଭାବେ ମଧୁ ବିଶ୍ୱାଳଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି ।

# ଶିକ୍ଷା ବିକାଶ ସମିତି ଓଡିଶାଙ୍କ କାର୍ଯ୍ୟକାରିଣୀ ବୈଠକ

ଜୟପୁର, ୦୩/୧୦ (ନି.ପ୍ର): ସରସ୍ୱତୀ ପ୍ରଶିକ୍ଷଣ ମନ୍ଦିର, ଜୟପୁର ଠାରେ ଶିକ୍ଷା ବିକାଶ ସମିତି,ଓଡ଼ିଶାର ଅକ୍ଟୋବର ୧ ଓ ୨ ତାରିଖ ଦୁଇ ଦିନିଆ କାର୍ଯ୍ୟକାରିଣୀ ବୈଠକ ସମ୍ପନ୍ନ ହୋଇଯାଇଛି । କାର୍ଯ୍ୟକ୍ରମର ଉଦ୍ଘାଟନରେ ବିଦ୍ୟା ଭାରତୀ ପୂର୍ବକ୍ଷେତ୍ରର ସଂଗଠନ ମନ୍ତ୍ରୀ ଦିବାକର ଜୀ ଘୋଷ, ଶିକ୍ଷା ବିକାଶ ସମିତି ଓଡିଶାଙ୍କ ଅଧ୍ୟକ୍ଷ ଡ଼ଃ କିଶୋର ଚନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ଡ଼ଃ. ପ୍ରଦୀପ କୁମାର ସାହୁ, ସମ୍ପାଦକ କମଳାକାନ୍ତ ମିଶ୍ର, ଯୁଗ୍ମ ସମ୍ପାଦକ ଡ଼ଃ ତରୁଲତା ଦେବ ଏବଂ ସଂଗଠନ ମନ୍ତ୍ରୀ ଶ୍ରୀମାନ ତାରକ ଦାସ ସରକାର ମଂଚାସୀନ ଥିଲେ । ବୈଠକ ଅୟମାରମ୍ଭ ପୂର୍ବରୁ ଉପାଧ୍ୟକ୍ଷ ଡ଼ଃ ପ୍ରଦୀପ କୁମାର ସାହୁ ଦିବ୍ୟଂଗତଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କାର୍ଯ୍ୟ ସମ୍ପାଦନ କରିଥଲେ । ଡଃ ତରୁଲତା ଦେବୀ ମଂଚାସୀନ ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ କମଳାକାନ୍ତ ମିଶ୍ର ବାର୍ଷିକ ବିବରଣୀ ଓ ପୂର୍ବ ବୈଠକର ବିବରଣୀ ପଠନ କରିଥିଲେ । ସଙ୍ଗଠନ ମନ୍ତ୍ରୀ ଶ୍ରୀମାନ ତାରକ ଦାସ ସରକାର ବିଦ୍ୟା ଭାରତୀ ଉନ୍ମେଷ ଓ ବିକାଶ ଯାତ୍ରା ଉପରେ ଆଲୋକପାତ କରିଥିଲେ । ୧୯୫୨ ମସିହାରେ ଗୋରଖପୁର ପକ୍କୀବାଗ ଠାରେ ଆରମ୍ଭ ହୋଇଥିବା ସରସ୍ୱତୀ ଶିଶୁ ମନ୍ଦିର ଯୋଜନା ଆଜି ଭରତରେ ସର୍ବବୃହତ ବେସରକାରୀ ଶିକ୍ଷା ସଙ୍ଗଠନ ଭାବେ ପ୍ରସିଦ୍ଧି ଲାଭ କରିଅଛି । ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ସଂସ୍ଥାପନା ୧୯୭୭ରେ ହୋଇଥିଲା ।ସାରା ଦେଶରେ ୩୫୦୦୦୦୦ ଛାତ୍ରଛାତ୍ରୀ ଅଧ୍ୟୟନରତ ।୧୫୦୦୦୦ ଆଚାର୍ଯ୍ୟ ଆଚାର୍ଯ୍ୟା ସେବାରତ ଅଛନ୍ତି । ସେହିପରି ୯,୫୦,୦୦୦ ପୁରାଛାତ୍ର ବିଦ୍ୟା ଭାରତୀ ପୁରାଛାତ୍ର ପୋର୍ଟାଲ ପଞ୍ଜୀକରଣ କରିଛନ୍ତି । ଆଗାମୀ ୨୦୨୭କୁ ଓଡ଼ିଶା ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଛି ବୋଲି କହିଥିଲେ । ବୈଠକରେ ମୋଟ ୭ଟି କାଳାଂଶରେ ୧୪ଟି ବିଷୟରେ ଚର୍ଚ୍ଚା ଆଲୋଚନା କରାଯାଇଥିଲା । ଏପରି କି ଜିଲ୍ଲା କେନ୍ଦ୍ର ବିଦ୍ୟାଳୟ ସଶକ୍ତିକରଣ, ଶ୍ରେଣୀ କକ୍ଷ ପରିଚାଳନା, ଆଧାରଭୂତ ବିଷୟ କ୍ରିୟାନ୍ୱୟନ, ବିମର୍ଷ, ପତ୍ରିକା, ସଂସ୍କୃତ ସମ୍ଭାଷଣ, ଝକ୍ସ୍କୁଳରଭ ରଭଶକ୍ଷସଷ୍ଢଷ, ଜାତୀୟ ଶିକ୍ଷା ନୀତି, ଅଭିଲେଖାଗାର ଓ ଆର୍ଥିକ ପରିଚାଳନା ବିଷୟରେ ଚର୍ଚ୍ଚା ଆଲୋଚନା କରାଯାଇଥିଲା ।

# ପଛୁଆ ଚାଲନ୍ତୁ ଫିଟ୍ ରୁହନ୍ତୁ: ସପ୍ତାହରେ ୧୦ରୁ ୨୦ ମିନିଟ୍ ପଛୁଆ ଚାଲିଲେ ମିଳିଥାଏ ଅନେକ ଫାଇଦା

ଫିଟନେସ୍ ରଖିବା ପାଇଁ ଆଜିକାଲି ପ୍ରାୟ ସମସ୍ତେ କିଛି ନା କିଛି ଶାରୀରିକ ପରିଶ୍ରମ କରୁଛନ୍ତି । ହେଲେ ଫିଟ୍ ରହିବା ପାଇଁ ପ୍ରତିଦିନ ସମାନ ରୁଟିନ୍ ଅନୁସରଣ କରିବା ଦ୍ୱାରା କିଛି ସମୟ ପରେ ଆପଣ ବିରକ୍ତି ଅନୁଭବ କରିପାରନ୍ତି । କିନ୍ତୁ ଏହାର ଏକ ସରଳ ସମାଧାନ ଅଛି, ଯାହା ଦ୍ୱାରା ଆପଣଙ୍କୁ ପ୍ରତିଦିନ ବ୍ୟାୟମ କରିବାକୁ ପଡିବ ନାହିଁ । ତାହା ହେଉଛି ପଛୁଆ ଚାଲିବା । ସପ୍ତାହରେ କିଛି ଥର ୧୦ରୁ ୨୦ ମିନିଟ୍ ପଛକୁ ଚାଲିବା ଚାଲିବା ଅବା ଜଗିଂ କରିବା ଭଳି ସୁକ୍ଷ୍ମ ବ୍ୟାୟାମ ଦ୍ୱାରା ଆପଣଙ୍କ ଶରୀର ସହ ମସ୍ତିଷ୍କ ମଧ୍ୟ ବିକାଶ ହୋଇଥାଏ । ସେଥିପାଇଁ ଡାକ୍ତର ପଛୁଆ ଚାଲିବାକୁ ପରାମର୍ଶ ମଧ୍ୟ ଦେଇଥାନ୍ତି । ଆସନ୍ତୁ ଜାଣିବା ପଛୁଆ ଚାଲିବାରେ ଲାଭ କ'ଣ ?



***ପଛକୁ କାହିଁକି ଚାଲିବେ ?***

ଭୂପୃଷ୍ଠରେ ପଛକୁ ଚାଲିବା ବୋକା ଅବା ଅଦରକାରୀ ମନେହୁଏ
ଗଭୀର ଭାବେ ଦୃଷ୍ଟି ଦେଲେ ଏହାର ଉପକାରିତା ଜଣାପଡେ
ଏହା ଆପଣଙ୍କୁ ଉଭୟ ଶାରୀରିକ ଏବଂ ମାନସିକ ସୁସ୍ଥତା ପ୍ରଦାନ କରିଥାଏ
ସରଳ ଉପାୟରେ ଆପଣ ଆପଣଙ୍କର ମାଂସପେଶୀ ଏବଂ ମନକୁ ଚ୍ୟାଲେଞ୍ଜ କରିଥାନ୍ତି
ମାଂସପେଶୀ ଏବଂ ମନକୁ ଭିନ୍ନ ଚିନ୍ତା ଏବଂ କାର୍ଯ୍ୟ କରିବାକୁ ବାଧ କରିଥାନ୍ତି
ଯାହା ଆପଣଙ୍କ ମନ ଏବଂ ଶରୀର ପାଇଁ ଅନେକ ଲାଭ ହୋଇଥାଏ

***ମାନସିକ ଲାଭ:***

ଶରୀରରେ ସଚେତନତା ବୃଦ୍ଧି ଭାବନା ଆସିଥାଏ
ଶରୀରରେ ସମନ୍ୱୟ ଏବଂ ଗତି ବୃଦ୍ଧି କରିଥାଏ
ବ୍ୟାୟମ କରିବା ବେଳେ ବିରକ୍ତିଭାବ ଦୂର କରିବାରେ ସହାୟକ ହୁଏ
ସାମଗ୍ରିକ ଭାବେ ମନୋବଳ ବୃଦ୍ଧି କରେ
ଶୋଇବା ଚକ୍ର ତଥା ଭଲ ନିଦ୍ରା ହେବାରେ ସହାଯ୍ୟ କରେ
କମଫର୍ଟ ଜୋନରୁ ବାହାରିବାକୁ ପ୍ରେରଣା ଦିଏ
ଅନୁମାନ ତଥା ଆକଳନ କରିବାରେ ସହାୟକ ହୁଏ
ଚିନ୍ତାଧାରା ଦକ୍ଷତା ଏବଂ ବୁଝିପାରିବା ଶକ୍ତି ତିକ୍ଷ୍ଣ କରେ
ଦୃଷ୍ଟିଶକ୍ତି ବୃଦ୍ଧି କରିବା ସହ ଇନ୍ଦ୍ରୀୟଗୁଡିକ ନିୟନ୍ତ୍ରଣରେ ରଖେ

***ଶାରୀରିକ ଲାଭ :***

କମ୍ ବ୍ୟବହୃତ ହେଉଥିବା ଗୋଡ ମାଂସପେଶୀରେ ଶକ୍ତି ବୃଦ୍ଧି କରେ
ଆଣ୍ଠୁ ଆଘାତରୁ ସୁସ୍ଥ ହେବାରେ ସାହାର୍ଯ୍ୟ କରେ
ଚାଲିବା କୌଶଳରେ ବିକାଶ ହୁଏ
ଶାରୀରିକ ସ୍ଥିରତା ରଖିବାରେ ସହାୟ ହୋଇଥାଏ
ଶରୀରକୁ ସନ୍ତୁଳିତ କ୍ୟାଲୋରୀ ପ୍ରଦାନ କରେ
ଏକ ସୁସ୍ଥ ଓଜନ ବଜାୟୀ ରଖିବାରେ ସହାଯ୍ୟ କରେ
ହାଡ ଏବଂ ମାଂସପେଶୀକୁ ଶକ୍ତିଶାଳୀ କରେ
ଶରୀରରେ ଶକ୍ତି ସ୍ତର ବୃଦ୍ଧି ହୁଏ
ଶରୀରର ବିକାଶ ପାଇଁ ଆବଶ୍ୟକ ମେଟାବୋଲିଜିମ୍ ବୃଦ୍ଧି କରେ

# ହଜାର ହଜାର ବର୍ଷ ତଳର ଏଲିୟନ୍ ମମି ଠାବ



ଗତ କିଛି ବର୍ଷ ମଧ୍ୟରେ ବୈଜ୍ଞାନିକମାନେ ଅନ୍ୟ ଗ୍ରହର ବସବାସ କରୁଥିବା ଏଲିୟନଙ୍କ ଉପରେ ଗବେଷଣା ଜାରି ରଖିବାସ ସତ୍ୱେ ସେଭଳି ରୋଚକ ତଥ୍ୟ ପାଇନାହିଁ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଯଦିଓ ଆମେରିକୀୟ ମହାକାଶ ସଂସ୍ଥା (ନାସା) ନିକଟରେ ଏ ସଂକ୍ରାନ୍ତରେ ବବିଭିନ୍ନ ତଥ୍ୟ ଅଛି, ହେଲେ ସେ ଏ ସମ୍ପର୍କରେ ନୀରବ ରହିବାକୁ ଉଚିତ୍ ମଣୁଛି। ନିକଟରେ ଦକ୍ଷିଣ ଆମେରିକାର ପେରୁରେ ତିନି ଆଙ୍ଗୁଳି ବିଶିଷ୍ଟ ଏକ ପ୍ରାଣୀର ମମି ଠାବ ହୋଇଛି। ବିଶେଷଜ୍ଞଙ୍କ କହିବାନୁସାରେ ଏହି ମମି ମନୁଷ୍ୟର ନୁହେଁ, ଏହା ଏକ ଏଲିୟନର। ଖ୍ରୀଷ୍ଟପୂର୍ବ ୪୧୦ରେ ଏହି ମମିଟି ହୋଇଥିବାର ଅନୁମେୟ। ୫ଫୁଟ ୪ ଇଂଚ ଉଚ୍ଚତାର ଏହି ମମିର କାନ ନଥିବାବେଳେ ହାତ ଓ ପାଦ ୩ ଅଙ୍ଗୁଳି ବିଶିଷ୍ଟ। ବିଶେଷଜ୍ଞ ଦଳ ଅନୁସନ୍ଧାନ କରୁଥିବାବେଳେ କେତେଗୁଡ଼ିଏ କଙ୍କାଳ ଦେଖିଥିଲେ। ତହିଁ ଅନ୍ୟ ଏକ ପାଖରେ ଧଳା ପାଉଡ଼ର ପରି ତତ୍ୱରେ ଏହି ମମିଟି ଆବୃତ ହୋଇ ରହିଥିଲା। କାର୍ବନ ଡେଟିଙ୍ଗ ସେମ୍ପଲ ପରୀକ୍ଷାରେ ମମିଟି ୨୨୦୦ରୁ ୨୫୦୦ବର୍ଷ ପୁରାତନ ହୋଇଥିବାର ପ୍ରକାଶ। ତେବେ ବିଶେଷଜ୍ଞଦଳ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସଠିକ୍ ନିଷ୍ପତିରେ ପହଂଚିପାରି ନାହାନ୍ତି। ଗବେଷଣା ଜାରିରହିଛି।

# ବର୍ଷାଦିନେ କେଶର ଯତ୍ନ



- ଏହି ଋତୁରେ ଆଲକହଲଯୁକ୍ତ ସାମ୍ପୁ, କଣ୍ଡିସନର ତଥା ଅନ୍ୟାନ୍ୟ ସାମଗ୍ରୀ କେଶରେ ଲଗାନ୍ତୁନାହିଁ। ନଡ଼ିଆ ତେଲଯୁକ୍ତ ସାମ୍ପୁ ବ୍ୟବହାର କରନ୍ତୁ। ଏହା କେଶ ମୂଳର ଚର୍ମ ସଂକ୍ରମଣ ହେବାର ଆଶଙ୍କା ଥାଏ।
- ସାମ୍ପୁ ପୂର୍ବରୁ ଖୋଲା ଦାନ୍ତ ପାନିଆରେ କେଶ କୁଣ୍ଡାନ୍ତୁ ସାମ୍ପୁ ଲଗାଇବା ବେଳେ କେଶ କଟା ହୁଏ ନାହିଁ। ଉଷୁମ ପାଣିରେ କେଶ ଧୁଅନ୍ତୁ ନାହିଁ।
- ଅଳ୍ପ ପାଣିରେ ସାମ୍ପୁ ଗୋଳେଇ କେଶରେ ଲଗାନ୍ତୁ। ହାଲୁକା ମାଲିସଦ ପରେ ଧୂଅନ୍ତୁ। ସପ୍ତାହରେ ଅତି କମରେ ତିନିଥର ସାମ୍ପୁକରନ୍ତୁ।
- ସାମ୍ପୁ ପରେ ଅଳ୍ପ କଣ୍ଡିସନର ଲଗାନ୍ତୁ। ଏହାଦ୍ୱାରା କେଶ ନରମ ଓ ମଜଭୁତ ହୁଏ। ଚମକ ବଢ଼େ। ଏହାକୁ କେଶର ମୂଳ ଭାଗ ବା ମୁଣ୍ଡ ତ୍ୱଚାରେ ନ ଲଗାଇ କେବଳ କେଶରେ ଲଗାନ୍ତୁ।
- ବସାଦହି କେଶ ପାଇଁ ପ୍ରାକୃତିକ କଣ୍ଡିସନର ଭାବେ କାମକରେ। କେଶରେ ଲଗାଇ ତଉଲିଆରେ ଗୁଡ଼ାଇଦିଅନ୍ତୁ। ପନ୍ଦର ମିନିଟ୍ ପରେ ଧୁଅନ୍ତୁ।
- ଦୁଇ ଚାମଚ ଦହି ଓ ଦଇ ଚାମଚ ଲେମ୍ବୁ ରସରେ ଗୋଟିଏ ଅଣ୍ଡାର ଧଳା ଅଂଶକୁ ଭଲ ଭାବେ ଫେଂଟି କେଶରେ ଲଗାନ୍ତୁ। କୋଡ଼ିଏ ମିନିଟ ପରେ ଧୁଅନ୍ତୁ।
- ଓଦା କେଶ କୁଣ୍ଡାନ୍ତୁ ନାହିଁ। ଶୁଖିବା ପରେ କୁଣ୍ଡାନ୍ତୁ। ଏହାଦ୍ୱାରା କେଶ ଛିଣ୍ଡିବା, ଝଡ଼ିବା କମେ।

# ଅନିଦ୍ରାକୁ ସାବଧାନ



ବର୍ତ୍ତମାନର ଜୀବନଶୈଳୀ ବିଭିନ୍ନ ଭାବରେ ମନୁଷ୍ୟ ଜାତିକୁ ପ୍ରଭାବିତ କରୁଛି। ଯଦିଓ ବିଜ୍ଞାନ ଅଗ୍ରଗତି କରୁଛି, ଏହାସହ ତାଳ ଦେଇ ଅନ୍ୟାନ୍ୟ ଅସୁବିଧା ମଧ୍ୟ ବଢୁଛି। ନିକଟରେ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି ଯେ ଅନିଦ୍ରା କାରଣରୁ ନାନାଦି ସ୍ୱାସ୍ଥ୍ୟ ହାନିକାରକ ପରିସ୍ଥିତି ଉପୁଜିପାରେ। ଦୈନିକ ଅତି କମରେ ୬ଘଂଟା ପ୍ରତ୍ୟେକ ବ୍ୟକ୍ତି ଶୋଇବା ଜରୁରୀ। କମ୍ ନିଦ ହେଉଥିବା ବ୍ୟକ୍ତି ଯଥାଶୀଘ୍ର ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ। ପର୍ଯ୍ୟାପ୍ତ ପରିମାଣରେ ଶୋଉଥିବା ବ୍ରକ୍ତି ସୁସ୍ଥ ତଥା ନୀରୋଗ ଜୀବନ ଅତିବାହିତ କରୁଥିବାର ବିଶେଷଜ୍ଞଙ୍କ ମତ। ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଗତ ୧୦ବର୍ଷ ମଧ୍ୟରେ ୧.୯୯ ପ୍ରତିଶତ ଲୋକେ ନିଦ୍ରାହୀନତାର ଶିକାର ହେବା ପରେ ପ୍ରାଣ ହରାଇଥିଲେ। ୬ଘଂଟାରୁ କମ୍ ନିଦ ହେଉଥିବା ଲୋକଙ୍କୁ ହୃଦଘାତ ହେବାର ଆଶଙ୍କା ସର୍ବାଧିକ। ତେଣୁ ପ୍ରତ୍ୟେକ ପିଢ଼ି ଓ ବର୍ଗର ଲୋକେ ନିଜ ନିଜ ପ୍ରତି ସଚେତନ ହେବା ନିତାନ୍ତ ଜରୁରୀ।

# ଏମିତି ଦେଶ ଯେଉଁଠି ସମଲିଙ୍ଗୀଙ୍କୁ ମିଳେ ମୃତ୍ୟୁ ଦଣ୍ଡ

ଏବେବି ବିଶ୍ୱର ଅନେକ ଦେଶରେ ସମଲିଙ୍ଗୀ ହେବାକୁ ଅପରାଧ ଭାବେ ଗ୍ରହଣ କରାଯାଏ। ଦ ଗାର୍ଜିୟାନରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ୭୨୦ଟି ଦେଶରେ ଏହାକୁ ଅପରାଧ ମାନନ୍ତି। ଏପରି କେତୋଟି ଦେଶରେ ସମଲିଙ୍ଗୀ ହେବାକୁ ଏପରି ଅପରାଧ ଭାବେ ଗ୍ରହଣ କରାଯାଏ, ଯେଉଁଥିପାଇଁ ମୃତୁଦ୍ୟଣ୍ଡ ଦିଆଯାଇଥାଏ। ଏଥିରେ ଇରାନ ସୁଦାନ, ୟେମେନ୍, ସାଉଦି ଆରବ ଓ ସୋମାଲିଆ ପରି ଦେଶ ରହିଛି। ସାଉଦି ଆରବରେ ଶରିୟା ନିୟମ ଅନୁଯାୟୀ ସମଲିଙ୍ଗୀ କିମ୍ବା ଟ୍ରାନ୍ସଜେଣ୍ଡର ହେବା ପାଇଁ ମୃତ୍ୟୁଦଣ୍ଡ ଦିଆଯାଇଥାଏ। ନିକଟରେ ଏଠାରେ ପାକିସ୍ତାନୀର ଦୁଇଜଣ ଟ୍ରାନ୍ସଜେଣ୍ଡରଙ୍କୁ ପିଟିପିଟି ହତ୍ୟା କରାଯାଇଥିଲା।

ୟେମେନର ଆଇନ ଶରିୟା ଓ ଇଜିପ୍ଟର ପୂର୍ବ ଆଇନ ଓ ନେପୋଲିଅନିକ ପରମ୍ପରା ଉପରେ ଆଧାରିତ। ଏଠାରେ ୧୯୯୪ ପିଙ୍ଗଳ ଧାରା ଅନୁଯାୟୀ ବିବାହିତ ପୁରୁଷ ଯଦି ସମଲିଙ୍ଗୀ ସମ୍ପର୍କରେ ସମ୍ପୃକ୍ତ ଥିବା ଜାଣିବାକୁ ମିଳେ, ତାହା ହେଲେ ତାକୁ ପଥର ଛେଚି ହତ୍ୟା କରାଯାଏ। ଅବିବାହିତଙ୍କ ପାଇଁ ୧୦୦ ପ୍ରହାର ଓ ଗୋଟିଏ ବର୍ଷ ଜେଲଦଣ୍ଡର ବ୍ୟବସ୍ଥା ରହିଛି। ମହିଳାମାନଙ୍କ ପାଇଁ ଏହି ମାମଲାରେ ୭ ବର୍ଷ ଜେଲଦଣ୍ଡ ରହିଛି। ନାଇଜେରିଆରେ ୧୯୦୧ରୁ ଲାଗୁ ଥିବା ଫେଡ଼େରାଲ ଆଇନ ଅନୁଯାୟୀ ସମଲିଙ୍ଗୀ ସମ୍ପର୍କ ଅପରାଧ ଶ୍ରେଣୀରେ ଆସିଥାଏ। ଏଥିପାଇଁ ୧୪ବର୍ଷ ଜେଲଦଣ୍ଡର ବ୍ୟବସ୍ଥା ରହିଛି। ତେବେ ଉତର ନାଇଜେରିଆରେ ୧୨ଟି ରାଜ୍ୟରେ ଶରିୟା ଆଇନ୍ ଲାଗୁ ହୋଇଥାଏ, ଯେଉଁଥିପାଇଁ ମୃତ୍ୟୁଦଣ୍ଡ ଦିଆଯାଏ । ୨୦୦୭ ରେ ଏପରି ଏକ ମାମଲାରେ ଜଣଙ୍କୁ ପଥର ଫିଙ୍ଗି ହତ୍ୟା କରାଯାଇଥିବା ବିବିସିପକ୍ଷରୁ ସୂଚନା ଦିଆଯାଇଥିଲା। ସୋମାଲିଆ, ସୁଦାନ ଓ ମେରିଟେନିଆରେ ବି ଏଥିପାଇଁ ମୃତ୍ୟୁଦଣ୍ଡର ବ୍ୟବସ୍ଥା ରହିଛି।

# ସୋଲାର କିଡସ ସୂର୍ଯ୍ୟାସ୍ତ ପରେ ହୁଅନ୍ତି ନିସ୍ତେଜ



'କୋଇ ମିଲ୍ ଗୟା' ଚଳଚ୍ଚିତ୍ରରେ ଦେଖାଯାଇଥିବା ଯାଦୁ ଚରିତ୍ରଟିର ସ୍ମୃତି ବର୍ତମାନ ଯାଏଁ ଦର୍ଶକଙ୍କ ସ୍ମୃତିରେ ରହିଛି। ଏହି ଏଲିଆନ ସୂର୍ଯ୍ୟ ରଶ୍ମିରେ ସକ୍ରିୟ ହେଉଥିଲା ବେଳେ ସୂର୍ଯ୍ୟାସ୍ତ ପରେ ନିସ୍ତେଜ ହୋଇଥାଏ। ସୂର୍ଯ୍ୟକିରଣ ହିଁ ଏହାର ଖାଦ୍ୟ ଥିଲା। କାହାଣୀରେ ଗଢ଼ିଉଠିଥିବା ଏହି ଚରିତ୍ର ଯେ ବାସ୍ତବିକ ଜୀବନରେ ଥିବ, ଏହା କେହି ମଧ୍ୟ ଅନୁମାନ କରିପାରିବେ ନାହିଁ। ତେବେ ଏହିଭଳି ଚରିତ୍ର ବାସ୍ତବ ଜୀବନରେ ମଧ୍ୟ ଅଛନ୍ତି। ପାକିସ୍ତାନର କବଟୋଠାରୁ ୧୫ କି.ମି. ଦୂର ମିୟା କୁଣ୍ଡିରେ ଏକ ପରିବାର ରହୁଛନ୍ତି। ଏହି ପରିବାରର ୩ଟି ପିଲାଙ୍କୁ ସ୍ଥାନୀୟ ଅଂଚଳ ତଥା ଗଣମାଧ୍ୟମ 'ସୋଲାର କିଡସ ନାମ ଦେଇଛି। ସୂର୍ଯ୍ୟକିରଣରେ ଏମାନଙ୍କ ହାତ ଗୋଡ଼ ଠିକ ଭାବେ କାମ କରୁଥିବା ବଳେ ସୂର୍ଯ୍ୟାସ୍ତ ପରେ ଏମାନେ ନିସ୍ତେଜ ହୋଇ ବିଛଣାରେ ପଡ଼ିରହନ୍ତି। ସାଧାରଣ ପିଲାଙ୍କ ଭଳି ଏହି ତିନିଭାଇ ଜୀବନ ଅତିବାହିତ କରୁଥିବା ବେଳେ ସୂର୍ଯ୍ୟାସ୍ତ ପରେ ଏମାନେ ସିଧାସଳଖ ଛିଡ଼ା ହେବା ମଧ୍ୟ କଷ୍ଟକର ବ୍ୟାପାର ହୋଇଥାଏ। ଏହି ତିନିଭାଇ ହେଲେ ୧୩ବର୍ଷର ଇଲିଆସ, ୯ ବର୍ଷର ରସିଦ ଓ ୧ବର୍ଷର ସୋଏବ। ବିଶେଷଜ୍ଞଙ୍କ କହିବାନୁସାରେ ସୂର୍ଯ୍ୟକିରଣରେ ହିଁ ଏମାନେ କାର୍ଯ୍ୟକ୍ଷମ ହୋଇପାରନ୍ତି। ସୂର୍ଯ୍ୟଅସ୍ତ ହେବାପରେ ମାନଙ୍କ ଶରୀର ପାରାଲାଇଜଡ଼ ହୋଇଯାଏ। ବର୍ତମାନ ସୁଦ୍ଧା ପୂରା ବିଶ୍ୱରେ ଏହିଭଳି ୬୦୦ଟି ଘଟଣା ଦେଖାଦେଇଛି। ଗତ ୯୦ବର୍ଷ ମଧ୍ୟରେ ଏହା ଗୋଟିଏ ମାତ୍ର ଘଟଣା। ଏମାନଙ୍କର କୌଣସି ପ୍ରକାର ଚିକିତ୍ସା ବର୍ତମାନ ସୁଦ୍ଧା ସମ୍ଭବପର ହୋଇପାରି ନାହିଁ।

# ପୋଷା ଝିଟିପିଟି



କୁକୁର, ବିଲେଇ, ମାଛ କିମ୍ବା ଠେକୁଆକୁ ଲୋକମାନେ ଘରେ ପାଳିବାର ଦେଖିଥିବେ। କିନ୍ତୁ ସାଂଘାଇରେ ରହୁଥିବା ଦମ୍ପତି ସ୍କଟ ଓ ତାଙ୍କ ପତ୍ନୀ ଆର୍ଜେଟାଇନ୍ ନାଲି ଟେଗୁ ପ୍ରଜାତିର ଏକ ବିଶଳକାୟ ଝିଟିପିଟିକୁ ପାଳିଛନ୍ତି।

୪ ଜୁଲାଇ ୨୦୧୨ରେ ଫ୍ଲୋରିଡ଼ାରେ ଝିଟିପିଟିଟି ଅଣ୍ଡାରୁ ବାହାରିବାର କିଛିଦିନ ପରେ ସ୍କଟ ଏହାକୁ ଘରକୁ ନେଇ ଆସିଥିଲେ। ସେ ତା'ର ନାମ ମ୍ୟାକ୍ ଗିବର ରଖିଥିଲେ। ମ୍ୟାକ କୌଣସି ସାଧାରଣ ଝିଟିପିଟି ନୁହେଁ, ସୋସିଆଲ ମିଡ଼ିଆରେ ସେ ଖୁବ୍ ପ୍ରସିଦ୍ଧ। ଫେସବୁକ୍, ଇନଷ୍ଟାଗ୍ରାମ ଓ ୟୁଟ୍ୟୁବରେ ତା' ଅନେକ ଫଲୋୟର ଅଛନ୍ତି। ତା'ର ଓଜନ ପ୍ରାୟ ୧୦କେଜି ହେବ। ସେ ସବୁବେଳେ ନିଜ ମାଲିକ ପାଖରେ ରହିଥାଏ। ସେମାନେ ବାହାରକୁ ଗଲେ ସେ ବି ବାହାରକୁ ଯାଏ ଓ ସେମାନଙ୍କ ଗୋଡ଼ ପାଖରେ ଶୋଇବାକୁ ପସନ୍ଦ କରିଥାଏ। ମ୍ୟାକ ପାଇଁ ଘର ଆଗରେ ଏକ ସୋଫା ପଡ଼ିଛି, ଯେଉଁଥିରେ ଶୋଇ ସେ ଘଂଟାଘଂଟା ଧରି ଖରା ପୋଉଁଥାଏ। ଏହାପରେ ସେ ବାଥରୁମ ବି ଯାଇଥାଏ। ସ୍କଟ କହିଛନ୍ତି, ଏପରି ଝିଟିପିଟିକୁ ପାଳିବା ସହଜ ହୋଇ ନଥାଏ। ଏମାନଙ୍କୁ ରଖିବା ପାଇଁ ଅଲଗା ଏକ ଯନ୍ତା କରିବାକୁ ପଡ଼ିଥାଏ। ଏମାନେ ବହୁତ ବଡ଼ ହୋଇଥିବାରୁ ଏମାନଙ୍କ ଖାଦ୍ୟପେୟ ଉପରେ ବି ବହୁତ ଖର୍ଚ୍ଚ କରିବାକୁ ପଡ଼ିଥାଏ। ସ୍କଟ ଏହା ପୂର୍ବରୁ ବି ଦୁଇଟି ଝିଟିପିଟି ପାଳି ସାରିଛନ୍ତି। କିନ୍ତୁ ତାଙ୍କୁ ଯେତେବେଳେ ଆମେରିକାରୁ ସଂଘାଇ ଆସିବାକୁ ପଡ଼ିଲା ତାଙ୍କୁ ସେହି ଦୁଇଟିଯାକ ଝିଟିପିଟିକୁ ସାଙ୍ଗରେ ଆଣିବାକୁ ଅନୁମତି ମିଳିଲାନି। ସେ ସେହି ଦୁଇଟି ଝିଟିପିଟିକୁ ସେଠାରେ ଏକ ପରିବାରକୁ ଦେଇ ଆସିଲେ। କେବଳ ମ୍ୟାକକୁ ସାଙ୍ଗରେ ଆଣିଥିଲେ। ମ୍ୟାକ ଯେପରି ଭାବେ ତାର ମାଲିକ ସହିତ ରହେ ତାକୁ ଦେଖି ଲୋକେ ମାନେ ଚକିତ ହୋଇଛନ୍ତି।

# ଧୂଆଁ ଯୋଗୁଁ ଆଜ୍‌ମା

ଭାରତରେ ପାଖାପାଖି ୭୦କୋଟି ଲୋକ କୋଇଲା କମ୍ବା କିହେରାସିନ ଷ୍ଟୋଭର ଧୂଆଁ କିମ୍ବା ଜାଳେଣି କାଠର ଧୂଆଁକୁ ଶ୍ୱାସକ୍ରିୟାରେ ଗ୍ରହଣ କରୁଛନ୍ତି। ଏହି ଧୂଆଁରେ କାର୍ବନ ମନୋଅକ୍ସାଇଡ଼, ନାଇଟ୍ରସ୍ ଅକ୍ସାଇଡ଼, ସଲଫର ଡାଇଅକ୍ସାଇଡ଼ ପରି ଆଜମା ଓ କ୍ୟାନ୍ସର ସୃଷ୍ଟିକାରୀ ତତ୍ୱ ରହୁଛି। ଧୂଆଁ ଭାରତରେ ଆଜମା ସୃଷ୍ଟିର ଏକ ମୁଖ୍ୟ କାରଣ। ଏହାଦ୍ୱାରା ଭାରତରେ ଶିଶୁମାନେ ଅଧିକରୁ ଅଧିକ ଆଜମାର ଶିକାର ହେଉଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ ଭାରତରେ ଦେଢ଼ରୁ ୨କୋଟି ଆଜମା ରୋଗୀ ଅଛନ୍ତି। ଶିଶୁମାନଙ୍କ ଶ୍ୱାସନଳୀ ଛୋଟ ହୋଇଥିବାରୁ ଏହି ଧୂଆଁ ଯୋଗୁଁ ସେମାନେ ଆଜମାରେ ଅଧିକ ପୀଡ଼ିତ ହେଉଛନ୍ତି।

# ହେଲମେଟ ପିନ୍ଧି କାର୍ଯ୍ୟାଳୟରେ ଚାଲେ କାମ



ଯେକୌଣସି କାର୍ଯ୍ୟାଳୟରେ ପରିସରକୁ ଯିବେ, ସେଠାକାର କାର୍ଯ୍ୟକାରିବାର ଶୈଳୀ ଭିନ୍ନ ବୋଲି ଲକ୍ଷ୍ୟ କରିପାରିବେ। ତେବେ କାର୍ଯ୍ୟାଳୟରେ କର୍ମଚାରୀ ହେଲମେଟ୍ ପିନ୍ଧି କାମ କରିବା ନିହାତି ଭାବେ ଏକ ଆଶ୍ଚର୍ଯ୍ୟକର ଘଟଣା। ଏଭଳି ପରିସ୍ଥିତି ଦେଖିବାକୁ ମିଳେ ବିହାରର ମୋତିହାରୀ ଜିଲ୍ଲାର ଓରେରାଜ ବ୍ଲକସ୍ଥିତ କାର୍ଯ୍ୟାଳୟରେ। ଏଠାକାର ପ୍ରତ୍ୟେକ କର୍ମଚାରୀ ନିଜ ଆସନରେ ବସିବା ପୂର୍ବରୁ ହେଲମେଟ୍ ପିନ୍ଧି ବସନ୍ତି। ସେଠା ଲୋକଙ୍କ କହିବାନୁସାରେ କାର୍ଯ୍ୟାଳୟ ଚାଲୁଥିବା ଘରଟି ବହୁତ ପୁରୁଣା। ବର୍ଷା ଦିନେ ଛାତରୁ ପାଣି ପଡ଼ିବା ବେଳେ ମଧ୍ୟ ଛାତରୁ ଖସେ। ଏହି କାରଣରୁ ଅନେକ ସମୟରେ କର୍ମଚାରୀ ଆଘାତପ୍ରାପ୍ତ ମଧ୍ୟ ହୋଇଛନ୍ତି। ଏଭଳି ପରିସ୍ଥିତି ଉପୁଜିବାରୁ ଶେଷରେ କର୍ମଚାରୀ ହେଲମେଟ ପିନ୍ଧି କାମ କରିବାକୁ ନିଷ୍ପତି ନେଲେ। ଯଦିଓ ଏହି ଉପାୟରେ ମଧ୍ୟ ସେମାନେ ଖୁବ୍ ହଇରାଣ ହୋଇଥାନ୍ତି, ତେବେ ଆଉ ବିକଳ୍ପ ପନ୍ଥା ମଧ୍ୟ ନାହିଁ। ଦୈନିକ ୫.୬ଘଂଟା ଏଠାରେ କର୍ମଚାରୀ ଖୁବ୍ ବିପଦସଙ୍କୁଳ ଅବସ୍ଥାରେ କାମ କରୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସେଠା କତୃପକ୍ଷ ବର୍ତମାନ ସୁଦ୍ଧା ଉଚିତ ପଦକ୍ଷେପ ନେଇନାହାନ୍ତି। ସୋସିଆଲ ସାଇଟରେ ଏହି ଖବର ଖୁବ୍ ପ୍ରଚାରିତ ହେବାରେ ଲାଗିଛି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନିର୍ବାଚନୀ ବିଗୁଲ...

ଚଳିତ ବର୍ଷ ଶେଷ ବେଳକୁ ପାଞ୍ଚଗୋଟି ରାଜ୍ୟ- ଛତିଶଗଡ଼, ରାଜସ୍ଥାନ, ମିଜୋରାମ, ମଧ୍ୟପ୍ରଦେଶ ଏବଂ ତେଲେଙ୍ଗାନା ବିଧାନସଭାର ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ପରେ ପରେ ୨୦୨୪ରେ ଦେଶରେ ଅନୁଷ୍ଠିତ ହେବ ଲୋକସଭା ନିର୍ବାଚନ । ଏ ପର୍ଯ୍ୟନ୍ତ ନିର୍ବାଚନ କମିଶନ ଉପରୋକ୍ତ ରାଜ୍ୟଗୁଡ଼ିକର ନିର୍ବାଚନ ସମ୍ପର୍କରେ କୌଣସି ବିଧିବଦ୍ଧ ଘୋଷଣା କରି ନାହାନ୍ତି ସତ, ତଥାପି ଯେମିତି କୁହାଯାଇଥାଏ ଯେ ଭାରତୀୟ ଜନତା ପାର୍ଟି (ବିଜେପି) ସବୁ ସମୟରେ ନିର୍ବାଚନ ପାଇଁ ପ୍ରସ୍ତୁତ ହୋଇ ରହିଥାଏ, ତାହା ଦେଖିବାକୁ ମିଳିଛି ତେଲେଙ୍ଗାନାରେ ଏହାର ମଙ୍ଗୁଆଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭାଷଣରେ । ଉପରୋକ୍ତ ରାଜ୍ୟଗୁଡ଼ିକର ନିର୍ବାଚନ ପରିପ୍ରେକ୍ଷୀରେ ତେଲେଙ୍ଗାନାରେ ତାଙ୍କର ଜନସଭାରେ ପ୍ରଥମେ ନିର୍ବାଚନୀ ବିଗୁଲ ବଜାଇବାର ସୁଯୋଗ ନେବାକୁ ଯାଇ ପ୍ରଧାନମନ୍ତ୍ରୀ ମୋଦୀ ସଭାରେ ଯୋଗ ଦେଇଥିବା ବିପୁଳ ସଂଖ୍ୟକ ଲୋକଙ୍କ ହୃଦୟତନ୍ତ୍ରୀକୁ ଛୁଇଁବା ଭଳି ବିଷୟବସ୍ତୁର ଅବତାରଣା କରିବା ଛଳରେ ସେମାନଙ୍କୁ ଆଉଥରେ ବିପୁଳ ସଂଖ୍ୟାରେ ତାଙ୍କ ଦଳକୁ ଭୋଟ୍ ଦେଇ ଜିତାଇବାକୁ ଅନୁରୋଧ କରିଛନ୍ତି । ଏଥିପାଇଁ ସେ ତାଙ୍କ ଦଳର ଜନକଲ୍ୟାଣକାରୀ କାର୍ଯ୍ୟଗୁଡ଼ିକ ସମ୍ପର୍କରେ ଏବଂ ଏହାର ବିପରୀତରେ ବିରୋଧୀ ଦଳମାନେ, ବିଶେଷକରି କଂଗ୍ରେସର ବିଫଳତାକୁ ଉପସ୍ଥାପନ କରି ସେ ଦିଗରେ ଲୋକମାନଙ୍କ ଧ୍ୟାନ ଆକର୍ଷଣ କରିବାର ଉଦ୍ୟମ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଯଥାର୍ଥରେ ଲୋକମାନଙ୍କୁ ମନେ ପକାଇ ଦେଇଛନ୍ତି ଯେ ବର୍ଷର ଶେଷ ଚାରିମାସ ଅନେକ ସଂଖ୍ୟକ ପର୍ବପର୍ବାଣି ମଧ୍ୟରେ ଅତିବାହିତ ହେବାକୁ ଯାଉଥିବା ବେଳେ ଚଳିତ ବର୍ଷ ଏହି ପାର୍ବଣ ପାଳନର ମାନସିକତା ନାରୀ ଶକ୍ତି କଲ୍ୟାଣ ବିଲ୍ (ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା) ଦ୍ୱାରା ଆଉ ଟିକେ ଆଗରୁ ଆରମ୍ଭ ହୋଇ ଯାଇଛି, ଯାହା ନୂଆ ସଂସଦ ଭବନରେ ପ୍ରଥମ ପ୍ରମୁଖ କାର୍ଯ୍ୟ ଭାବରେ ସଂସଦରେ ଉପସ୍ଥାପିତ ହୋଇଥିଲା ଏବଂ ପାରିତ ମଧ ହେଲା । ପରେ ପରେ ଗଣତନ୍ତ୍ର ମୁଖ୍ୟତଃ ଏବଂ ପ୍ରଧାନତଃ ଲୋକମାନଙ୍କୁ ସେମାନଙ୍କର ନେତାମାନଙ୍କୁ ବାଛିବା ନିମନ୍ତେ ଭୋଟ୍ ଦେବାର କ୍ଷମତା ପ୍ରଦାନ କରିଥିବା ସମ୍ପର୍କରେ ତାଙ୍କର ଦୃଢ଼ ମତ ରହିଥିବା କହିବା ସହିତ ଏହାଦ୍ୱାରା ପରିଚାଳିତ ହୋଇ ନିର୍ବାଚନ ପ୍ରଚାର ପାଇଁ ନିଜର ଅନେକ ଶକ୍ତି ଓ ଉଦ୍ୟମକୁ ସେ ଉପଯୋଗ କରିଥିଲେ । ଭୋଟରମାନଙ୍କ ମାନସିକତା ବା ନିର୍ବାଚନୀ ସର୍ଭେଗୁଡ଼ିକର ଫଳାଫଳ ନିର୍ବିଶେଷରେ ଶ୍ରୀଯୁକ୍ତ ମୋଦୀଙ୍କ ନେତୃତ୍ୱାଧୀନ ବିଜେପି ନିର୍ବାଚନଗୁଡ଼ିକୁ ଠିକ୍ ସେମିତି ଲଢ଼ିଥାଏ, ଯେମିତି କ୍ରିକେଟ୍ ମଇଦାନରେ ଅନୁଷ୍ଠିତ ମ୍ୟାଚ୍ରେ ଏମ୍ଏସ୍ ଧୋନୀ କି ବିରାଟ କୋହଲି ବା ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ୍ ଦଳ ଏହାର ବିପକ୍ଷ ଦଳ ସହିତ ଲଢ଼ିଥାଏ ବିଜୟର ଧ୍ୱଜା ଉଡ଼ାଇବାକୁ। ନରେନ୍ଦ୍ର ମୋଦୀଙ୍କଦ୍ୱାରା ବିଜେପି ପ୍ରଚାରର ମୌଳିକ କାର୍ଯ୍ୟ ତିନିଗୋଟି ଯାକ ହିନ୍ଦୀଭାଷୀ ରାଜ୍ୟରେ ଅନୁଷ୍ଠିତ ଜନସଭାଗୁଡ଼ିକରେ ଆରମ୍ଭ ହେବାକୁ ଯାଉଥିବା ବେଳେ ଏସବୁ ରାଜ୍ୟରେ ବିଜେପି ତା'ର ପ୍ରମୁଖ ପ୍ରତିଦ୍ୱନ୍ଦୀ କଂଗ୍ରେସ ସହିତ ମୁକାବିଲା କରିବାକୁ ଯାଉଛି । ସୂଚନାଯୋଗ୍ୟ ଯେ, ଉପରୋକ୍ତ ତିନିଗୋଟିଯାକ ହିନ୍ଦୀଭାଷୀ ରାଜ୍ୟରେ ମୋଟ ୬୫ଟି ଲୋକସଭା ଆସନର ଭାଗ୍ୟ ନିର୍ଦ୍ଧାରଣ ହେବ, ଯେତେବେଳେ କି ଏ ସବୁଯାକରେ ବିଜେପିର ପଲା ଭାରି ରହିଛି । ପରନ୍ତୁ, ତେଲେଙ୍ଗାନାରେ ପରସ୍ପରର ବିରୋଧୀ ଦୁଇ ଜାତୀୟ ସ୍ତରର ଦଳ ବିଜେପି ଏବଂ କଂଗ୍ରେସକୁ ତୃତୀୟ ଆଞ୍ଚଳିକ ଦଳର ସମ୍ମୁଖୀନ ହେବାକୁ ପଡ଼ିବ, ଯାହା ପ୍ରକାରାନ୍ତରେ ଦକ୍ଷିଣ ଭାରତୀୟ ରାଜନୀତିରେ ପ୍ରଥମ ଥର ପାଇଁ ଅଭୂତପୂର୍ବ ସଫଳତା ଅର୍ଥାତ୍ ହ୍ୟାଟ୍ରିକ୍ ଅର୍ଜନ କରିବାର ଲକ୍ଷ୍ୟ ନେଇ ନିର୍ବାଚନ ଲଢ଼ିବାକୁ ଯାଉଛି । ନିର୍ବାଚନର ହୋ ହଲ୍ଲା ଏବେ ଏବେ ଆରମ୍ଭ ହେବାକୁ ଯାଉଛି ବୋଲି କୁହାଯାଇପାରେ, ଯଦିଓ ଏଯାଏଁ ନିର୍ବାଚନ କମିଶନ କୌଣସି ଘୋଷଣା କରି ନାହାନ୍ତି । କିନ୍ତୁ ଦେଶର ଏହି ମହାନାଟକରେ ଅଭିନୟ କରିବାକୁ ଯାଉଥିବା ସବୁ ଅଭିନେତା- ରାଜନୀତିକ ଦଳ, ସେଗୁଡ଼ିକର ନେତୃବୃନ୍ଦ, ଆଶାୟୀମାନେ, ନିର୍ବାଚନକୁ ନେଇ ବେପାର କରୁଥିବା ବ୍ୟବସାୟୀବୃନ୍ଦ, ନିର୍ବାଚନ ଅନୁଷ୍ଠିତ କରାଉ ଥିବା କର୍ମଚାରୀମାନେ, ସର୍ଭେ କରୁଥିବା ସଂସ୍ଥାମାନେ, ବିଶେଷଜ୍ଞବୃନ୍ଦ ଏବଂ ପ୍ରଚାରକୁ ସରଗରମ କରାଉ ଥିବା ଲୋକମାନେ ଏଥିପାଇଁ ପ୍ରସ୍ତୁତ ହୋଇ ଗଲେଣି । ଏହାକୁ ଯଦି ଏକ ପର୍ବ ଭାବରେ ଧରି ନିଆଯାଉଛି, ତା'ହେଲେ କୁହାଯାଇପାରେ ଯେ ଉତ୍କଣ୍ଠା ଏବଂ ସୁଯୋଗର ସମ୍ଭାବନାରେ ବଜାରରେ ଏବେଠୁ ଗୁଞ୍ଜରଣ ଆରମ୍ଭ ହୋଇ ସାରିଲାଣି । ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ମଧ ତା'ର ପ୍ରସ୍ତୁତି ଆରମ୍ଭ କରି ସାରିଲାଣି । ଏହା ମୋଦୀ ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରସଙ୍ଗରେ ହାସଲ କରିଥିବା ସଫଳତା ସହିତ ହିମାଚଳ ଏବଂ କର୍ଣ୍ଣାଟକରେ ଦଳର ସଫଳତାକୁ ଆୟୁଧ କରିବାକୁ ଯାଉଛି । ଏହା ଯଦି ଆଉ କିଛି ରାଜ୍ୟରେ ବିଜୟ ଲାଭ କରେ, ତା'ହେଲେ 'ଇଣ୍ଡିଆ' (ଆଇଏସ୍ଡିଆଇଏ) ମେଣ୍ଟର ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ତେବେ ନିର୍ବାଚନରେ ବିଜୟ ବା ପରାଜୟ ନିର୍ବିଶେଷରେ ଲୋକମାନଙ୍କ ମାନସିକତା ଏବେଠୁ ଚମକପ୍ରଦ ହେବା ଆରମ୍ଭ କରିଛି, ଯାହା ଚଳିତ ଥର ଅଧିକ ଭୋଟର ନିର୍ବାଚନରେ ଅଂଶଗ୍ରହଣ କରିବାର ସମ୍ଭାବନାକୁ ଦର୍ଶାଉଛି ଏବଂ ଏଥପାଇଁ ଅଧିକ ଶ୍ରେୟ ଯିବ ଶ୍ରୀଯୁକ୍ତ ମୋଦୀଙ୍କ କାରଣ ସେ ହିଁ ଲୋକମାନଙ୍କ ଭିତରେ ଏଥିପାଇଁ ଉତ୍କଣ୍ଠା ସୃଷ୍ଟି କରୁଛନ୍ତି ।

# ଶ୍ରାଦ୍ଧ ଓ ପିତୃପକ୍ଷ



## ଗୋପାଳ ମହାପାତ୍ର

ସାଧାରଣତଃ ପତୃପକ୍ଷ ଅର୍ଥାତ୍ ଶ୍ରାଦ୍ଧ ପାଇଁ ଉଦ୍ଦିଷ୍ଟ ସମୟ ଏକପକ୍ଷ ବା ୧୫ଦିନକୁ ମୃତ ବ୍ୟକ୍ତି ଏବଂ ପୂର୍ବଜମାନଙ୍କ ସହ ଯୋଡ଼ି ଦିଆଯାଇଥାଏ ଓ କେହି କେହି ଏହାକୁ ଅଶୁଭ କାଳ ବୋଲି ମଧ ମାନିଥାନ୍ତି। ଅନେକେ ମଧ ଏହି ପବିତ୍ର କାଳଖଣ୍ଡ ବା ୧୫ଦିନର ତୃଟିପୂର୍ଣ୍ଣ ବ୍ୟାଖ୍ୟା କରିଥାନ୍ତି। କିନ୍ତୁ ବର୍ଷକର ଏହି ପିତୃପକ୍ଷ ୧୫ଦିନରେ ଅପାର ସମ୍ଭାବନା ଲୁଚିରହିଥିବା କଥା ମୁନି ଋଷିମାନେ କହିଛନ୍ତି। ଆଧ୍ୟାତ୍ମିକ ମାନ୍ୟତା ଅନୁସାରେ ଏହି ପିତୃପକ୍ଷ ଏମିତି ଏକ ଅଦ୍ଭୁତ ସମୟ ଯେଉଁ ସମୟରେ ଅନେକ ଶୁଭ ପରିଣାମ ମଣିଷକୁ ମିଳିଥାଏ। ଆଧ୍ୟାତ୍ମ ଦୃଷ୍ଟିରେ ମୋକ୍ଷ ପାଇଥିବା ଓ ଅମୋକ୍ଷ ଭାବେ ଘୁରିବୁଲୁଥିବା ଆତ୍ମାଙ୍କ ପାଇଁ ଏହି ସମୟ ପୁଣ୍ୟକାଳ ଅଟେ। ଏହି ସମୟକୁ ଜୀବାତ୍ମାର କଲ୍ୟାଣ ଅର୍ଥାତ୍ ମୋକ୍ଷ ପାଇଁ ସର୍ବଶ୍ରେଷ୍ଠ ସମୟ ବୋଲି କୁହାଯାଇଥାଏ। ଜୀବନ ମୃତ୍ୟୁର ଚକ୍ରର ସ୍ତରକୁ ତ୍ୟାଗକରି ତାର ଉପର ସ୍ତରକୁ ଯିବାର ଅବଧାରଣାକୁ ହିଁ ମୋକ୍ଷ କୁହାଯାଇଥାଏ। 'ଶ୍ରଦ୍ଧୟା ଇଦଂ ଶ୍ରାଦ୍ଧ' ଅର୍ଥାତ୍ ନିଜର ପୂର୍ବଜଙ୍କ ଆତ୍ମିକ ସନ୍ତୁଷ୍ଟି ଓ ଶାନ୍ତି ଏବଂ ମୃତ୍ୟୁପରର ତାଙ୍କର ବିନାବାଧାରେ ଅନନ୍ତ ଯାତ୍ରା ପାଇଁ ଶ୍ରଦ୍ଧାର ସହିତ ଅର୍ପଣ କରାଯାଉଥିବା କାମନା, ପ୍ରାର୍ଥନା, କର୍ମ ଓ ପ୍ରୟାସକୁ ଆମେ ଶ୍ରାଦ୍ଧ କହିଥାଉ। ଏହି ପକ୍ଷକୁ ଏହାର ଅଦ୍ଭୁତ ଗୁଣର କାରଣରୁ ହିଁ ପିତୃ ଏବଂ ପୂର୍ବଜମାନଙ୍କ ସମ୍ବନ୍ଧୀୟ ଗତିବିଧି ସହ ଯୋଡ଼ାଯାଇଥାଏ। ଏହି ପକ୍ଷ କେବଳ ମୃତ ବ୍ୟକ୍ତିଙ୍କ ପାଇଁ ବୋଲି ଯାହା କୁହାଯାଏ, ସେ ଧାରଣା ଠିକ୍ ନୁହେଁ।

ଶ୍ରାଦ୍ଧ ପ୍ରକୃତ ପକ୍ଷେ ନିଜର ମୂଳ ସହ ସମ୍ପର୍କ ରଖିବା ଏବଂ ନିଜର ଜଡ଼ ସହ ଯୋଡ଼ିହେବା, ତାକୁ ଜାଣିବା ଓ ସମ୍ମାନ ଦେବାର ସାମାଜିକ ବ୍ୟବସ୍ଥା ବା ପ୍ରକ୍ରିୟାର ଅଂଶବିଶେଷ। ପ୍ରାକ୍ କାଳରେ ପ୍ରାଣାୟାମ, ଯୋଗ, ବ୍ରତ, ଉପବାସ, ଯଜ୍ଞ ତଥା ଅସହାୟଙ୍କୁ ସହାୟତା ଭଳି ଅନ୍ୟ କଲ୍ୟାଣକାରୀ ସକାରାତ୍ମକ କର୍ମ ଏବଂ ଉପକର୍ମ ଶ୍ରାଦ୍ଧ ଦିବସରେ କରାଯାଉଥିଲା। କିନ୍ତୁ ସମୟକ୍ରମେ ଏହା ଆଧ୍ୟାତ୍ମିକ ଓ ଧାର୍ମିକ ଦିବସରେ ପରିଣତ ହୋଇଯାଇଛି। ବର୍ଷକର ଏହି ପକ୍ଷ (୧୫ଦିନକୁ) ଅଶୁଭ କାଳ ବା ସମୟ ବୋଲି ମାନିବା ଅଜ୍ଞାନତା। ଏହି ପକ୍ଷରେ ସ୍ଥୂଳ ଗତିବିଧିକୁ ମହତ୍ୱ ଦିଆଯାଇନାହିଁ କାରଣ ଆଧ୍ୟାତ୍ମିକ ଦୃଷ୍ଟିକୋଣ ସ୍ଥୂଳ ସମୃଦ୍ଧି ଏବଂ ଭୌତିକ ସଫଳତାକୁ କ୍ଷଣଭଙ୍ଗୁର ଅର୍ଥାତ୍ ଶୀଘ୍ର ନଷ୍ଟ ହୋଇଯାଏ ବୋଲି ଗ୍ରହଣ କରିଥାଏ ଏବଂ ଭାରତୀୟ ଦର୍ଶନ ଏଭଳି ଗୁରୁତ୍ୱପୂର୍ଣ୍ଣ କାଳଖଣ୍ଡ (୧୫ଦିନ)ର ଶସ୍ତା ଉପଯୋଗ କରିବାକୁ ଋହେଁନାହିଁ। ଏ ସମୟ ଏତେ ଗୁରୁତ୍ୱପୂର୍ଣ୍ଣ ଯେ ଐଶ୍ୱର୍ଯ୍ୟର କାମନା କରି ମହାଲକ୍ଷ୍ମୀଙ୍କ ପ୍ରସନ୍ନ ପାଇଁ କରାଯାଉଥିବା ସାଧନା ହିଁ ଏହି ପକ୍ଷରେ କରାଯାଇଥାଏ। ମହାଲକ୍ଷ୍ମୀ ଆରାଧନାର ଦ୍ୱିତୀୟ ଖଣ୍ଡରେ ଏହି ପକ୍ଷର ପ୍ରଥମ ସପ୍ତାହର ପ୍ରୟୋଗ ବିଷୟରେ ବର୍ଣ୍ଣନା କରାଯାଇଛି। ଲକ୍ଷ୍ମୀଙ୍କ ଉପାସନା ବା ଆରାଧନା ପାଇଁ ଭାଦ୍ରବ ମାସ ଶୁକ୍ଳ ଅଷ୍ଟମୀ ଅର୍ଥାତ୍ ରାଧାଷ୍ଟମୀଠାରୁ କୃଷ୍ଣ ପକ୍ଷ ଅଷ୍ଟମୀ ହିଁ ସର୍ବୋତ୍ତମ ସମୟ ଅଟେ। ପରମ୍ପରା ଅନୁସାରେ ଏହି ସମୟରେ ଶ୍ରାଦ୍ଧ, ତର୍ପଣ, ଉପାସନା, ପ୍ରାର୍ଥନା ଦ୍ୱାରା ପିତୃଶାନ୍ତି ସହ ଜୀବନର ପୂର୍ବ କର୍ମ ଜନିତ ସଂଘର୍ଷରୁ ମୁକ୍ତିର ମାର୍ଗ ପ୍ରଶସ୍ତ ହୋଇଥାଏ। ଅନେକ ଧର୍ମଗ୍ରନ୍ଥରେ ଶ୍ରାଦ୍ଧ ପାଇଁ କେବଳ ପିତୃପକ୍ଷ ହିଁ ଶ୍ରେଷ୍ଠ ବୋଲି ଉଲ୍ଲେଖ କରାଯାଇଛି।

ବର୍ଷକ ମଧରେ ୧୨ଟି ଅମାବାସ୍ୟା, ୧୨ଟି ସଂକ୍ରାନ୍ତି ୧୨ଟି ବୈଧୃତିଯୋଗ, ୧୨ ବ୍ୟତିପାତ ଯୋଗ, ୧୫ପତୃପକ୍ଷ, ୫ଅଷ୍ଟକା ରାହିଛି। ମତ୍ସ୍ୟ ପୁରାଣରେ ଉଲ୍ଲେଖ ଅଛି ଯେ, "ତ୍ରିବିଧଂ ଶ୍ରାଦ୍ଧ ମୁଚ୍ୟତେ"। ଏହାର ଅର୍ଥ ହେଉଛି ଶ୍ରାଦ୍ଧ ତିନି ପ୍ରକାରର ଯଥା ନିତ୍ୟ, ନୈମିତିକ ଏବଂ କାମ୍ୟ। ଯମସ୍ମୃତିରେ ଶ୍ରାଦ୍ଧ ୫ପ୍ରକାରର ବୋଲି ବର୍ଣ୍ଣନା କରାଯାଇଛି। ଏଗୁଡ଼ିକ ହେଉଛି ନିତ୍ୟ, ନୈମିତିକ, କାମ୍ୟ, ବୃଦ୍ଧି ଏବଂ ପାର୍ବଣ। କିନ୍ତୁ ଭବିଷ୍ୟ ପୁରାଣଷର ଦ୍ୱାଦଶ ଶ୍ରାଦ୍ଧ କଥା ବର୍ଣ୍ଣନା କରାଯାଇଛି। ଏହି ଦ୍ୱାଦଶ ଶ୍ରାଦ୍ଧ ହେଉଛି ନିତ୍ୟ, ନୈମିତିକ, କାମ୍ୟ, ବୃଦ୍ଧି, ସପିଣ୍ଡ, ପାର୍ବଣ, ଗୋଷ୍ଠି, ସୁଧର୍ଥ, କର୍ମାଗ, ତୀର୍ଥ, ଯାତ୍ରାର୍ଥ ଏବଂ ପୁଷ୍ଟି। ସନାତନ ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ପାଇଁ ପିତୃପକ୍ଷରେ ଗୟାରେ ଶ୍ରାଦ୍ଧକୁ ଅଧିକ ମହତ୍ୱ ଦିଆଯାଇଥାଏ। ହିନ୍ଦୁ ସଂସ୍କୃତିରେ ମଣିଷ ଉପରେ ଥିବା ସବୁଠାରୁ ବଡ଼ ଋଣ ପିତୃଋଣରୁ ମୁକ୍ତ ହେବା ପାଇଁ ପିତୃପକ୍ଷ ହିଁ ଶ୍ରେଷ୍ଠ ସମୟ। ଧର୍ମଗ୍ରନ୍ଥମାନଙ୍କ ଅନୁସାରେ ମଣିଷ ଉପରେ ୩ପ୍ରକାର ଋଣ ରହିଛି ଯଥା ପିତୃଋଣ, ଦେବଋଣ ଏବଂ ଋଷିଋଣ। ଏ ତିନି ଋଣ ମଧ୍ୟରୁ ପିତୃଋଣ ସର୍ବୋପରି। ପିତୃଋଣରେ ପିତାଙ୍କ ଅତିରିକ୍ତ ମାତା ତଥା ପୂର୍ବଜ ସମ୍ମିଳିତ ଅଟନ୍ତି। ପିତୃପକ୍ଷରେ ପ୍ରତି ହିନ୍ଦୁ ପରିବାରରେ ମୃତ ପିତା-ମାତାଙ୍କ ଶ୍ରାଦ୍ଧ କରାଯାଏ। ପିତୃପକ୍ଷ ୧୫ଦିନ ହୋଇଥାଏ କିନ୍ତୁ ଏ ବର୍ଷ ଷଷ୍ଠୀ ତିଥି କ୍ଷୟ ହୋଇଥିବା କାରଣରୁ ଶ୍ରାଦ୍ଧ ପକ୍ଷ ୧୪ ଦିନ। ଆଶ୍ୱିନ ମାସର କୃଷ୍ଣ ପକ୍ଷ ପିତୃ ପିତାମହଙ୍କ ପାଇଁ ସମର୍ପିତ।

ବାଲ୍ମୀକି ରାମାୟଣରେ ମାତା ସୀତାଙ୍କ ଦ୍ୱାରା ପିଣ୍ଡଦାନ ଯୋଗୁଁ ଦଶରଥଙ୍କ ଆତ୍ମା ମୋକ୍ଷ ଲାଭ କରିଥିବା କଥା ଉଲ୍ଲେଖ ରହିଛି। ଶ୍ରଦ୍ଧାପୂର୍ବକ ଶ୍ରାଦ୍ଧ କରାଗଲେ ପିତୃପୁରୁଷ ବର୍ଷକ ପର୍ଯ୍ୟନ୍ତ ତୃପ୍ତ ରହିଥାନ୍ତି ଏବଂ ପିତୃପୁରୁଷଙ୍କ ପ୍ରସନ୍ନତା କାରଣରୁ ବଂଶଜମାନେ ଦୀର୍ଘାୟୁ, ସମ୍ପନ୍ନ, ଧନ, ବିଦ୍ୟା, ସୁଖ ଏବଂ ମୋକ୍ଷ ପ୍ରାପ୍ତି କରିଥାନ୍ତି। ମାର୍କଣ୍ଡେୟ ପୁରାଣ ଏବଂ ବାୟୁ ପୁରାଣରେ କୁହାଯାଇଛି ଯେ ଯେକୌଣସି ପରିସ୍ଥିତିରେ ପୂର୍ବଜଙ୍କ ଶ୍ରାଦ୍ଧ ବନ୍ଦ କରିବା ଉଚିତ୍ ନୁହେଁ। ବ୍ୟକ୍ତି ନିଜର ସାମର୍ଥ୍ୟ ଅନୁସାରେ ଶ୍ରାଦ୍ଧ କରିବା ବିଧେୟ। ସମସ୍ତ ପ୍ରକାରର ଶ୍ରାଦ୍ଧ ଏହି ପିତୃପକ୍ଷରେ କରାଯିବା ବିଧେୟ। ଶ୍ରାଦ୍ଧରେ କୁଶ ଏବଂ ରାଷିର ଉପଯୋଗ କରାଯାଇଥାଏ। କୁଶକୁ ଜଳ ଏବଂ ବନସ୍ପତିମାନଙ୍କ ମଧରେ ସାର ବା ଉତ୍ତମ ବୋଲି ଗ୍ରହଣ କରାଯାଇଛି। ବୈଦିକ କାଳରୁ ଶ୍ରାଦ୍ଧର ସୃଷ୍ଟି। ବସୁ, ରୁଦ୍ର ଏବଂ ଆଦିତ୍ୟ ହେଉଛନ୍ତି ଶ୍ରାଦ୍ଧର ଦେବତା। ଶ୍ରାଦ୍ଧ ପାଇଁ ମାଟି ହାଣ୍ଡିରେ ଅନ୍ନ ରୋଷେଇ କରାଯାଏ। ପିତୃପୁରୁଷଙ୍କୁ ତିଳ (ରାଷି) ତର୍ପଣ କରାଯାଇ ମାଟିହାଣ୍ଡିର ଅନ୍ନକୁ ପିଣ୍ଡ ଆକାରରେ ଅର୍ପଣ କରାଯାଏ।

ପ୍ରତି ବ୍ୟକ୍ତିଙ୍କର ତିନି ପୂର୍ବଜ ଯଥା ପିତା, ପିତାମହ, ପ୍ରପିତାମହଙ୍କୁ ବସୁ, ରୁଦ୍ର ଓ ଆଦିତ୍ୟ ବୋଲି ଗ୍ରହଣ କରାଯାଏ। ଶ୍ରାଦ୍ଧ ସମୟରେ ଏମାନଙ୍କୁ ଅନ୍ୟ ସମସ୍ତ ପୂର୍ବଜମାନଙ୍କର ପ୍ରତିନିଧି ବୋଲି ମଧ କୁହାଯାଏ। ମାନ୍ୟତା ରହିଛି ଯେ ନୀତି ଅନୁସାରେ କରାଯାଉଥିବା ଶ୍ରାଦ୍ଧ କର୍ମରେ ତୃପ୍ତ ହୋଇ ପୂର୍ବଜମାନେ ବଂଶଧରମାନଙ୍କୁ ସୁଖ-ସମୃଦ୍ଧି ଏବଂ ସ୍ୱାସ୍ଥ୍ୟ ବୃଦ୍ଧି ପାଇଁ ଆଶୀର୍ବାଦ ଦେଇଥାନ୍ତି। ଶ୍ରାଦ୍ଧ କର୍ମରେ ଉଚ୍ଚାରିତ ମନ୍ତ୍ର ସମସ୍ତ ପିତୃପୁରୁଷଙ୍କୁ ସନ୍ତୁଷ୍ଟ କରିଥାଏ। ଉପନିଷଦରେ କୁହାଯାଇଛି ଦେବତା ଏବଂ ପିତୃପୁରୁଷଙ୍କ କାର୍ଯ୍ୟରେ ବିଳମ୍ବ କରାଯିବା ଉଚିତ୍ ନୁହେଁ। ଶ୍ରାଦ୍ଧରେ ଖୀର ଏବଂ ଦହିର ଉପଯୋଗ ସର୍ବାଦୌ ବିଧେୟ। ରାଷିକୁ ଦେବ ଅନ୍ନ ବୋଲି କୁହାଯାଏ ଓ ଏହାର ଉପଯୋଗରେ ହିଁ ପିତୃପୁରୁଷ ସନ୍ତୋଷ ଲାଭ କରିଥାନ୍ତି। କୁଆକୁ ପିତୃପୁରୁଷଙ୍କ ବାହକ ବୋଲି ଗ୍ରହଣ କରାଯାଇଛି। ମାନ୍ୟତା ଅଛି ଯେ ଶ୍ରାଦ୍ଧ ଗ୍ରହଣ କରିବା ପାଇଁ ପିତୃପୁରୁଷଙ୍କ ପାଇଁ କୁଆ ଆସି ପହଞ୍ଚିଥାଏ। ଏଥିପାଇଁ ଶ୍ରାଦ୍ଧର ପ୍ରଥମ ଅଂଶ କୁଆ ପାଇଁ ରଖାଯାଇଥାଏ। ପିତୃପୁରୁଷଙ୍କ ଶ୍ରାଦ୍ଧ ପାଇଁ କୃଷ୍ଣପକ୍ଷ ସର୍ବୋତ୍ତମ। ଅମାବାସ୍ୟାରେ କରାଯାଉଥିବା ଶ୍ରାଦ୍ଧ, ତର୍ପଣ, ପିଣ୍ଡଦାନ ପିତୃପୁରୁଷଙ୍କୁ ସନ୍ତୁଷ୍ଟ କରିଥାଏ।


+ରାମଚନ୍ଦ୍ରପୁର
ରଣପୁର
ମୋ:୯୪୩୮୪୮୫୦୯୪


# ପୋଷାକ ସଂସ୍କୃତିର ପରିଚୟ



## ପ୍ରଣତି ଆଚାର୍ଯ୍ୟ ମିଶ୍ର

ଆଜିକାଲି ବଦଳୁଥିବା ସଂସ୍କୃତି ଓ ଆଧୁନିକ ପୋଷାକକୁ ନେଇ ଖୋଲାଖୋଲି ଚର୍ଚ୍ଚା ହେଉଛି । ଗୋଟିଏ ପଟେ ବସ୍ତ୍ର ନିର୍ମାତା ଓ ପରିଧାନକାରୀ ମାନେ ପୂର୍ବ ଶୃଙ୍ଖଳାଠାରୁ ଭିନ୍ନ କଳାକୃତି ବାହାନାରେ ନୂଆ ନୂଆ ଜିନିଷ ପ୍ରଦର୍ଶନ କରୁଥିବା ବେଳେ ଅନ୍ୟପଟେ ଏଭଳି ପୋଷାକ ପିନ୍ଧିବାକୁ ବାରଣ। ଅନେକ ସ୍ଥାନରେ, ସେଠାରେ କିପରି ପୋଷାକ ପିନ୍ଧିବେ ସେ ନେଇ ଏକ ଘୋଷଣା-ଅଘୋଷିତ ନିର୍ଦ୍ଦେଶନାମା ଜାରି ହୋଇଛି। ଅତୀତରେ ମଧ ଏଭଳି ଘଟଣା ଘଟିଛି, ଯେତେବେଳେ ଶୃଙ୍ଖଳା ବଜାୟ ରଖିବା ପାଇଁ ଏକ ପ୍ରକାର ପୋଷାକକୁ ନିୟମ ପରିସରରେ ରଖାଯାଇଥିଲା। ସମସ୍ତେ କୁହନ୍ତି ବଢୁଥିବା ସମୃଦ୍ଧି ପୋଷାକ ପିନ୍ଧିବାର ଶୈଳୀକୁ ବଦଳାଇ ଦେଇଛି। ବର୍ତ୍ତମାନ ସେଲିବ୍ରେଟି ମାନେ କିପରି ପୋଶାକ ପିନ୍ଧିବେ ତାହା ଫ୍ୟାଶନ ଜଗତର ମ୍ୟାନେଜିଂ ଡାଇରେକ୍ଟରମାନେ ସ୍ଥିର କରନ୍ତି। ସୃଜନଶୀଳତା ଓ ଅଭିନବ ଶୈଳୀ ନାଁରେ ଏଭଳି ଅନେକ ବସ୍ତ୍ର ବଜାରରେ ଉପଲବ୍ଧ ଯାହାକୁ ଶାଳୀନତାର ବିପରୀତ ବୋଲି କୁହାଯାଏ। ତେବେ ବ୍ୟକ୍ତିଗତ ସ୍ୱାଧୀନତାର ବାହାନାରେ ହେଉ ବା ଫେସନ୍ ଦୁନିଆକୁ ଆପଣାଇ ଅନେକ ଲୋକ ନିଜ ପସନ୍ଦ ଅନୁସାରେ ପୋଷାକ ପିନ୍ଧୁଛନ୍ତି । କିନ୍ତୁ ଏହି କ୍ରମରେ ଯାହା ଘଟୁଛି ତାହା ସଂସ୍କୃତିକୁ, ପରମ୍ପରା କୁ ଆଖିଠାର ମାରୁଛି । ଏକ ନୂଆ ସଂସ୍କୃତି ସୃଷ୍ଟି ହୋଇଛି, ଯେଉଁଥିରେ ଲୋକଙ୍କ ମନକୁ ମୋହେ ଆଧୁନିକତାର ନା'ରେ ଅଶ୍ଲୀଳତା। ଏବେ ବଜାର ଯାହା ପିନ୍ଧିଛି ତାହା ଲୋକେ ପିନ୍ଧୁଛନ୍ତି। ଏହି ପସନ୍ଦ ଏବେ ବଜାର ଟ୍ରେଣ୍ଡ ଉପରେ ନିର୍ଭରଶୀଳ ହେବାରେ ଲାଗିଛି। ମନୋରଞ୍ଜନ ନାମରେ ମୁକ୍ତତା ଅନେକ ସମୟରେ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ଏହି ପ୍ରସଙ୍ଗରେ ସୋସିଆଲ ମିଡିଆରେ ଲୋକମାନେ ସେମାନଙ୍କ ପରିପ୍ରେକ୍ଷୀରେ ବିଶ୍ଲେଷଣ କରିବା ପରିବର୍ତ୍ତେ ଅତ୍ୟଧିକ ଯୁକ୍ତି ଯୁକ୍ତ ବିଷୟଗୁଡ଼ିକୁ ଉତ୍ତେଜିତ କରିବା ପାଇଁ ଅଧିକ କାମ କରନ୍ତି । ଆମେମାନେ ଏକପ୍ରକାର ପିଙ୍ଗଳବର୍ଣ୍ଣ ଇଂରେଜ ହୋଇଯାଇଛୁ ଏବଂ ଆମ୍ଭମାନଙ୍କ ପ୍ରାଚୀନ ସଂସ୍କୃତିକୁ ଅଦରକାରୀ ଭାବି ଆବର୍ଜନା କୁଣ୍ଡକୁ ଫିଙ୍ଗି ଦେଇଛୁ। ପାଶ୍ଚାତ୍ୟ ପୋଶାକ ଦେଶର ସବୁ କ୍ଷେତ୍ରକୁ ଗ୍ରାସ କରିଗଲାଣି। ଏହାକୁ ନିୟନ୍ତ୍ରଣ କରା ନ ଗଲେ ଆମର ସ୍ୱତନ୍ତ୍ରତା ଓ ଅସ୍ତିତ୍ୱ ଲୋପ ପାଇବ। ଏବେ ଘରେ ଘରେ ସାଧାରଣ ଲୋକଙ୍କ ପୋଷାକ ଉପରେ ମଧ ଆଧୁନିକ ପରିଧାନର ପ୍ରଭାବ। କିଛି ସଂସ୍ଥାରେ ଏହାକୁ ବାରଣ କରାଯାଇଛି ଓ କୌଣସି କାରଣ ନଥାଇ ଅନେକ ବ୍ୟବସାୟିକ ଅନୁଷ୍ଠାନର ମ୍ୟାନେଜମେଣ୍ଟ ପକ୍ଷରୁ ଅଫିସ କାମ ସମୟରେ ସାଦା ପୋଷାକ ପିନ୍ଧିବାକୁ ନିର୍ଦ୍ଦେଶ ଦିଆଯାଉଛି। ଆଗରୁ ଆମେ ପ୍ରତିଦିନ ଘରେ ପିନ୍ଧିଥିବା ପୋଷାକ ସବୁସ୍ଥାନରେ ପିନ୍ଧୁନଥିଲେ, କିନ୍ତୁ ଏବେ ଏହାକୁ ଯେକୌଣସି ସ୍ଥାନରେ ପିନ୍ଧିବାକୁ ସଂଙ୍କୋଚ ଲାଗୁନି ।ପୂର୍ବରୁ ଘରେ ଯେଉଁ ପୋଷାକ ପିନ୍ଧିଥିଲେ ମଧ ଘରୁ ବାହାରିବା ସମୟରେ ସମସ୍ତେ ଭଲ ପୋଷାକ ପିନ୍ଧୁଥିଲେ। ଏହା ଏକ ବିଶେଷ ପ୍ରଭାବ ସୃଷ୍ଟି କରୁଥିଲା ଏବଂ ଏକ ପ୍ରକାରରେ ଶୃଙ୍ଖଳା ବଜାୟ ରଖିଥିଲା । କିନ୍ତୁ ଆଜିକାଲି ଘର ବାହାରେ ସବୁଠି ଶୋଇବା ସମୟରେ ପିନ୍ଧିଥିବା ପୋଷାକ ସର୍ବସାଧାରଣ ସ୍ଥାନ କିମ୍ବା ବଜାରରେ ମଧ ଦେଖିବାକୁ ମିଳେ । ଆରାମ ଓ ସୁବିଧା ପାଇଁ ଘରେ ପିନ୍ଧିଥିବା ଟ୍ରାଉଜରକୁ ଏବେ ଅନେକ ଆନୁଷ୍ଠାନିକ ଅବସରରେ ଲୋକେ ପିନ୍ଧିଥାନ୍ତି। ପରିଧାନ ସଂସ୍କୃତିକୁ ପରିଚୟ ପ୍ରଦାନ କରେ। ତେଣୁ ପ୍ରତ୍ୟେକ ଅବସର ପାଇଁ ଭିନ୍ନ ଭିନ୍ନ ପୋଶାକ ଆମ ଦେଶର ନିଦର୍ଶନ। ଯେକୌଣସି ଅବସର କିମ୍ବା ପରିବେଶ ଅନୁଯାୟୀ ପୋଷାକ ପିନ୍ଧିବା ସର୍ବଦା ଏକ ଟ୍ରେଣ୍ଡ ରହିଆସିଛି । ଅନେକ ପୂଜାସ୍ଥଳୀରେ ମହିଳାମାନେ ନିଜ ମୁଣ୍ଡକୁ ଓଢଣୀରେ ଘୋଡ଼ାଇ ରଖିବା ଏବଂ ପୁରୁଷମାନେ ମୁଣ୍ଡକୁ ରୁମାଲରେ ଢାଙ୍କିବା ପ୍ରଥା ଏବେ ବି ଚାଲିଛି। କିନ୍ତୁ ବ୍ୟବସାୟ ଅନୁଯାୟୀ ହାଲୁକା ପୋଷାକ ଉପଯୁକ୍ତ ବୋଲି ବିବେଚନା କରାଯାଏ । କିଛି ଦିନ ତଳେ ଜଣେ ଛାତ୍ରୀ ପିନ୍ଧିଥିବା ପୋଷାକ ଯୋଗୁଁ ତାଙ୍କୁ ପରୀକ୍ଷା କେନ୍ଦ୍ର ଭିତରକୁ ଯିବାକୁ ବାରଣ କରାଯାଇଥିଲା। କୌଣସି ପ୍ରକାରେ ସମସ୍ୟାର ସମାଧାନ ହୋଇଥିଲା। ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ସେମାନଙ୍କ ପୋଷାକ ଉପରେ କୌଣସି ନିୟମ ଲାଗୁ ହେବ ନାହିଁ। କିନ୍ତୁ ଏହି ଘଟଣା ପରେ 'ଡ୍ରେସ୍ କୋଡ୍' ଏବଂ ସମୟ ଓ ସ୍ଥାନ ଅନୁଯାୟୀ ପୋଷାକ ପିନ୍ଧିବାର ବିବେକକୁ ନେଇ ବିତର୍କ ଆରମ୍ଭ ହୋଇଥିଲା। ଅନ୍ୟାନ୍ୟ ଘଟଣା ମଧ ଅଛି ଯାହା ଦର୍ଶାଏ ଯେ କୌଣସି ନିର୍ଦ୍ଦିଷ୍ଟ ପୋଷାକରେ କର୍ମଚାରୀ କିମ୍ବା ଛାତ୍ରଛାତ୍ରୀଙ୍କ ଆଗମନ ଅନୁଷ୍ଠାନ କିମ୍ବା ଗୋଷ୍ଠୀର ପରିଚାଳନା ଦ୍ୱାରା ନିର୍ଦ୍ଧାରଣ କରାଯାଏ। ଆମେ ବିଦେଶୀ ପୋଶାକକୁ ଆପଣାଇ ଥିବା ବେଳେ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଆମ ସଭ୍ୟତା ଏତେ ଆକୃଷ୍ଟ କରେ ଯେ ସେମାନେ ଭାରତୀୟ ପୋଶାକ ପରିଧାନ କରୁଥିବା ଦେଖିବାକୁ ମିଳୁଛି। କିଛି ଦିନ ତଳେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଓ ତାଙ୍କ ପତ୍ନୀଙ୍କ ପୋଶାକ ପରିଧାନ ଅନେକ ଚର୍ଚ୍ଚାର କାରଣ ପାଲଟିଥିଲା।

ଆମର ସାର୍ବଜନୀନ ଜୀବନ ଫ୍ୟାସନ ଦୁନିଆ ଏବଂ ବଜାରର ଏକ ଅଂଶ। ପାରିବାରିକ ରୀତିନୀତି ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ, ଯେଉଁଠାରେ ପୋଷାକ ବିଷୟରେ କିଛି ଜିନିଷ ମଧ ପରମ୍ପରା ଭାବରେ ବିକଶିତ ହୁଏ। ଏହି ପରିସ୍ଥିତି ଏବଂ ବଦଳୁଥିବା ଫ୍ୟାସନ ଦ୍ୱାରା ପ୍ରଭାବିତ ହୋଇ ମଧ ସେମାନେ ନିଜ ପୋଷାକକୁ ଭଲ ରଖନ୍ତି । ଆମେ କେଉଁ ପୋଷାକ ପିନ୍ଧିବା ତାହା ବୁଝିବା ଦରକାର, ଫ୍ୟାସନ ଏବଂ ଦେଖାଶୁଣା ଦୌଡ଼ରେ ନିଜର ସଂସ୍କୃତି ସଭ୍ୟତା କୁ ଭୁଲିବା ଗ୍ରହଣୀୟ ନୁହେଁ। ଆଜିର ଯୁଗରେ ପୋଷାକ ଦୃଷ୍ଟିରୁ ସାମାଜିକ ପରିବେଶକୁ ଦୃଷ୍ଟିରେ ରଖି ସାଧାରଣ ଜ୍ଞାନ ଓ ଆତ୍ମଶାସନର ଉତ୍ତମ ସମନ୍ୱୟ ରହିବା ଅତ୍ୟନ୍ତ ଜରୁରୀ, ଯାହାଦ୍ୱାରା କେହି ନିଜକୁ ଚାପ ଅନୁଭବ କରିବେ ନାହିଁ ଏବଂ ତାଙ୍କ ସମ୍ମାନ ମଧ ବଜାୟ ରହିବ ।ଆଜି ସାରା ଦେଶରେ ସେହି ଗୋଟିଏ ଚର୍ଚ୍ଚା, ଭାରତୀୟ ସଂସ୍କୃତି ସୁରକ୍ଷିତ ହୋଇ ରହିବ ନା ଆମେ ସମସ୍ତେ ବିଦେଶୀ ହୋଇଯିବା।


ନୟାଗଡ଼
ମୋ: ୯୪୩୭୬୪୨୯୪୭





## କବିତା ପାଇଁ ଲୁହ

### ତପନ ସାହୁ

ଦିନ ଥିଲା ଶବ୍ଦ ସବୁ ସକାଳର କଅଁଳ
ଖରା ପାଇ
ଫୁଲ ହୋଇ ଫୁଟୁ ଥିଲେ,
କେବେ ପୁଞ୍ଜା ପୁଞ୍ଜା ତାରା ପରି
ଝଲସୁ ଥିଲେ ।

ପ୍ରେମିକା ଗୋଟାପଣେ ଧାଡ଼ିରେ
ଧାଡ଼ିରେ
ଝରି ଯାଉଥିଲା ଝରଣା ହୋଇ ।

ଦୂର ଦିଗବଳୟକୁ ଦେଖିଲେ
ଶବ୍ଦ ସବୁ ଚଢ଼େଇ ପରି ଉଡ଼ି
ଯାଉଥିଲେ
ଆକାଶର ଛାତି ଚିରି ।

ସମୁଦ୍ରକୁ ପିଠି କରି
ଲେଖି ହେଉଥିଲା ଢେଉ ଓ
ଚୋରାବାଲିର
ପ୍ରେମ କାହାଣୀ ।

ପ୍ରେମିକାର ହଳେ ଆଖି,
କଳା ଜାଇ,
କପୋଳକୁ ଛୁଉଁଥିବା ଚୂର୍ଣ୍ଣ କୁନ୍ତଳ,
କାନର ଝୁମୁକା
ସବୁ ଶବ୍ଦର ରୂପ ନେଇ ଉତୁରି
ଆସୁଥିଲେ
କଲମ ଧରୁ ଧରୁ...

ବିଶ୍ୱାସ କର କିଛି ଦିନ ହେଲା
ଆଉ ଲେଖି ହେଉନି କବିତା ବୋଲି
ଆଖିରୁ ଝରି ଯାଉଛି ଲୁହ...

ମୁଁ ସବୁବେଳେ କୁହେ
ତୁମଠୁ କବିତା - କବିତା ଠୁ ତୁମେ
ଏବେ ତୁମେ ନାହଁ ବୋଲି
ଶବ୍ଦ ସବୁ ମୋ ଭାବନାର ନୀଳ
ଆକାଶରୁ
ଏକା ଥରେ ଫେରାର....!


ବେଲଗାଁ, ମ. ରାମପୁର
କଳାହାଣ୍ଡି,
ମୋ:୯୦୧୯୩୧୧୮୬୮


## କେହିଜଣେ

### ରମାକାନ୍ତ ଦାସ



କେହିଜଣେ....
ନିତି ଆସେ ମୋ ସ୍ୱପ୍ନରେ
ପ୍ରେମର ବର୍ଷା ଛିଞ୍ଚେ
ମରୁଡି ପଡ଼ିଯାଇଥିବା ମୋ ହୃଦୟରେ
ମୋ ଦରମଲା ମନକୁ ଜୀବିତ କରେ
ତା ପ୍ରେମର ପହିଲି ସ୍ପର୍ଶରେ ।

କେହିଜଣେ....
ମୋ ହୃଦୟ କାନଭାସ୍ ରେ
ନିତି ଆଙ୍କୁଥାଏ
ତାର ସେ ଅଭିମାନୀ ରୂପକୁ
ସାତ ରଙ୍ଗରେ ଭିଜାଏ ମତେ
ଛୁଏଁ ମୋ ତନୁ ମନକୁ ।

କେହିଜଣେ....
ଅସରନ୍ତି ସ୍ୱପ୍ନ ବୁଣିଦିଏ
ମୋ ନିଦୁଆ ଆଖିରେ
ପ୍ରେମର କାହାଣୀ ଲେଖେ
ତା ଆଖିର କଜଳରେ
ରଙ୍ଗୀନ୍ ହସ ଖେଳାଏ
ମୋ ନୀରବି ଯାଇଥିବା ଓଠରେ ।

କେହିଜଣେ....
ସାତ ରଙ୍ଗରେ ଭିଜାଏ ମତେ
ପ୍ରେମର ଫଗୁଣେ
ମୋ ଅନାବନା ଭାବନାରେ
ମତେ ବିଭୋର କରେ
ପ୍ରେମ ଏକ ନୂଆ ଫର୍ଦ୍ଦ
ସୃଷ୍ଟିକରେ ମୋ ହୃଦୟରେ ।

କେହିଜଣେ....
ମୋ ବିଦଗ୍ଧ ହୃଦୟେ ଭାବନା ରମେ
ମୋ ହୃଦୟକୁ ନିତି ଚୁମେ
ଜାଣେନା ସେ କିଏ
ଯାହାପାଇଁ ମୋ ହୃଦୟେ
ଅସରନ୍ତି ପ୍ରେମ ଜନ୍ମେ ।


ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ :୯୬୬୮୮୧୫୩୬୯


## ଥରେ ଦେଖି ଯାଅ ଗାନ୍ଧୀ

### କୀର୍ତ୍ତନ ସାହୁ



ଥରେ ଦେଖି ଯାଅ ଗାନ୍ଧୀ!
କେମିତି ବଞ୍ଚିଛି ମଣିଷ ଏଠି
କେଡ଼େ ଅସହାୟ
କେଡ଼େ ଅସ୍ଥିର ହୋଇ
ପାଦ ତାର ଯୋଉଠି ସେଇଠି
କେମିତି ସେ ନିର୍ବାକ
ପାଲଟି ଯାଇଛି
ପ୍ରତିକ୍ଷେତ୍ରେ ତାଡନା
ଲାଞ୍ଛନା ଶୁଣି ଶୁଣି

ଥରେ ତମେ ଦେଖି ଯାଅ ଗାନ୍ଧୀ!
କୁଟି ଖାଅ କାଟି ପିନ୍ଧ କେମିତି
ଆଜି ସ୍ୱପ୍ନ ହେଇ ଝୁଲୁଛି
ବାସ୍ତବତା କାହିଁ କେତେ ଦୂରେ
ଲଟକି ରହିଛି
ପରିବେଶ ପରିସ୍ଥିତି
ତାକୁ ବାଧ୍ୟ କରିଛି
ଏକ ସ୍ଥାଣୁ
ନିର୍ଜୀବ ପାଲଟି ଯିବାକୁ
ବଞ୍ଚିବାର ମୋହ ତାର
ଗଣ୍ଡେ ଦାନା ଯାଉ ପେଟକୁ
ଖଣ୍ଡେ ଲୁଗା ମିଳୁ ଅଂଟାକୁ
ବିନା ପରିଶ୍ରମରେ ବିନା ମୂଲ୍ୟରେ
ସେ କର୍ମ ହୀନ ଯୋଗୀ ପାଲଟିଛି !

ଥରେ ତମେ ଦେଖି ଯାଅ ଗାନ୍ଧୀ!
ତମ ଗଢା ରାଇଜରେ
ସ୍ୱାଧୀନତାର ସଂଜ୍ଞା
କେମିତି ବଦଳି ଯାଇଛି
ହଜି ଯାଇଛି ତାର ମୂଳ ମନ୍ତ୍ର
ତାକୁ ସଜେଇ ଦିଆ ଯାଇଛି
ଏକ ଚାବି ଦିଆ ଯନ୍ତ୍ର
ସେ ଆଙ୍ଗୁଠିର ଇଙ୍ଗିତରେ ପରିଚାଳିତ
ସେ ନିଜକୁ ଚିହ୍ନେନା
ତାର ଇଚ୍ଛା ବୋଲି କିଛି ନାହିଁ
ସେ କେବଳ ଇସାରାରେ
ଉଠିବ ବସିବ
ସିଏ ପଞ୍ଜୁରୀ ଆବଦ୍ଧ ଶୁଆ

ଥରେ ତମେ ଦେଖି ଯାଅ ଗାନ୍ଧୀ!
ଏଇ କଣ ତମ ସ୍ୱପ୍ନର ଦେଶ
ସବୁ ଆଦର୍ଶର ମହାଭାବ
ସୁନାର ଭାରତ
ନାରୀଟିଏ ଏକୁଟିଆ ନିର୍ବିଘ୍ନରେ
ରାତ୍ରୀରେ ଯିବାର ମୁହୂର୍ତ୍ତ
ରାଗ ହିଂସା ଦ୍ୱେଷ ଭୁଲି
ପ୍ରତିକ୍ଷେତ୍ରେ ଭାଇ ଭାଇର ଭାବ
ସଞ୍ଚରି ଯିବାର ସମୟ!

ହେ ମହା ମାନବ ଗାନ୍ଧୀ
ଥରେ ତମେ ଓହ୍ଲାଇ ଆସ
ବୁଣି ଦିଅ ପୁଣି ଥରେ
ସେ ମୋହନ ମନ୍ତ୍ର
ଖେଳି ଯାଉ ପ୍ରତିଟି ସ୍ପନ୍ଦନେ
ପ୍ରେମ ଶିହରଣ
ଜାଗି ଉଠୁ ଆତ୍ମ ସ୍ୱାଭିମାନ
ସେ ନିଜକୁ ଚିହ୍ନି ଯାଉ
ମଣିଷ ହୋଇ ମଣିଷ ପରି ବଞ୍ଚୁ
ପୁଣି ଭରି ଉଠୁ ରାମ ରାଜ୍ୟର
ବାତାବରଣ ସାରାଟା ଦେଶରେ ।


ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧

# ଶାଢ଼ୀ ପିନ୍ଧି ବି କୁସ୍ତି



ଶାଢ଼ି ଭାରତୀୟ ମହିଳାଙ୍କ ପାରମ୍ପରିକ ପରିଧାନ। କିନ୍ତୁ ଆଜିକାଲି ଶାଢ଼ି ମହିଳାମାନଙ୍କ ପାଇଁ ପ୍ରାଥମିକତା ହୋଇ ରହିନି। ଶାଢ଼ି ଅପେକ୍ଷା ମହିଳାମାନେ ସାଲୱାର କମିଜ, ଜିନ୍ସ ଆଦିରେ ନିଜକୁ ଅଧିକ ସୁରକ୍ଷିତ ବା କମ୍ଫର୍ଟେବଲ ମନେ କରୁଛନ୍ତି। କିନ୍ତୁ ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌ ନିକଟରେ ଥିବା ଗୋସାଇଗଞ୍ଜର ଅହିମମଉ ଗାଁର ମହିଳାମାନେ ଶାଢ଼ି ପିନ୍ଧି କୁସ୍ତି କରିବାକୁ ବି ଡରନ୍ତି ନାହିଁ। ପ୍ରତିବର୍ଷ ନାଗ ପଞ୍ଚମୀର ପରଦିନ ଏଠାରେ ମହିଳାମାନେ କୁସ୍ତି କରିବାର ପରମ୍ପରା ରହିଛି। ଆଖାପାଖ ୧୫ ଟି ଗାଁର ମହିଳା ଓ ଝିଅମାନେ ଏହି କୁସ୍ତି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥାନ୍ତି। ଲୋକଗୀତର ତାଳେ ତାଳେ ମହିଳାମାନେ କୁସ୍ତି ଲଢ଼ିଥାନ୍ତି।

ଗତ ପାଞ୍ଚଦଶକ ହେଲା କୁସ୍ତି ପ୍ରତିଯୋଗିତାରେ ଭାଗ ନେଇ ଆସୁଥିବା ୮୦ ବର୍ଷୀୟ ରାମକଲି କୁହନ୍ତି, ଲୋକଗୀତ ଏହି କୁସ୍ତି ପ୍ରତିଯୋଗିତାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। କୁସ୍ତି କରୁଥିବା ମହିଳାଙ୍କୁ ପ୍ରୋତ୍ସାହିତ କରିବାକୁ ସମସ୍ତେ ମିଶି ଏହି ଗୀତ ବୋଲିଥାଉଁ। କୁସ୍ତି ପ୍ରତିଯୋଗିତାରେ ବୁଢ଼ୀମାନେ ବି ଅଂଶ ଗ୍ରହଣ କରିଥାନ୍ତି। ୭୫ବର୍ଷୀୟା ରାମ ଦୁଲାରୀ ଏବେବି ପ୍ରତିଯୋଗିତାରେ ଚାମ୍ପିଅନ ହୋଇଛନ୍ତି। ତାଙ୍କ ଠାରୁ ବହୁ ସାନ ସାନ ଝିଅଙ୍କୁ ହରାଇବାକୁ ତାଙ୍କୁ ବେଶୀ ସମୟ ଲାଗିନଥାଏ।

କୁସ୍ତି ଲଢ଼ିବା ପାଇଁ ଏମାନେ କୌଣସି ପ୍ରଶିକ୍ଷଣ ନେଇ ନଥାନ୍ତି। ନିଜ ନିଜ ମା', ଜେଜେମା'ଙ୍କ ଠାରୁ ଯେଉଁ କଳା ଶିଖିଛନ୍ତି ସେଥିରେ ହିଁ ଏଥିପାଇଁ ନିଜକୁ ପ୍ରସ୍ତୁତି କରିଥାନ୍ତି। ଯୁବପିଢ଼ିଙ୍କ ମଧ୍ୟରେ ବି ଏହି ପାରମ୍ପରିକ ପ୍ରତିଯୋଗିତା ପାଇଁ ଆକର୍ଷଣ କମିନି। ୧୬ ବର୍ଷ ବୟସରୁ ଅଧିକ ବୟସ୍କ ଝିଅମାନେ ବି ଏଥିରେ ଭାଗ ନେଇଥାନ୍ତି। କାର୍ଯ୍ୟକ୍ରମ ଆୟୋଜନ କରୁଥିବା ଟିମର ଜଣେ ସଦସ୍ୟା ଶିବାନୀ କୁହନ୍ତି, ମୁଁ ପିଲାଦିନରୁ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଆସୁଛି। କିନ୍ତୁ ଗତ ଚାରିବର୍ଷ ହେଲା କାର୍ଯ୍ୟକ୍ରମ ଆୟୋଜନରେ ବ୍ୟସ୍ତ ରହୁଥିବାରୁ କୁସ୍ତି ଲଢ଼ିବାକୁ ସୁଯୋଗ ପାଉନି।

ଏହି କୁସ୍ତି ପ୍ରତିଯୋଗିତାର ବିଶେଷତଃ ହେଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ସ୍ଥାନର ଆଖପାଖକୁ ବି କୌଣସି ପୁରୁଷଙ୍କୁ ଆସିବାକୁ ଅନୁମତି ନଥାଏ। ପୋଲିସ ବି ଏଥିପାଇଁ କଡ଼ା ବ୍ୟବସ୍ଥା କରିଥାଏ। ଏପରିକି ଛୋଟ ଛୋଟ ପୁଅଙ୍କୁ ବି ପ୍ରତିଯୋଗିତା ଦେଖିବାକୁ ଅନୁମତି ନଥାଏ।

## ସପିଂ ପାଇଁ ସ୍ପେଶାଲ ସାଇକେଲ




ଲୋକେ ଦାମୀ ଗାଡ଼ିରେ ବୁଲିବା ସହ ସପିଂ ମଲରେ ନିୟମିତ ଭାବେ ସପିଂ କରିବାକୁ ଉତମ ଜୀବନଶୈଳୀ ଭାବେ ଅଧିକାଂଶ ଭାରତୀୟ ବଖାଣି କରିଛନ୍ତି। ପରିବେଶ ସଚେତନତା ବାବଦରେ ଖୁବ କମ ଭାରତୀୟ ସଚେତନ ବୋଲି ପ୍ରକାଶ। ସର୍ବେକ୍ଷଣରୁ ଜଣାପଡ଼ଚି ୩%ରୁ କମ ଭାରତୀୟ ନାଗରିକ ପରିବେଶ ପ୍ରଦୂଷଣ ବାବଦରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏପରିକି କେତେକ ବର୍ଗର ଲୋକେ ମଧ୍ୟ ପ୍ରଦୂଷଣରୁ ବର୍ତିବା ପାଇଁ ଗାଡ଼ି ମଟର ବଦଳରେ ସାଇକେଲରେ ଯାଆସ କରୁଛନ୍ତି। ଆମ ରାଷ୍ଟ୍ର ତୁଳନାରେ କିନ୍ତୁ ବିଦେଶୀ ରାଷ୍ଟ୍ର ଏ ବାବଦରେ ଖୁବ୍ ସଚେତନ। ନିକଟରେ ସ୍ୱିଡ଼େନର ଏକ କମ୍ପାନୀ ସେଠାକାର ଲୋକଙ୍କ ସପିଂ କାର୍ଯ୍ୟକୁ ସୁବିଧା ତଥା ସହଜରେ ଶେଷ କରିବା ନିମନ୍ତେ ସପିଂ ସାଇକେଲ ତିଆରି କରିଛି। ସାଇକେଲ ପଛରେ ଖୁବ ହାଲୁକା ସପିଂ ବାସ୍କେଟ ଖଞ୍ଜା ହୋଇରହିଛି।। ସପିଂ ମଲରେ ପ୍ରବେଶ କରିବା ପରେ ସେଠାକାର ବାସ୍କେଟ ବ୍ୟବହାର ନକରି ବରଂ ସାଇକେଲ ଖଞ୍ଜା ହୋଇଥିବା ସପିଂ ବାସ୍କେଟକୁ ସହଜରେ ବାହାର କରି ମଲ ଭିତରକୁ ନେଇହେବ। ଏହି ସପିଂ ମଲ ବିଶେଷ ସାଇକେଲର ମୂଲ୍ୟ ୧୩ ହଜାର ଟଙ୍କା ଧାର୍ଯ୍ୟ ହୋଇଛି।

# କମ୍ ବୟସରୁ ଚନ୍ଦାପଣର ଶିକାର ହେଉଛନ୍ତି କି ? ପ୍ରତିଦିନ କରନ୍ତୁ ଏଭଳି କାମ, ଦେଖାଯିବନି ଚନ୍ଦାପଣର ସମସ୍ୟା

**ବୟସ ବଢିବା ସଙ୍ଗେ ସଙ୍ଗେ ଶରୀରରେ ବିଭିନ୍ନ ପ୍ରକାର ପରିବର୍ତ୍ତନ ଦେଖାଯାଏ । ଶରୀରରେ ମେଟାବଲିଜମର ମାତ୍ରା ବଢିଥାଏ । ଭାରତରେ ପ୍ରତି ୨ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣଙ୍କ ମଧ୍ୟରେ ଚନ୍ଦାପଣର ସମସ୍ୟା ଦେଖାଯାଏ । ଅକାଳରେ ଚୁଟି ଝଡିପଡ଼େ ଏବଂ ଚନ୍ଦାପଣର ଶିକାର ହେବାକୁ ପଡେ । କିନ୍ତୁ କମ୍ ବୟସରେ ଚନ୍ଦାପଣ ଗ୍ରାସ କରିବା ଏକ ବଡ଼ ସମସ୍ୟା । ତେବେ କିଛି ଟିପ୍ସ ଆପଣାଇ ଆପଣ ନିଜ ଚୁଟିର ଧ୍ୟାନ ରଖିପାରିବେ । ଏବେ ପ୍ରଶ୍ନ ଉଠୁଛି କାହିଁକି ଅଧିକ ଲୋକ ଏହି ଚନ୍ଦାପଣର ଶିକାର ହୁଅନ୍ତି ? ହର୍ମୋନାଲରେ ପରିବର୍ତ୍ତନ , ଶରୀରରେ ପୋଷକ ତତ୍ତ୍ୱର ଅଭାବ , କେମୋଥେରାପି କିମ୍ବା ଅତ୍ୟଧିକ ଔଷଧ ସେବନ ,ଚାପଗ୍ରସ୍ତ ,ଶୀଘ୍ର ଓଜନରେ ହ୍ରାସ,ଗମ୍ଭୀର ରୋଗ ଇତ୍ୟାଦି । ଏହା ଦ୍ୱାରା ଶରୀରରେ ମେଟାବଲିଜମର ମାତ୍ରା ବଢେ ଏବଂ ଚନ୍ଦାପଣର ସମସ୍ୟା ଦେଖାଯାଏ ।**



ଡ଼ାଇଟରେ ନିଅନ୍ତୁ ପ୍ରୋଟିନ୍ : ହେୟାର୍ ଗ୍ରୋଥ୍ ପାଇଁ ପ୍ରୋଟିନ୍ ନିହାତି ଜରୁରୀ । ଅଣ୍ଡା,ମାଛ , କମ୍ ଚର୍ବି ଥିବା ମାଂସରେ ପ୍ରୋଟିନର ମାତ୍ରା ଅଧିକ ଥାଏ । ଯାହା ଚୁଟି ବଢାଇବା ପାଇଁ ଲାଭଦାୟକ ହୋଇଥାଏ । ଖାଦ୍ୟରେ ଜରୁରୀ ଭିଟାମିନ୍ ସାମିଲ୍ କରନ୍ତୁ । ଭିଟାମିନ୍ ଏ ଚୁଟିମୂଳରେ ପ୍ରାକୃତିକ ତେଲ ବିକାଶ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ଭିଟାମିନ୍ ଇ ରକ୍ତ ସଞ୍ଚାଳନକୁ ବଢାଇଥାଏ । ବେଳେବେଳେ ଘରୋଇ ଉପଚାର ମଧ ଚୁଟି ବଢାଇବାରେ ସହାୟକ ହୋଇଥାଏ । ରସୁଣ ଏଥିପାଇଁ ଭଲ ମସାଜର୍ ହୋଇପାରେ । ରସୁଣ,ପିଆଜ,ଅଦାର ରସକୁ ଆପଣ ମୁଣ୍ଡରେ ମାଲିସ୍ କରିପାରିବେ । ରାତିରେ ମାଲିସ୍ କରି ସକାଳେ ଧୋଇପାରିବେ । ଆୟୁର୍ବେଦିକ ଡ଼ାକ୍ତରଙ୍କ କହିବାନୁସାରେ,ଏହା କରିବା ଦ୍ୱାରା ଆପଣଙ୍କ ଚୁଟି ପୁନର୍ବାର ବଢିଯିବ । ଆମେ ପ୍ରତିଦିନ ଖାଦ୍ୟ ଖାଇଲା ଭଳି ଚୁଟିକୁ ମଧ ଖାଦ୍ୟ ଦରକାର ଏବଂ ପ୍ରତିଦିନ କିଛି ଡ୍ରପ୍ ତେଲ ନେଇ ହାଲକା ହାଲକା ମସାଜ୍ କଲେ ରକ୍ତ ସଞ୍ଚାଳନ ହେବା ସହ ଚୁଟିର ଗ୍ରୋଥ୍ ମଧ ବଢିଥାଏ ।



ବଜାରରେ ଅନେକ ପ୍ରକାରର କ୍ୟାମିକାଲଯୁକ୍ତ ସାମ୍ପୁ ବିକ୍ରି ହେଉଛି । ବିଜ୍ଞାପନ ଆଳରେ ଯଦି ଏସବୁ ଆପଣ ଚୁଟିରେ ବ୍ୟବହାର କରୁଛନ୍ତି ତାହେଲେ ଚୁଟି ଝଡ଼ିବା ଭଳି ସମସ୍ୟା ହିଁ ଦେଖାଯିବ । ତେଣୁ ସାମ୍ପୁ କିଣିବା ପୂର୍ବରୁ ପ୍ରଥମେ ସାମ୍ପୁରେ ବ୍ୟବହୃତ ସାମଗ୍ରୀ ଉପରେ ନଜର ପକାନ୍ତୁ । ଜୋଜୋବା,ନଡ଼ିଆ ତେଲ ,ଅଲିଭ୍ ଅଏଲ୍ , ପ୍ରୋଟିନ୍ , ଆଲୋବେରା,କେଫିନ୍ ଭଳି ସାମଗ୍ରୀ ଥିଲେ ହିଁ ସାମ୍ପୁ କିଣନ୍ତୁ ।

୮ ରୁ ୯ ଘଣ୍ଟା ଶୁଅନ୍ତୁ : ନିସ୍ତେଜ ବା ଶୋଇବା ସମୟରେ ଆମ ଶରୀରର ମରାମତି କାମ କରିଥାଏ । ଗ୍ରୋଥ୍ ହର୍ମୋନ୍ , ସେଲ୍ ପ୍ରଡ଼କ୍ସନ୍ କରିବାରେ ସାହାଯ୍ୟ କରେ ଯାହାଦ୍ୱାରା ହେୟାର୍ ଗ୍ରୋଥ୍ ଶୀଘ୍ର ହୋଇଥାଏ ।

## ଏକ୍ସରେରେ ଜଣାପଡ଼ିଲା ଶରୀରରେ ମାଛ

କିଛିଦିନ ତଳେ ଚୀନର ଜଣେ ମହିଳାଙ୍କ ପେଟ ଅପରେସନରୁ ୨୦୦ ଗ୍ରାମର ଷ୍ଟୋନ ବାହାରିଥିଲା । ଡାକ୍ତର ଦଳ ୬ଘଂଟା ଏଥିପାଇଁ ପରିଶ୍ରମ କରିଥିଲେ। ତେବେ ଏହା ଏକମାତ୍ର ଅଶ୍ଚର୍ଯ୍ୟକର ଘଟଣା ନୁହେଁ। ଅନ୍ୟପ୍ରାନ୍ତରେ ମଧ୍ୟ ଏଭଳି ଅସୁବିଧା ଦେଖାଯାଇଛି। ଅଷ୍ଟ୍ରେଲିଆର ଜନୈକ ଯୁବକ ମାରିଓ ଷ୍ଟେନ ନିଜ ଘଟଣାକୁ ସୋସିଆଲ ସାଇଟରେ ପ୍ରକାଶ କରିଛନ୍ତି। କିଛିବର୍ଷ ତଳେ ସେ ଜଣେ ଶ୍ରମିକ ଭାବେ କାମ କରୁଥିଲେ। ଦିନକର କାମରେ ତାଙ୍କୁ ଜଣେ ଶିଳ୍ପପତିଙ୍କମାଛ ଟ୍ୟାଙ୍କ୍ ସଫାକ ରିବାକୁ ପଡ଼ିଲା। ଟ୍ୟାଙ୍କଟି ଖୁବ ବଡ଼ ହୋଇଥିବାରୁ ମାରିଓ ଏହା ଭିତରକୁ ଯାଇ ସଫା କରିଥିଲେ। ତେବେ ଗେଶଟିଏ ମାଛ ତାଙ୍କ ପାଟିରେ ଅଜାଣତରେ ପଶିଯାଇଥିଲା। ଏହା ପରେ ମାରିଓ ଖୁବ ଅସୁସ୍ଥ ହୋଇପଡ଼ିଥିଲେ। ଡାକ୍ତରଙ୍କ ପାଖରେ ବିଭିନ୍ନ ପରୀକ୍ଷା କରିବା ପରେ ଏକ୍ସରେ ଜନଣାପଡ଼ିଥିଲା ଯେ ତାଙ୍କ ଛାତି ପାଖେ ଛୋଟ ମାଛଟିଏ ଅଟକି ରହିଛି ମାରିଓ ନିଜେ ମଧ୍ୟ ଏହା ଜାଣି ଆଶ୍ଚର୍ଯ୍ୟ ହୋଇଥିଲେ। ତୁରନ୍ତ ତଅପରେସନ କରାଯାଇ ମାଛକୁ ବାହାର କରାଯାଇଥିଲା। ଏହି ଏକ୍ସରେ ଫଟୋକୁ ସେ ସୋସିଆଲ ସାଇଟରେ ସେୟାର କରିଛନ୍ତି।

## ନଖ ଦେଖି ସଚେତନ ହୁଅନ୍ତୁ



ପ୍ରତ୍ୟେକ ବ୍ୟକ୍ତି ନିଜ ନଖର ଆକାର କିମ୍ବା ରଙ୍ଗ ବଦଳିଲେ, ତତକ୍ଷଣାତ୍ ସଚେତନ ହେବା ଜରୁରୀ। ଏହା ବିଭିନ୍ନ ରୋଗର ସୂଚନା ଦେଇଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସାଧାରଣ ଲୋକଙ୍କୁ କେତୋଟି ଉପଦେଶ ଦେଇ ଏ ବାବଦରେ ସଚେତନ କରାଇଛନ୍ତି। ନଖ ଅଙ୍କାବଙ୍କା ହୋଇ ବଢ଼ିଲେ ସୋରିୟାସିସ ରୋଗ ହୋଇଥିବାର ଆଶଙ୍କା ଥାଏ। ନଖର ରଙ୍ଗ ଧଳା ହୋଇଗଲେ, ଯକୃତ ସମସ୍ୟା ଥିବାର ବିଶେଷଜ୍ଞ ପ୍ରକାଶ କରିଛନ୍ତି। ଅଧିକାଂଶଙ୍କର ନଖ ମଝିରୁ ଭାଙ୍ଗିଯାଏ। ଶରୀରରେ ବିଭିନ୍ନ ପୋଷକତତ୍ତ୍ୱ ଅଭାବରୁ ଏହି ଅସୁବିଧା ହୋଇଥାଏ। ଯଦି ନଖରେ କଳା ରଙ୍ଗ ଦେଖାଯାଏ, ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ। କାରଣ ଏହା ତ୍ୱଚା କର୍କଟର ସଙ୍କେତ। ଏନିମିୟା ରୋଗୀଙ୍କ ନଖ ମଧ୍ୟ ଦୁର୍ବଳ ବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି।

## ସ୍ମୃତି ଶକ୍ତି ବଢ଼ାଏ ଆଲକହଲ



ଆଲକହଲ ଶରୀର ପାଇଁ କ୍ଷତିକାରକ ହୋଇଥାଏ। କିନ୍ତୁ ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଏହି ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ବ୍ରିଟେନର ୟୁନିଭରସିଟି ଅଫ ଏକ୍ସିଟରପରୁ ନିକଟରେ ହୋଇଥିବା ଏକ ଗବେଷଣାରୁ ଏହା ଜଣାପଡ଼ିଛି। ୟୁନିଭରସିଟିପକ୍ଷରୁ ଦାବି କରାଯାଇଛି ଯେ ମଦ୍ୟପାନ କରିବା ପୂର୍ବରୁ ଯଦି କୌଣସି ସୂଚନା କିମ୍ବା ତଥ୍ୟ ମନେ ରଖିବାକୁ କୁହାଯାଇଥାଏ, ତାହା ଆଲକହଲ ପ୍ରଭାବରେ ସହଜରେ ମନେ ରହିଥାଏ। ତେବେ ଗବେଷକମାନେ କହିଛନ୍ତି ଯେ, ଅତ୍ୟଧିକ ମଦ୍ୟପାନ ଯୋଗୁଁ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡ଼ିଥାଏ। ଗବେଷକମାନେ ୧୮ରୁ ୫୩ବର୍ଷ ବୟସରେ ୮ଜଣ ଲୋକଙ୍କ ଉପରେ ଗବେଷଣା କରି ତଥ୍ୟ ଦେଇଛନ୍ତି। ଏହି ୮୮ଜଣଙ୍କ ମଧ୍ୟରୁ ୩୧ପୁରୁଷ ଓ ୫୭ ମହିଳା ଥିଲେ।



# ହେଲଥ୍ ଟିପ୍ସ : କେମିତି ହେବ ଭଲ ନିଦ ?

**ଆଜିର ବ୍ୟସ୍ତବହୁଳ ଓ ଇଣ୍ଟରନେଟ୍ ଯୁଗରେ ଭଲ ନିଦ ହେବା ଓ ଶାନ୍ତିର ଶୋଇବା ମଧ ଏକ ସମସ୍ୟା ପାଲଟିଗଲାଣି । ହେଲେ କ'ଣ କଲେ, କେଉଁ କେଉଁ ଦିଗ ପ୍ରତି ଧ୍ୟାନ ଦେଲେ ଆପଣଙ୍କୁ ଭଲ ନିଦ ହେବ, ସେଥିପ୍ରତି ଧ୍ୟାନ ଦେବା ଦରକାର । ଶୋଇବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ, ବିଳମ୍ବିତ ରାତି ଯାଏଁ ଚେଇଁ ନରହିବା ଏବଂ ଅନ୍ୟ କିଛି ବିଷୟ ପ୍ରତି ଦୃଷ୍ଟି ଦେଲେ ଭଲ ନିଦ ହେବ ।**

- ☐ ଶୋଇବାର ଏକ ନିର୍ଦ୍ଦିଷ୍ଟ ସମୟ ରଖିବାକୁ ପଡ଼ିବ
- ☐ ୧୦ରୁ ୧୧ଟା ଭିତରେ ଶୋଇଲେ ସକାଳ ୬ଟା ୭ଟା ଭିତରେ ଉଠିବେ
- ☐ ଫଳରେ ନିଦ ପାଇଁ ପର୍ଯ୍ୟାପ୍ତ ସମୟ ମିଳିବ
- ☐ ଆପଣ ୬ରୁ ୭ ଘଣ୍ଟା ଶୋଇପାରିବେ
- ☐ ରାତି ୧୦ଟା ପରେ ମୋବାଇଲ ବା ଇଣ୍ଟରନେଟର ଅଧିକ ବ୍ୟବହାର କରନ୍ତୁ ନାହିଁ
- ☐ କାରଣ ମୋବାଇଲ ଚଳାଇବା ଦ୍ୱାରା ବ୍ରେନ ଆକ୍ଟିଭ ରହିଥାଏ
- ☐ ବରଂ ଆପଣ ଭଲ ବହିଟିଏ ପଢ଼ନ୍ତୁ, କିମ୍ବା ମନପସନ୍ଦର ଗୀତ ଶୁଣନ୍ତୁ
- ☐ ସଂଧ୍ୟା ସମୟରେ ବେଶୀ ଚା' କି କଫି ପିଅନ୍ତୁ ନାହିଁ
- ☐ ଦିନରେ ୩୦ରୁ ୪୫ ମିନିଟ୍ ଶାରୀରିକ ବ୍ୟାୟାମ ଓ ଧ୍ୟାନ କରନ୍ତୁ
- ☐ ବିଳମ୍ବିତ ରାତି ଯାଏଁ ଟିଭି ଦେଖନ୍ତୁ ନାହିଁ
- ☐ ରାତିରେ ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ



- ☐ ଯଦି ନିଦ ହେଉ ନାହିଁ, ମନ ଇଚ୍ଛା ମେଡିସିନ କିଣି ଖାଆନ୍ତୁ ନାହିଁ
- ☐ ବରଂ ଡାକ୍ତରଙ୍କ ସହ ପରାମର୍ଶ ପରେ ହିଁ କୌଣସି ମେଡିସିନ ଖାଆନ୍ତୁ

# ଆମ ସ୍ୱରାଜ୍ୟ ସୁରାଜ୍ୟରେ ପରିଣତ ହେଲେ ସଫଳ ହେବ ବାପୁଙ୍କ ସ୍ୱପ୍ନ-ବିଧାୟକ

କେନ୍ଦ୍ରାପଡ଼ା, ୦୩/୧୦ (ନି.ପ୍ର): ସମସ୍ତେ ଅହିଂସା ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ ଶାନ୍ତିସୌହାର୍ଦ୍ଦ ପୂର୍ଣ୍ଣ ଜୀବନଯାପନ କଲେ ଆମ ସ୍ୱରାଜ୍ୟ ସୁରାଜ୍ୟରେ ପରିଣତ ହେବ ସହ ବାପୁଙ୍କ ସ୍ୱପ୍ନ ସକାର ହେବ । କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ୧୫୪ତମ ଗାନ୍ଧୀ ଜୟନ୍ତୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ ଅବସରରେ ଏହି ମତ ରଖିଛନ୍ତି ମୁଖ୍ୟ ଅତିଥି ବିଧାୟକ ଶଶିଭୂଷଣ ବେହେରା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜୟନ୍ତୀ ଉତ୍ସବରେ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷା ସରିତା ସାହୁ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇଥିଲେ। ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତ ଓ କେନ୍ଦ୍ରାପଡ଼ା ରେ ୩ଦିନ ରହଣିର ସ୍ମୃତିଚାରଣ କରି ବିଧାୟକ ଶ୍ରୀ ବେହେରା କହିଥିଲେ ଗାନ୍ଧିଜୀ ଅତୀତ ନୁହଁନ୍ତି ସେ ହିଁ ଆଗାମୀ ପୀଢ଼ିଙ୍କ ପାଇଁ ଭବିଷ୍ୟତ। ଯେଉଁ ଗରାପୁର ଡାକବଙ୍ଗଳାରେ ଗାନ୍ଧୀ ଅବସ୍ଥାନ କରିଥିଲେ, ସେଠାରେ ସ୍ମାରକୀ ରୂପେ ଗାନ୍ଧୀ ଭବନ, ସଂଗ୍ରାହଳୟ ଓ ଖଦି ଭଣ୍ଡାର ନିର୍ମାଣ କରିବାକୁ ସେ ଏହି ଅବସରରେ ପ୍ରସ୍ତାବ ରଖିଥିଲେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ରାମଧୂନ୍ ପ୍ରଚାର, ବିଭିନ୍ନ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତଫେରୀ ଓ ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଗରାପୁର, ତିନିମୁହାଣୀ ଓ ପୁରୁଣା ବସଷ୍ଟାଣ୍ଡ ଠାରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତିରେ ସ୍ୱାଧୀନତା ସଂଗ୍ରାମୀ, ମୁଖ୍ୟ ଅତିଥି, ସମ୍ମାନନୀୟ ଅତିଥି, ବୁଦ୍ଧିଜୀବୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ନିମନ୍ତ୍ରିତ ଅତିଥି ମାନଙ୍କ ଦ୍ୱାରା ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା। ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୀତାମ୍ବର ସାମଲ(ସାଧାରଣ) ସାମୁହିକ ପୁଷ୍ପମାଲ୍ୟରେ ଯୋଗଦାନ କରିଥିଲେ। ସଦ୍‌ଭାବନା ସଭାଗୃହରେ 'ସର୍ବଧର୍ମ ପ୍ରାର୍ଥନା ସଭା' ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶଗ୍ରହଣ କରିଥିଲେ ମାଧବ ଚରଣ ନନ୍ଦ, ଜନାବ୍ ମହମ୍ମଦ ଏନାୟାତୁଲ୍ଲା ଓ ଶ୍ରୀ ଧ୍ରୁବଚରଣ ନାୟକ। ପରେପେର 'ଗାନ୍ଧିଜୀ ଓ ଓଡ଼ିଶା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିବା ବେଳେ ଶିକ୍ଷାବିତ୍ ନନ୍ଦ କିଶୋର ପରିଡ଼ା, ଡଃ ବାସୁଦେବ ଦାସ, ସ୍ୱାଧୀନତା ସଂଗ୍ରାମ ସମିତିର ସଭାପତି ବିଧ୍ୟାଧର ମୁଦୁଲି, ଅଜୟ ସାମଲ, ସାମ୍ବାଦିକ ଆଶିଷ ସେନାପତି, ପୂର୍ବତନ ପୌରାଧ୍ୟକ୍ଷ ଧୀରେନ୍ ସାହୁ, ଅବସରପ୍ରାପ୍ତ ଶିକ୍ଷାଜିଲ୍ଲା ପରିଦର୍ଶକ ହେମନ୍ତ ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଆୟୋଜିତ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ୯ଜଣ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର, ପ୍ରମାଣପତ୍ର ଓ ପୁଷ୍ପଗୁଚ୍ଛ ଦେଇ ପୁରସ୍କୃତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ଅଶୋକ ବଳିଆରସିଂହ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ପ୍ରଦୀପ କୁମାର ଦାଶ, ନିକ୍ଷେପକ ମଧୁସୂଦନ ମଲ୍ଲିକ, କନିଷ୍ଠ ରାଜସ୍ୱ ସହାୟକ ଜୟଶ୍ରୀ ସାହୁ, ତପନ କୁମାର ପରିଡ଼ା, ରଞ୍ଜନ କୁମାର ବେହେରା, ବୀର ମାଝି(ଅବସରପ୍ରାପ୍ତ), ସେକ୍ସନ୍ ଅଫିସର ଦିବାକର ମହାନ୍ତି ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# 'ଆୟୁଷ୍ମାନ ଭବଃ' ମେଳା ଅନୁଷ୍ଠିତ: ଅଙ୍ଗଦାନ କରି ଆଦର୍ଶ ପାଲଟିଲେ

ବେଗୁନିଆ, ୦୩/୧୦ (ନି.ପ୍ର): ଆଜି ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ୍ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ 'ଆୟୁଷ୍ମାନ ଭବଃ' ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଥିଲେ। ସେହିଭଳି ବିଶେଷ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ତନୁଜା ପାଟଶାଣୀ ଯୋଗ ଦେଇଥିଲେ। ଉକ୍ତ ସ୍ୱାସ୍ଥ୍ୟ ମେଳାରେ ଗ୍ରାମାଞ୍ଚଳରୁ ୭୦୫ ଜଣ ବିଭିନ୍ନ ପ୍ରକାର ରୋଗୀ ଆସି ଭେଷଜ, ଗଳା ନାସା କର୍ଣ୍ଣ, ମଧୁମେହ ,ସ୍ତ୍ରୀ ପ୍ରସୂତୀ, ଆଖି, ଦାନ୍ତ, ଚର୍ମ, ଶିଶୁ ବିଭାଗ ଓ କୁଷ୍ଠ ଆଦି ରୋଗର ଚିକିତ୍ସା ପରାମର୍ଶ ଓ ପରୀକ୍ଷା କରିବା ସହ ମାଗଣାରେ ଔଷଧ ନେଇଥିଲେ। ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଦେବାଶିଷ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ମେଳାରେ ବିଭିନ୍ନ ବିଭାଗର ବିଶେଷଜ୍ଞମାନେ ଚିକିତ୍ସା ସେବା ଯୋଗାଇଥିଲେ। ଅଙ୍ଗଦାନର ମହତ୍ତ୍ୱ ବିଷୟରେ ଡା.ଆଚାର୍ଯ୍ୟ ସଚେତନ କରିଥିଲେ। ଆଜି ୫ଜଣ ବ୍ୟକ୍ତି ଅଙ୍ଗଦାନ କରିବା ପାଇଁ ଏହି ଅବସରରେ ସ୍ୱୀକୃତି ପ୍ରଦାନ କରିଥିଲେ। ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ପ୍ରଭାସିନୀ ପଣ୍ଡା, ବିପିଏମ୍ ଦିଲୀପ କୁମାର ସାହୁ ଓ ସାନ୍ତନୁ କୁମାର ମହାନ୍ତିଙ୍କ ସମେତ ସୁପରଭାଇଜର, ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ଏବଂ କର୍ମଚାରୀ ଏଥିରେ ସକ୍ରିୟ ସହଯୋଗ କରିଥିଲେ। ବୋଲଗଡ଼: ବୋଲଗଡ଼ ସରକାରୀ ବାମନ ଉଚ୍ଚ ବିଦ୍ୟାଳୟ ପରିସରରେ 'ଆୟୁଷ୍ମାନ ଭବଃ' ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଛି। ଉକ୍ତ ସ୍ୱାସ୍ଥ୍ୟ ମେଳାରେ ସ୍ଥାନୀୟ ଅଞ୍ଚଳରୁ ବିଭିନ୍ନ ବିଭାଗର ୬୭୭ଜଣ ରୋଗୀ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବଦସରରେ ବାଙ୍କୋଇ ଗୋଷ୍ଠୀ କେନ୍ଦ୍ରଅଧିକାରୀ ଡ.ଦେବଦତ୍ତ ଦାସ, ଡାକ୍ତର ଅସିତ ମୋହନ ମହାପାତ୍ର, ଜ୍ୟୋତି ପ୍ରକାଶ ସାହୁ, ଶେଖ ଗୁଲାମ ହୁସେନ, ଦ୍ୱେଷକ୍ଷ ପଣ୍ଡା, ଋତୁୟନି ମିଶ୍ର, ସୁଷମା ବେହେରା, ଶାଳିନୀ ମହାନ୍ତି, ପ୍ରଶାନ୍ତ କୁମାର ତ୍ରିପାଠୀ ପ୍ରମୁଖ ବିଭିନ୍ନ ବିଭାଗର ଡାକ୍ତରମାନେ ସ୍ୱାସ୍ଥ୍ୟ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ୫ ଜଣ ବ୍ୟକ୍ତି ଅଙ୍ଗଦାନ ଲାଗି ନାମ ପଞ୍ଜୀକରଣ କରିଥିଲେ। ବାଲୁଗାଁରେ 'ଆୟୁଷ୍ମାନ ଭବଃ' ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୧୦୬୯ ଜଣ ରୋଗୀ ଯୋଗଦେଇ ନିଜନିଜର ଚିକିତ୍ସା କରାଇଥିଲେ। ବାଲୁଗାଁ ଗୋଷ୍ଠୀ ଚିକିତ୍ସାକେନ୍ଦ୍ରର ଚିକିତ୍ସାଧିକାରୀ ଡ.ସଂଗ୍ରାମ କେଶରୀ ଜେନାଙ୍କ ନେତୃତ୍ୱରେ ଆଖି,ନାକ, ଦନ୍ତ, ଟିବି, ଚର୍ମରୋଗ ସହିତ ଭେଷଜ ବିଭାଗ, ଯକ୍ଷ୍ମା ବିଭାଗ, ଗର୍ଭବତୀ ମହିଳା ଏବଂ ଶିଶୁ ବିଭାଗ ରୋଗୀମାନଙ୍କୁ ଚିକିତ୍ସା ଓ ପରୀକ୍ଷା କରାଯାଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏହାକୁ ବିପିଏମ ଆରତୀ ଦାଶ ପରିଚାଳନା କରିଥିବାବେଳେ ପିଏଚଇଓ ପ୍ରଦୀପ କୁମାର ପାତ୍ର, ବିଏଏମ ସନ୍ତୋଷ କୁମାର ରାମ ଓ ରଶ୍ମିତା ମିଶ୍ର ଆଦି ସହଯୋଗ କରିଥିଲେ।

# ବିଭିନ୍ନ ଅନୁଷ୍ଠାନ ତରଫରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ଜୟପୁର, ୦୩/୧୦ (ନି.ପ୍ର): ଜୟପୁର ରେ ଆଜି ବିଭିନ୍ନ ଅନୁଷ୍ଠାନ ତରଫରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି । ଜୟପୁର ପୌରପାଳିକା ତରଫରୁ ଗାନ୍ଧୀ ଜୟନ୍ତି ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି । ଏହି ପବିତ୍ର ଦିବସରେ ଗାନ୍ଧୀ ପାର୍କ ଓ ଗାନ୍ଧୀ ଛକ ଠାରେ ଥିବା ଗାନ୍ଧୀ ଙ୍କ ପ୍ରତିମୁର୍ତି ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରି ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଛି । ଏହି କାଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପୌର ଉପାଧକ୍ଷ ବି. ସୁନିତା, ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, କାଉନସିଲର, ବିଦ୍ୟାଳୟର ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । ସେହିପରି ଜିଲା କୋର୍ଟ ପରିସରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି । ଜିଲା ଓକିଲ ସଂଘ ତରଫରୁ ଜୟନ୍ତୀ ପାଳିତ ହୋଇଛି । ଓକିଲ ସଂଘର ସଦସ୍ୟ ମାନେ ଉପସ୍ଥିତ ରହି ଗାନ୍ଧୀଙ୍କ ପ୍ରତିମୁର୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରି ଗାନ୍ଧୀ ଜୟନ୍ତୀ ପାଳନ କରିଥିଲେ । ସେହିପରି ଅରବିନ୍ଦ ନଗର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଠାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି । ପ୍ରଧାନ ଆଚାଯ୍ୟ ଲକ୍ଷ୍ମୀ କାନ୍ତ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ କାଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶୁକ ଦେବ ସାହୁ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀ ଙ୍କର ମହାନ ଆଦର୍ଶରେ ଅନୁ ପ୍ରାଣିତ ହେବା ପାଇଁ ମାର୍ଗ ଦର୍ଶନ କରିଥିଲେ । ସ୍ୱରେଲିକାଦେହୁରୀ, ଅବିନାଶ ବେହେରା, ଶୁଭଶ୍ରୀ ନାୟକ ବାଦ୍ୟାର୍ଥୀ ମାନେ ଉପସ୍ଥିତ ରହି ସତ୍ୟ,ନ୍ୟାୟ, ଅହିଂସାକୁ ଅନୁକରଣ କରି ତଥା ନମ୍ର ସହନଶୀଳତା ଭଳି ଗାନ୍ଧୀଙ୍କ ସୁଗୁଣକୁ ଆବୋରିବା ଉଚିତ ବୋଲି ମତ ବ୍ୟକ୍ତ କରିଥିଲେ ।

# ଲାଠୋର ପୋଲିସ ଦ୍ୱାରା ୬ ଶିଶୁ ସହ ୨୪ ଦାଦନ ଶ୍ରମିକ ଉଦ୍ଧାର

ବଲାଙ୍ଗିର , ୦୩/୧୦ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଲାଠୋର ଥାନା ଅନ୍ତର୍ଗତ ପିପଲବାହାଲ ଗ୍ରାମରେ ଥିବା ଗୋଟିଏ ଫାର୍ମ ହାଉସ୍ରୁ ଗତକାଲି ରବିବାର ରାତି ୧୦ଟାରେ ଲାଠୋର ପୋଲିସ ୬ ଜଣ ଶିଶୁଙ୍କ ସମେତ ୧୮ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିବା ଜଣାପଡିଛି । ସୂଚନା ଅନୁସାରେ ଲାଠୋର ପୋଲିସ ରାତି ୧୦ଟାରେ ପେଟ୍ରୋଲିଂ ଚାଲିଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ ଯେ, ପିପଲବାହାଲ ସ୍ଥିତ ମୁଜିବଖାନଙ୍କ ଫାର୍ମ ହାଉସରେ କିଛି ଦାଦନ ଶ୍ରମିକଙ୍କୁ ବେଆଇନ ଭାବେ ରଖାଯାଇଛି । ଖବର ପାଇ ଲାଠୋର ଥାନାଧିକାରୀ ଝସକେତନ ଭୋଇଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ଫର୍ମ ହାଉସକୁ ପହଂଚି ଦାଦନ ଶ୍ରମିକମାନଙ୍କୁ ଉଦ୍ଧାର କରି ପଚରା ଉଚୁରା କଲା ବେଳେ ଜାଣିବାକୁ ପାଇଥିଲେ ଯେ, ସେମାନଙ୍କୁ ତେଲେଙ୍ଗାନା ରାଜ୍ୟର ପେଟାପଲ୍ଲୀକୁ ବେଆଇନ ଭାବେ ମୁଜିବ ଖାନ ଚାଲାଣ କରୁଥିବା ଜଣାପଡିଥିଲା । ଏହାପରେ ସମସ୍ତ ଶ୍ରମିକଙ୍କୁ ଲାଠୋର ଥାନାକୁ ଆଣିଥିଲେ । ପଚରା ଉଚୁରା ବେଳେ ଶ୍ରମିକମାନେ ଅନୁଗୁଳ ଜିଲ୍ଲା ରାଇଝଡାଙ୍ଗ ଗ୍ରାମର ଏବଂ ନୂଆପଡା ଜିଲ୍ଲା ଉଡାର ଗାଁର ବୋଲି କହିଥିଲେ । ମୋଟ୍ ୯ ଜଣ ପୁରୁଷ, ୯ ଜଣ ମହିଳା ଓ ୬ ଜଣ ଶିଶୁଙ୍କୁ ପୋଲିସ ଉଦ୍ଧାର କରି ନିଜ ନିଜ ଘରକୁ ପଠାଇ ଦେଇଥିବା ଜଣାପଡିଛି । ଦାଦନ ଚାଲାଣ ଅଭିଯୋଗରେ ଲାଠୋର ଥାନା ସଦର ଲାଠୋରର ଅସଫାକ ଖାନ(୨୧)ଙ୍କୁ ପୋଲିସ ଗିରଫ କରିଥିବା ବେଳେ ମୁଖ୍ୟ ଦାଦନ ସର୍ଦ୍ଦାର ମୁଜିବ ଖାନ ଫେରାର ଥିବା ଜଣାପଡିଛି । ଏନେଇ ଲାଠୋର ଥାନା କେସ ନମ୍ବର ୧୪୩/୨୩ରେ ଏକ ମାମଲା ରୁଜୁ କରି ଭାରତୀୟ ପେନାଲ କୋର୍ଟର ଧାରା ୩୭୦/୩୭୪/ ୪୨୦/୩୪ଆଇପିସି / ୨୫ ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଅଧିନିୟମ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅଧିକ ତଦନ୍ତ ଚାଲିଥିବା ଲାଠୋର ଆଇଆଇସି ଝସକେତନ ଭୋଇ ସୂଚନା ଦେଇଛନ୍ତି ।

# ଚମ୍ପୁଆ ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ

ଚମ୍ପୁଆ, ୦୩/୧୦ (ନି.ପ୍ର): ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଚମ୍ପୁଆ ଏନଏସି ବିଜୁ ଜନତା ଦଳ ପକ୍ଷରୁ ଚମ୍ପୁଆରେ ପଦ ଯାତ୍ରା ଶହ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଚମ୍ପୁଆ ଏନଏସି ଅଧକ୍ଷ ଗିରିଜା ଶଙ୍କର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ ବିଜେଡି କର୍ମୀ ଚମ୍ପୁଆ ଧରଣୀଧର ଟାଉନ ହଲ ଠାରୁ ଏକ ପଦଯାତ୍ରାରେ ବାହାରି ଚମ୍ପୁଆ ଗାନ୍ଧୀ ଛକ ଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ପରେ ଚମ୍ପୁଆ କୋର୍ଟ ପରିସରରେରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସ ଓ ମଧୁ ସୁଦନ ଦାସ (ମଧୁବାବୁ)ଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ ମାନଙ୍କୁ ଫଳ ବଂଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଯୋଗଦେଇ ଥିବାବେଳେ ଏନଏସି ର ସମସ୍ତ କାଉନସିଲରଙ୍କ ସମେତ ବହୁ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଓ ଜନ ସାଧାରଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଜେଡି କର୍ମୀ ସୁବାଷ ରାମ, ଏମ୍ ଡି ଗୁଫରାନ, ଏମ୍ ଡି ନାନକା, ଏମ ଡି ଅଜିତ, ଏମଡି ସାତାର, ପ୍ରଦୀପ ରାଜ, ଡୋରା ଦାସ ପ୍ରମୁଖ ସହଯୋଗ କରିଥିଲେ।

# ସାଇବର ଅପରାଧରୁ ସୁରକ୍ଷା ପାଇଁ ସଚେତନତା ରଥର ପରିକ୍ରମା

କେନ୍ଦ୍ରାପଡ଼ା, ୦୩/୧୦ (ନି.ପ୍ର): ସାଇବର ଅପରାଧ ଦିନକୁ ଦିନ ବଢୁଥିବା ବେଳେ ଠକ ମାନେ ସାଧାରଣ ଲୋକଙ୍କୁ ଅନଲାଇନ ମାଧ୍ୟମରେ ଠକି ସେମାନଙ୍କ କଷ୍ଟ ଉପାର୍ଜିତ ଅର୍ଥକୁ ଆଖି ପିଛୁଳାକେ ହଡପ କରି ନେଉଛନ୍ତି । ଏହା ସହ ଅନ୍ୟାନ୍ୟ ଅପରାଧ ଗୁଡିକ ସଂଗଠିତ ହୋଇ ଦୈନନ୍ଦିନ ଜୀବନ ଯାତ୍ରାକୁ ଗୁରୁତର ଭାବେ ପ୍ରଭାବିତ କରୁଛି । ଏହାକୁ ନିୟନ୍ତ୍ରଣ କରିବା ଓ ଏଥିରୁ ସୁରକ୍ଷା ପାଇଁ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ସାଇବର ରଥର ଶୁଭ ଉଦ୍‌ଘାଟନ ହୋଇଯାଇଛି । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସମ୍ପଦ ସନ୍ଦିପ ମଡକର, ଅତିରିକ୍ତ ଜିଲ୍ଲପାଳ ନିଲୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜଳନ୍ଧର ଜାଲି, ଡେପୁଟି ଏସପି ସାନ୍ତା ନୁତନ ସମଦ, ଡିଏସପି ଜ୍ୟୋତି ରଂଜନ ସାମନ୍ତରାୟ, ଏସଡିପିଓ ଦେବେନ୍ଦ୍ର ମଲିକ, ଟାଉନ ଥାନା ଅଧିକାରୀ ଦିଲିପ କୁମାର ସାହୁ ପ୍ରମୁଖ ସହରର ତିନିମୁହାଣୀ ଠାରେ ଉପସ୍ଥିତ ରହି ସାଇବର ରଥ ପରିକ୍ରମା ଶୁଭ ଉଦ୍‌ଘାଟନ କରିଥିଲେ । ଜିଲ୍ଲାର ୯ଟି ବ୍ଲକ, ୨ଟି ପୌରାଂଚଳ ସମେତ ସମସ୍ତ ପଂଚାୟତ ଗ୍ରାମ ଗୁଡିକୁ ବୁଲି ସାଇବର ଅପରାଧରୁ ବଂଚିବା ପାଇଁ ଜନ ସାଧାରଣଙ୍କୁ ସଚେତନ କରିବ ବୋଲି ଜଣାପଡିଛି । ଏହା ସହ ଘୋଡ ନାଚ, ଦାସ କାଠିଆ, ପାଲା ଆଦି ଲୋକ କଳା ମାଧ୍ୟମରେ ଓ ସ୍କୁଲ କଲେଜ ଛାତ୍ରଛାତ୍ରୀ ମାନଙ୍କୁ କୁଇଜ, ବକ୍ତୃତା ପ୍ରତିଯୋଗିତା ଆଦି ମାଧ୍ୟମରେ ତଥା ଜନ ସାଧାରଣଙ୍କୁ ସାଇବର ଅପରାଧ ରୁ ରକ୍ଷା କରିବା ପାଇଁ ବ୍ୟାପକ ଅଭିଯାନ କରାଯିବ ବୋଲି ଜଣାପଡିଛି ।

# ସୁବର୍ଣ୍ଣପୁର ଜିଲ୍ଲାରେ ସାଇବର ସୁରକ୍ଷା ରଥ ଉଦ୍‌ଘାଟିତ

ସୁବର୍ଣ୍ଣପୁର, ୦୩/୧୦ (ନି.ପ୍ର): ଆଜି ସୁବର୍ଣ୍ଣପୁର ଜିଲ୍ଲାର ପୋଲିସ କାର୍ଯ୍ୟାଳୟରୁ ସାଇବର ସଚେତନତା ରଥକୁ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ସବୁଜ ପତାକା ଦେଖାଇ ତାକୁ ଉଦଘାଟନ କରିଛନ୍ତି । ଏହି ରଥ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ସାଇବର କ୍ରାଇମରୁ ଛୋଟ ପିଲା ସ୍କୁଲ କଲେଜ ପୁଅ ଝିଅ, ଯୁବକ ଯୁବତୀ, ପୁରୁଷ ମହିଳା ,,ବୃଦ୍ଧବୃଦ୍ଧା ସମସ୍ତ ବର୍ଗର ଲୋକଙ୍କୁ ଧମକ ଲୁଣ୍ଠନ ବ୍ଲାକ ମେଲ ସର୍ବୋପରି ମୃତ୍ୟୁ ମୁଖରୁ ବଞ୍ଚାଇବା ପାଇଁ ଓଡିଶା ପୋଲିସ ତଥା କ୍ରାଇମ ବ୍ରାଞ୍ଚ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଦିନ ଠାରୁ ସାରା ଜିଲ୍ଲା ରେ ବୁଲିବା କୁ ଥିବା ରଥ ଜିଲ୍ଲାର ପ୍ରତି ଥାନା ,ଜନସାଧାରଣ ଗହଳି ଅଞ୍ଚଳ ,ବଜାର ,ସ୍କୁଲ କଲେଜ ଯାଇ ସଚେତନତା ବାର୍ତା ପ୍ରଦାନ କରିବ। କୁଇଜ ,ନାଚ ଗୀତ ତଥା ଅନ୍ୟାନ୍ୟ ମାଧ୍ୟମ ରେ ଜିଲ୍ଲାରେ ଆଗାମୀ ଦିନରେ ସାଇବର କେଶକୁ ରୋକିବାରେ ଏହି ରଥ ସାହାଯ୍ୟ କରିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପାଢୀ, ବିରେନ ନାଏକ, ବୈକୁଣ୍ଠ ସେଠ,ସମେତ ଉଝଚ ପ୍ରତାପ ରଣା, ରେଣୁକା ସୁନା, ଚନ୍ଦ୍ର ଶେଖର ଶବର ,ଇନିସ୍ପେକ୍ଟର ଲୋକନାଥ ସାହୁ ,ନିର୍ମଳା ତ୍ରିପାଠୀ, ପଦ୍ମଷୀଂନି ମେହେର ,ଜସ କାଂହୁ ଚରଣ ମାରାଣ୍ଡି, ସରୋଜ ବେହେର। ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ସୁବର୍ଣ୍ଣପୁର ଜିଲ୍ଲା ରେ ପହଂଚିଛି । ଆଜି ସୁବର୍ଣ୍ଣପୁର ଜିଲ୍ଲା ରେ ଏହି ରଥ ପହଂଚିବା ପରେ ତେଲ ନଦୀ ବ୍ରିଜ ଠାରୁ ଜିଲ୍ଲା ପୋଲିସ ଦ୍ୱାରା ବେଣ୍ଡ ବାଜା ସହିତ ନିଉଁ ଟାଉନ ହଲ ଯାଏ ପାଛୋଟି ଅଣା ଯାଇଥିଲା। ନିଉଁ ଟାଉନ ହଲ ଠାରେ ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ, ଏସପି ଅମରେଶ ପଣ୍ଡା, ଙ୍କ ନେତୃତ୍ୱ ରେ ଶହ ଶହ ସ୍ୱେଚ୍ଛାସେବୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଏନ ସି ସି ଓ କଲେଜ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଇବର ସୁରକ୍ଷା ରଥ କୁ ଫୁଲ ତୋଡ଼ା ଓ ସ୍ଲୋଗାନ ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଆର ଟି ଓ ଅକ୍ଷୟ ଜେନା, ଅତିରିକ୍ତ ଏସପି ହେମନ୍ତ ପାଢ଼ୀ, ବୀରେନ୍ଦ୍ର ନାଏକଙ୍କ ସମେତ, ଏସ ଡିପିଓ ରାଜ କିଶୋର ମିଶ୍ର, ଆଇ ଆଇ ସି ପଦ୍ମାସିନୀ ମେହେର ,ଏ ଏସ ଆଇ ଶ୍ରୀ ବିଶି, ଶ୍ରୀ ପଧାନ, ପ୍ରମୁଖ ଜିଲ୍ଲା ପୋଲିସ ପ୍ରଶାସନ ର ବିଭିନ୍ନ ଅଧିକାରୀ, ମିଡ଼ିଆ, ଜନ ସାଧାରଣ ଯୋଗ ଦେଇଥିଲେ ।

# ଗାନ୍ଧୀ ଜୟନ୍ତୀ ଓ ଗ୍ରାମ ସଭାକୁ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିଙ୍କ ପ୍ରତ୍ୟାଖାନ

ଚମ୍ପୁଆ, ୦୩/୧୦ (ନି.ପ୍ର): ୧୫ ଦଫା ଦାବିନେଇ ସାରା ରାଜ୍ୟରେ ସରପଞ୍ଚ ମାନେ ଧାରଣାରେ ବସିଥିବାବେଳେ ଏହାର ପ୍ରଭାବ ଚମ୍ପୁଆର ପ୍ରତି ପଞ୍ଚାୟତରେ ଦେଖିବାକୁ ମିଳିଛି । ସରପଞ୍ଚ ମାନଙ୍କ ଦାବୀକୁ ସମର୍ଥନ ଜଣାଇ ଆଜି ପ୍ରତି ପଞ୍ଚାୟତରେ ଗାନ୍ଧୀ ଜୟନ୍ତୀ ଅବସରରେ ହେବାକୁ ଥିବା ଗ୍ରାମ ସଭା ଗୁଡିକୁ ପଞ୍ଚାୟତ ନିର୍ବାଚିତ ପ୍ରତିନିଧି ମାନେ ପ୍ରତ୍ୟାଖାନ କରିଥିବାବେଳେ ବହୁ ପଞ୍ଚାୟତରେ ଏହି ଗ୍ରାମ ସଭା ହୋଇ ପାରି ନ ଥିବା ଜଣା ଯାଇଛି । ଗାନ୍ଧୀ ଜୟନ୍ତୀ ଠାରୁ ପଞ୍ଚାୟତ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ପାଇଁ ପ୍ରତି ବର୍ଷ ଗ୍ରାମ ସଭାର ଆୟୋଜନ କରା ଯାଇଥାଏ । ତେବେ ଚଳିତ ବର୍ଷ ସରପଞ୍ଚ ସଂଘ ୧୫ ଦଫା ଦାବୀ ନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ସାମିଲ ହେବା ଯୋଗୁଁ ଗତ ୨୨ ତାରିଖରୁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁ ନ ଥିବାବେଳେ ପଞ୍ଚାୟତର କୌଣସି କାର୍ଯ୍ୟରେ ଭାଗ ନେଉ ନାହାନ୍ତି । ଯାହାକୁ ନେଇ ଆଜି ବ୍ଲକର ୨୨ ଟି ଯାକ ପଞ୍ଚାୟତରେ ହେବାକୁ ଥିବା ଗାନ୍ଧୀ ଜୟନ୍ତୀ ଓ ଗ୍ରାମ ସଭା କାର୍ଯ୍ୟକ୍ରମ ପ୍ରଭାବିତ ହୋଇଛି । ସରପଞ୍ଚ ମାନଙ୍କ ଧାରଣା ଯୋଗୁ ବିଭିନ୍ନ ପଞ୍ଚାୟତର ନିର୍ବାହୀ ଅଧିକାରୀ ମାନେ ନାଏବ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ୱାର୍ଡ ସଭ୍ୟ, ସମିତି ସଭ୍ୟ,ଅଙ୍ଗନୱାଡି କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ନେଇ କାର୍ଯ୍ୟକ୍ରମ କରିବାକୁ ଯୋଜନା କରିଥିଲେ ।ଏ ନେଇ ନିର୍ବାହୀ ଅଧିକାରୀ ମାନେ ସ୍ୱତନ୍ତ୍ର ଭାବେ ଚିଠି ମାଧ୍ୟମରେ ପୂର୍ବରୁ ସମସ୍ତଙ୍କୁ ଅବଗତ କରିଥିଲେ ହେଁ ଆଜି ଚମ୍ପୁଆ ବ୍ଲକର ୨୨ ଟି ଯାକ ପଞ୍ଚାୟତକୁ ନାଏବ ସରପଞ୍ଚଙ୍କ ସହିତ କୌଣସି ୱାର୍ଡ ସଭ୍ୟ ଯାଇ ନ ଥିବାରୁ ଅଧିକାଂଶ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ହୋଇ ପାରି ନ ଥିବା ଜଣା ଯାଇଛି । ତେବେ କାଁ ଭାଁ ୨, ୩ ଟି ପଞ୍ଚାୟତରେ ହାତ ଗଣତି ଅଙ୍ଗନୱାଡି କର୍ମୀ ଓ କିଛି ଠିକାଦାରଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିବା ଦେଖା ଯାଇଛି ।ଏହାକୁ ନେଇ ଚମ୍ପୁଆ ବ୍ଲକ ସରପଞ୍ଚ ସଂଘ ସଭାପତି ସନ୍ତୋଷ ନାଏକଙ୍କୁ ଯୋଗାଯୋଗ କରାଯିବାରୁ ସରପଞ୍ଚଙ୍କ ଦାବିକୁ ସମର୍ଥନ କରି ବ୍ଲକର ସମସ୍ତ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଆଜିର କାର୍ଯ୍ୟକ୍ରମକୁ ଅସହଯୋଗ କରିଥିବା ସୂଚନା ଦେଇ ଥିବାବେଳେ ଏହାକୁ ନେଇ ଗ୍ରାମ ପଞ୍ଚାୟତ ଅଧିକାରୀ ଅନିଲ କୁମାର ମହାନ୍ତଙ୍କୁ ଯୋଗାଯୋଗ କରିବାରୁ ସରପଞ୍ଚ ମାନେ ମନା କରିଥିବା ଯୋଗୁଁ ଆଜିର କାର୍ଯ୍ୟକ୍ରମକୁ କୌଣସି ୱାର୍ଡ ସଭ୍ୟ କିମ୍ବା ନାଏବ ସରପଞ୍ଚ ଆସି ନ ଥିଲେ। କିଛି କିଛି ପଞ୍ଚାୟତରେ ସ୍ଥାନୀୟ ବାସିନ୍ଦା, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିବା ପ୍ରକାଶ କରିଛନ୍ତି ।

# ଗାନ୍ଧୀଜୀ ଓ ଶାସ୍ତ୍ରୀଜୀ ଜୟନ୍ତୀ ପାଳନ ଓ ବୃକ୍ଷରୋପଣ

କୋରେଇ, ୦୩/୧୦ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ମୂଳାପାଳ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗାନ୍ଧୀଜୀ ଓ ନେତାଜୀ ଜୟନ୍ତୀ ପାଳନ ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଳିତ ହୋଇଛି । ଲିଙ୍ଗେଶ୍ୱର ଉନ୍ନୟନ କମିଟି କର୍ମକର୍ତା ମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ କରାଯାଇଥିଲା । ଲିଙ୍ଗେଶ୍ୱର ଉନ୍ନୟନ କମିଟିର ଶରତ ଚନ୍ଦ୍ର ଧଳ, ଗୋଲକ ମାଝୀ, ବିଦ୍ୟାମନ୍ଦିର ପରିଚାଳନା କମିଟିର ସଭାପତି ବୃନ୍ଦାବନ ସାହୁ, ଉପସଭାପତି ବାସୁଦେବ ପରିଡା, ସମ୍ପାଦକ ଦିଲ୍ଲୀପ କୁମାର ଧଳ, ସହ ସମ୍ପାଦକ ଅଶୋକ କମ୍ପାର ସାହୁ, କୋଷାଧ୍ୟକ୍ଷ ଆନନ୍ଦ ଚନ୍ଦ୍ର ପାଳ ସମେତ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀ, ସହ ପ୍ରଧାନ ଆଚାର୍ଯ୍ୟ ଜଗନ୍ନାଥ ସ୍ୱାଇଁ ଓ ବିଦ୍ୟାଳୟର ସମସ୍ତ ଗୁରୁଜୀ/ ଗୁରୁମା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଗାନ୍ଧୀଜୀ ଓ ଶାସ୍ତ୍ରୀଜୀ ଜୟନ୍ତୀରେ ବକ୍ତା ଭାବେ ଝିନାରାଣୀ ବେହେରା ଓ ସାଗରିକା ମିଶ୍ର ଯୋଗଦେଇଥିବା ବେଳେ ଭାସ୍କର ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ପଦ୍ମଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରୋଗରେ ଅସ୍ତବ୍ୟସ୍ତ ଓଡ଼ିଶା: ଚିନ୍ତା ବଢ଼ାଇଲାଣି ସ୍କ୍ରବ୍ ଟାଇଫସ୍, ଡେଙ୍ଗୁ ଓ ଭାଇରାଲ୍ ଜ୍ୱର

ଭୁବନେଶ୍ୱର, ୦୩/୧୦ (ନି.ପ୍ର): ରାଜ୍ୟରେ କୀଟଙ୍କୁ ନେଇ ଏବେ ଅଜବ ପରିସ୍ଥିତି ସୃଷ୍ଟି ହୋଇଛି। ଗତ ୨-୩ ମାସ ଧରି ମଶାକୁ ନେଇ ଲୋକମାନେ ଡେଙ୍ଗୁ ଜ୍ୱରରେ ଥରୁଥିବା ବେଳେ ଏବେ ଆଉ ଏକ କୀଟ ଚିଗର୍ସ ପାଇଁ ଜ୍ୱରରେ କମ୍ପୁଛନ୍ତି। ଚିଗର୍ସ ପାଇଁ ସ୍କ୍ରବ୍ ଟାଇଫସ୍ ରୋଗ ରାଜ୍ୟରେ ଆତଙ୍କ ଖେଳାଇଛି। ବିଶେଷକରି ପଶ୍ଚିମ ଓଡ଼ିଶାର ଏକାଧିକ ଜିଲ୍ଲାରେ ସ୍କ୍ରବ୍ ଟାଇଫସ୍ ମାଡ଼ିଗଲାଣି। ଏଥିରେ ଅନେକ ଜୀବନ ମଧ୍ୟ ଗଲାଣି। ଏସବୁ ଭିତରେ ଗତ କିଛି ଦିନ ଧରି ଭାଇରାଲ୍ ଜ୍ୱର ଲୋକମାନଙ୍କ କଷ୍ଟ ବହୁଗୁଣିତ କରିଦେଇଛି। ଅଧିକାଂଶଙ୍କ ଠାରେ ଥଣ୍ଡାର ପ୍ରଭାବ କମୁନି, ଏବେ ଦୀର୍ଘ ଦିନ ଧରି କାଶ ଲାଗି ରହୁଛି। ତଥ୍ୟ ଅନୁସାରେ, ରାଜ୍ୟରେ ସ୍କ୍ରବ୍ ଟାଇଫସ୍‌କୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ସଂପ୍ରତି କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଦଳ ପଶ୍ଚିମ ଓଡ଼ିଶାରେ ଡେରା ପକାଇଛନ୍ତି। ଏହି ଦଳ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର ଓ ବରଗଡ଼ ଜିଲ୍ଲା ଗସ୍ତ କରିବା ସହିତ ସ୍କ୍ରବ୍ ଟାଇଫସ୍‌ର ସ୍ଥିତି ଅନୁଧ୍ୟାନ କରିଛନ୍ତି। କେଉଁ ପରିସ୍ଥିତିରେ ସ୍କ୍ରବ୍ ଟାଇଫସ୍‌ରେ ଲୋକଙ୍କ ମୃତ୍ୟୁ ହେଲା ସେସଂପର୍କରେ ପଚାରି ବୁଝିଛନ୍ତି। ଆସନ୍ତାକାଲି ରାଜ୍ୟ ସରକାରଙ୍କ ସହ କେନ୍ଦ୍ରୀୟ ଦଳର ଆଲୋଚନା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ତେବେ ସ୍କ୍ରବ୍ ଟାଇଫସ୍ ରାଜ୍ୟ ପାଇଁ ନୂଆ ନୁହେଁ। ଏହା ପୂର୍ବରୁ ପ୍ରତିବର୍ଷ ଏହି ରୋଗରେ କିଛି ଲୋକ ଆକ୍ରାନ୍ତ ହୋଇଥାନ୍ତି। ହେଲେ ଚଳିତବର୍ଷ ହଠାତ୍ ଏହି ରୋଗ କାହିଁକି ଦ୍ରୁତ ଗତିରେ ବ୍ୟାପିଲା ତାହା ଅନେକଙ୍କୁ ଚିନ୍ତାରେ ପକାଇଛି। ଚିଗର୍ସଙ୍କ ସଂଖ୍ୟା ବଢ଼ିବା ପଛରେ କାରଣ କ'ଣ? ଜଳବାୟୁ ପରିବର୍ତ୍ତନ ନା ପୂର୍ବରୁ ଏ ସଂପର୍କରେ ସଚେତନ ନ ଥିବାରୁ ଲୋକମାନେ ଶିକାର ହେଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପୂର୍ବରୁ ମଧ୍ୟ ରାଜ୍ୟରେ ସ୍କ୍ରବ୍ ଟାଇଫସ୍‌କୁ ନେଇ ରାଜ୍ୟରେ ସେଭଳି କୌଣସି ଅନୁଧ୍ୟାନ କିମ୍ବା ଗବେଷଣା ହୋଇନାହିଁ। ତେଣୁ ଏହାକୁ ନେଇ ଉଭୟ ଲୋକ ଓ ରାଜ୍ୟ ସରକାର ଦ୍ୱନ୍ଦ୍ୱରେ ରହିବା ସ୍ୱାଭାବିକ। ହିସାବ କହୁଛି ଯେ ରାଜ୍ୟରେ ଚଳିତବର୍ଷ ୨ହଜାରରୁ ଅଧିକ ସ୍କ୍ରବ୍ ଟାଇଫସ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାହାକି ବିଗତ କିଛିବର୍ଷରେ ସର୍ବାଧିକ। ବରଗଡ଼ ଜିଲ୍ଲାରେ ବେସରକାରୀଭାବେ ୭ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ରାଜ୍ୟବ୍ୟାପୀ ସ୍କ୍ରବ୍ ଟାଇଫସ୍ ଜନିତ ମୃତ୍ୟୁ ସଂଖ୍ୟା ୧୦ରୁ ଅଧିକ ହେବ। ତେବେ ସ୍କ୍ରବ୍ ଟାଇଫସ୍‌କୁ ନେଇ ଯେଉଁଭଳି ସଚେତନତା କରିବା କଥା ତାହା ଦେଖିବାକୁ ମିଳିନାହିଁ। ଆହୁରି କେତେଦିନ ପର୍ଯ୍ୟନ୍ତ ସ୍କ୍ରବ୍ ଟାଇଫସ୍ ସଂକ୍ରମଣ ଜାରି ରହିବ ସେ ସଂପର୍କରେ ମଧ୍ୟ କାହା ପାଖରେ ସୂଚନା ନାହିଁ। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଦଳ ଆସନ୍ତାକାଲି ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ରାଜ୍ୟରେ ସ୍କ୍ରବ୍ ଟାଇଫସ୍‌କୁ ନେଇ ସ୍ଥିତି ସଂପର୍କରେ ସ୍ପଷ୍ଟ ଚିତ୍ର ମିଳିବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ରାଜ୍ୟରେ ଡେଙ୍ଗୁ ପୂର୍ବଭଳି ଜାରି ରହିଛି। ଜୁନ୍ ମାସଠାରୁ କ୍ରମାଗତ ଭାବେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଯଦିଓ ଏବେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୨ଶହରୁ ଖସି ଆସିଛି, ହେଲେ ଏବେ ଶହେ ଉପରେ ଦୈନିକ ସଂକ୍ରମଣ ଜାରି ରହିଛି। ଅକ୍ଟୋବର ମାସରେ ମଧ୍ୟ ବର୍ଷା ଜାରି ରହିଥିବାରୁ ଚଳିତମାସ ଶେଷ ବେଳକୁ ମଧ୍ୟ ଡେଙ୍ଗୁରୁ ନିସ୍ତାର ନ ମିଳିପାରେ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ମାତ୍ର ଚଳିତବର୍ଷର ଡେଙ୍ଗୁ ସଂକ୍ରମଣ ରାଜ୍ୟରେ ବିଗତ ୫ବର୍ଷର ରେକର୍ଡକୁ ଭାଙ୍ଗି ଦେଇଛି। ଦେଶର ସର୍ବାଧିକ ସଂକ୍ରମିତ କିଛି ହାତ ଗଣତି ରାଜ୍ୟ ଭିତରେ ଓଡ଼ିଶା ରହିଛି। ପ୍ରତିବର୍ଷ ରାଜ୍ୟରେ ଡେଙ୍ଗୁ ସଂକ୍ରମଣ ହେଉଥିବା ବେଳେ ଏହାକୁ କିଭଳି ଠିକଣା ଢଙ୍ଗରେ ନିୟନ୍ତ୍ରଣ କରାଯିବ ସେଥିପାଇଁ ରାଜ୍ୟ ସରକାରଙ୍କ କିଛି ନିର୍ଦ୍ଦିଷ୍ଟ ରଣନୀତି ମଧ୍ୟ ନାହିଁ। ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଏକାଧିକ ବିଭାଗର ସମନ୍ୱୟର ଆବଶ୍ୟକତା ଥିବାରୁ ପ୍ରତିବର୍ଷ ମୌସୁମୀ ଆସିବା ପୂର୍ବରୁ ଆବଶ୍ୟକ ପଦକ୍ଷେପ ନେବା ଜରୁରି ବୋଲି କୁହାଯାଉଛି। ନାମ ଗୋପନ ସର୍ତ୍ତରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ କହିଛନ୍ତି, ରାଜ୍ୟରେ ଚିଗର୍ସ ପୂର୍ବରୁ ମଧ୍ୟ ରହିଛି।

# ଗାନ୍ଧୀ ବିଚାର ବିରୋଧରେ ଶାସନ ଚଳାଇଛନ୍ତି ରାଜ୍ୟ ସରକାର-ବିଜେପି

କେନ୍ଦ୍ରାପଡ଼ା, ୦୩/୧୦ (ନି.ପ୍ର): ଗାନ୍ଧିବାଦୀ ବିଚାର ବିରୋଧି ଶାସନ ଆପଣେଇ ରାଜ୍ୟ ସରକାର ଗାନ୍ଧୀ ଜୟନ୍ତୀକୁ ଲୋକଙ୍କୁ ଠକିବା ପାଇଁ ବ୍ୟବହାର କରିବାକୁ ତୀବ୍ର ବିରୋଧ କରିଛି ବିଜେପି । ନାରୀ ସଶକ୍ତିକରଣ ବାଜା ବଜାଉଥିବା ବିଜେଡି ସରକାର ଅସଲରେ ମହିଳା ମାନଙ୍କ ଦୁର୍ଦ୍ଦଶାର କାରଣ ହୋଇଛି । ଅହିଂସା ଶବ୍ଦକୁ ସମ୍ବିଧାନ ମୁଖବନ୍ଧରେ ସ୍ଥାନିତ କରିବା ପାଇଁ ଦାବି କରୁଥିବା ମୁଖ୍ୟମନ୍ତ୍ରୀ ମହିଳାଙ୍କ ପ୍ରତି ହିଂସାର ସୁଯୋଗ ମୁଖ୍ୟ କାରଣ ସାଜିଛି । ରାଜ୍ୟ ସରକାର ନିଶା ଆଧାରିତ ରାଜସ୍ୱ ବ୍ୟବସ୍ଥା କୁ ଆପଣେଇ ପ୍ରତି ପଂଚାୟତରେ ସରକାରୀ ନିଶା କେନ୍ଦ୍ର ଖୋଲିବା ବେଳେ ସରକାରୀ ପୃଷ୍ଠ ପୋଷକତାରେ ଥିବା ବିଜୁ ଜନତାଦଳର ଯୁବ କର୍ମୀମାନେ ବ୍ୟାପକ ଭାବେ ନିଶା କଳାବଜାରୀ କୁ ଆୟର ପନ୍ଥା ବାଛିଛନ୍ତି । ଯେଉଁ କାରଣରୁ ମହିଳା ମାନଙ୍କ ପ୍ରତି ହିଂସା, ଦୁଷ୍କର୍ମ, ଶୋଷଣ ଓ ଅପମାନ ବହୁ ପରିମାଣରେ ଉଦବେଗ ଜନକ ଭାବେ ବୃଦ୍ଧି ପାଇଛି । ସଶକ୍ତି କରଣ ନାଁରେ ମହିଳାଙ୍କୁ କରଜ ଦେଇ ତାଗିଦ୍ କରି ବାଧ ଭୋଟ ବ୍ୟାଙ୍କରେ ପରିଣତ କରିବାକୁ ଉଦ୍ୟମ ଜାରି ରଖିଛନ୍ତି ବୋଲି ବିଜେପି ନେତା ଶ୍ରୀଯୁକ୍ତ ଭୁବନ ମୋହନ ଜେନା ଅଭିଯୋଗ କରିଛନ୍ତି । ଜନ ପ୍ରତିନିଧି ମାନେ ଜନ ସମସ୍ୟାକୁ ବୁଝିବା ଓ ସମାଧାନ କରିବା ଦିଗରେ ବ୍ୟର୍ଥ ହୋଇଛନ୍ତି । କୃଷି ଆଧାରିତ ଗ୍ରାମ୍ୟ ଅର୍ଥନୀତି ଉପରେ ଭରଷା କରିଥିବା କେନ୍ଦ୍ରାପଡ଼ା ବାସୀଙ୍କ ଆର୍ଥିକ ସ୍ଥିତି ଭିଶୁଡ଼ିବାରେ ଲାଗିଛି,ଶିକ୍ଷା ଓ ସ୍ୱାସ୍ଥ୍ୟ ସ୍ଥିତି ବିପନ୍ନ ହୋଇଛି । କରୋନା ସମୟରେ ନିଯୁକ୍ତିର ଯେଉଁ ଦୟନୀୟ ଛବି ଦେଖିବାକୁ ମିଳିଥିଲା ତାହା ଏବେ ଉତ୍କଟ ସ୍ଥିତିରେ । ବିଧାନସଭା ଓ ଲୋକସଭା ର ପ୍ରତିନିଧି ସେହି ସବୁ ଅଂଚଳ ପାଇଁ ଆମଦାନୀ ପ୍ରତିନିଧି ହୋଇଥିବାରୁ ସେମାନେ ଗୁଞ୍ଜା ରୁଅ ପୋଷା ପୁଅ ଭୂମିକାରେ ସୀମିତ ବୋଲି ଶ୍ରୀଯୁକ୍ତ ଜେନା ଅଭିଯୋଗ କରିଛନ୍ତି । ବହୁ ପ୍ରତିକ୍ଷୀତ ଗ୍ରାମ୍ୟ ବିଶ୍ୱବିଦ୍ୟାଳୟ ଓ ମେଡ଼ିକାଲ କଲେଜ ପ୍ରତିଷ୍ଠା ଦିଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୋଦି ସରକାରଙ୍କ ଆନ୍ତରିକତା ଓ ଭୂମିକା ସ୍ପଷ୍ଟ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଜିଲ୍ଲା ବାସୀଙ୍କ ଦାବି ସରକାରୀ ଭାବେ ଉପସ୍ଥାପିତ କରିବା ଦିଗରେ ବ୍ୟର୍ଥ ହେବା ଦୁର୍ଭାଗ୍ୟ ଜନକ ବୋଲି ଶ୍ରୀ ଜେନା ଅଭିଯୋଗ କରିଛନ୍ତି ।

# ଜିଲ୍ଲାସ୍ତରୀୟ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀ ଜୟନ୍ତୀ ପାଳିତ

ବାରିପଦା , ୦୩/୧୦ (ନି.ପ୍ର): ଆଜି ବାରିପଦା ଠାରେ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନ ରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ବାରିପଦା ପୌରପାଳିକାର ମିଳିତ ଆନୁକୂଲ୍ୟରେ ସତ୍ୟ ଓ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀଙ୍କର ଜିଲ୍ଲା ସ୍ତରୀୟ ୧୫୪ ତମ ଜନ୍ମ ଜୟନ୍ତୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ୧୧୯ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଦିବସ ବ୍ୟାପି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା



ପ୍ରତ୍ୟୁଷରେ ସହରରେ ରାମଧୁନ ପରିବେଷଣପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କର ଶୋଭାଯାତ୍ରା ଗାନ୍ଧୀ ପାର୍କରେ ପହଂଚିବା ପରେ ଜିଲ୍ଲାପାଳ ଭିନିତ ଭରଦ୍ୱାଜଙ୍କ ଅଧ୍ୟକ୍ଷତା ରେ ଏକ ସାମୁହିକ ମାଲ୍ୟାର୍ପଣ କାଯ୍ୟକ୍ରମ ଏବଂ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପରିଷଦର ଅଧ୍ୟକ୍ଷା ଭାରତୀ ହାଁସଦା, ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡ଼ଃ ଦେବାଶିଷ ମାର୍ଣ୍ଡି, ପୌରପରିଷଦ ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅବନୀ ମୋହନ ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ସେଠୀ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ଛାତ୍ର ଛାତ୍ରୀ ମାନେ ମହାତ୍ମା ଗାନ୍ଧି ଓ ଲାଲ ବହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରି ସର୍ବଧର୍ମ ପ୍ରାର୍ଥନା ସଭାରେ ଅଂଶ ଗ୍ରହଣ କରିଥିଲେ। ଅବସର ପ୍ରାପ୍ତ ଶିକ୍ଷକ ତଥା ପଣ୍ଡିତ ଡଃ ଭାଗବତ ପ୍ରସାଦ ପଣ୍ଡା ଭଗବଦ ଗୀତା ପାଠ, ରେଭ୍ ସ୍ନେହବାନ୍ ଲିମ୍ମା ବାଇବେଲ ପାଠ, ସର୍ଦ୍ଦାର ହରିଚରଣ ସିଂହ ଗୁରୁ ଗ୍ରନ୍ଥ ସାହେବ ପାଠ, ମୌଲାନା ଜାଫର ଅଲ୍ଲୀ କୋରାନ ପାଠ କରିବା ପରେ ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ. ସନ୍ଧ୍ୟାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗାନ୍ଧୀ ବିଚାର ଓ ଦର୍ଶନ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।

## ସିପିଏମ୍ ସମର୍ଥିତ ମିଳିତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ସଂଯୁକ୍ତ ମୋର୍ଚ୍ଚାର କଳା ଦିବସ

ଜଳେଶ୍ୱର , ୦୩/୧୦ (ନି.ପ୍ର): ଆଜି ପୂର୍ବାହ୍ନରେ ଜଳେଶ୍ୱର ହାଟଛକ ଠାରେ ମିଳିତ ସିପିଏମ୍ ସମର୍ଥିତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ କଳାଦିବସ ପାଳିତ ହୋଇ ଯାଇଛି । ଉତ୍ତର ପ୍ରଦେଶର ଲକ୍ଷ୍ମୀପୁର ଫେରିଠାରେ ୨୦୨୧ ଅକ୍ଟୋବର ୩ ତାରିଖରେ କୃଷକ ମାନଙ୍କ ଉପରେ କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ଅଜୟ ମିଶ୍ରଟେନିଙ୍କ ପୁଅ ଆଶିଷ ମିଶ୍ରଟେନି ନିର୍ମମଭାବେ ଗାଡି ଚଳାଇଥିବାରୁ ୪ଜଣ କୃଷକ ଓ ଜଣେ ସାମ୍ବାଦିକଙ୍କ ମୃତ୍ୟୁ ଘଟିଥିଲା । ଏହି ଦୁର୍ଘଟଣାରେ ମନ୍ତ୍ରୀଙ୍କ ଗାଡି ବ୍ୟବହାର ହୋଇଥିଲା । ଏହି ଘଟଣାରେ ଏକ ଭୟଙ୍କର ଷଡଯନ୍ତ୍ରୀ ହୋଇଥିଲା । କୃଷକ ମାନଙ୍କୁ ନ୍ୟାୟ ପ୍ରଦାନ, ହତ୍ୟ ଷଡଯନ୍ତ୍ରରେ ମନ୍ତ୍ରୀ ଓ ତାଙ୍କ ପୁଅକୁ ଗିରଫ କରିବା, କୃଷକ ମାନଙ୍କ ଉପରୁ କେଶ ପ୍ରତ୍ୟାହାର, ଏମ୍.ଏସ୍.ପିକୁ ଆଇନ୍‌ରେ ପରିଣତ କରିବା, ଦରବୃଦ୍ଧି ବନ୍ଦ କରିବା ଓ ବେରୋଜଗାରିଙ୍କୁ ନିଯୁକ୍ତି ଦେବା ଇତ୍ୟାଦି ଦାବି କରି ଆଜି କଳାଦିବସ ପାଳିତ ହୋଇଛି । ଦିଲ୍ଲିପ କୁମାର ଗିରିଙ୍କ ସଭାପତିତ୍ୱରେ ଦୀପ୍ତିମାନ ଆଚାର୍ଯ୍ୟ, ଦିଲ୍ଲିପ ପରିଡା, ପଲ୍ଟୁ ଦାସ, ରବିନ୍ଦ୍ର ବାରିକ, ଜୀବନ ପରିଡା, ଆରତୀ ପଲାଇ, ସବିତା ଭୂୟାଁ, ଜତିନ ଜେନା, ଲକ୍ଷ୍ମିଧର ପଲେଇ, ଅବ୍ଦୁଲ ଗିଲାନି ଖାଁ, ଦୀନକୃଷ୍ଣ ମହାନ୍ତି ପ୍ରମୁଖ ଏହି ସଭାରେ ଭାଷଣ ରଖିଥିଲେ ।

# ଉଦଳାରେ ବିଶ୍ୱ ଅହିଂସା ଦିବସ ପାଳିତ

ଉଦଳା , ୦୩/୧୦ (ନି.ପ୍ର): ଭକ୍ତିଜ୍ଞାନ ସଂଚାର ସେବା ସମିତି, ଉଦଳା ତରଫରୁ ସ୍ଥାନୀୟ ସନ୍ଧାନଗୃହ ପରିସରରେ ଚଳିତ ଅକ୍ଟୋବର ୨ ତାରିଖ ସୋମବାର ଦିନ ବିଶ୍ୱ ଅହିଂସା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର ଓ କବିତା ପାଠୋତ୍ସବର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ସେବା ସମିତିର ସମସ୍ତ ସଦସ୍ୟ ଜାତିର ପିତା ମହାତ୍ମାଗାନ୍ଧୀ ଓ ଶାନ୍ତିର ଦୁତ ଲାଲବାହାଦୁର ଶାସ୍ତ୍ରୀଙ୍କ ଫୋଟ ଚିତ୍ରରେ ପୁଷ୍ପ, ଧୂପ, ଦୀପ ଅର୍ପଣ ପୂର୍ବକ ବେଦମନ୍ତ୍ର ଉଚ୍ଚାରଣ କରି ପୂଜାର୍ଚ୍ଚନା କରିଥିଲେ। ଏହାପରେ ସମସ୍ତେ ଏକସ୍ୱରରେ 'ରଘୁପତି ରାଘବ ରାଜା ରାମ...' ସଂଗୀତ ବୋଲିଥିଲେ । ପରେ ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧକ୍ଷ ତଥା ସେବା ସମିତିର ସଭାପତି ଡ଼କ୍ଟର ଦିଲିପ କୁମାର ଦିକ୍ଷିତଙ୍କ ଅଧ୍ୟକ୍ଷତାରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମହାତ୍ମାଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କର ଓଡ଼ିଶା ପ୍ରତି ଦୃଷ୍ଟିକୋଣ କିପରି ଥିଲା ଓ ଓଡ଼ିଶାବାସି ମଧ ଦୁଇ ମହାତ୍ମାଙ୍କୁ କିପରି ସମ୍ମାନ ପ୍ରଦର୍ଶନ କରୁଥିଲେ ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଅହିଂସାର ମନ୍ତ୍ର ଓ ଏହାର ଶକ୍ତି କେତେ ଅଧିକ ତାହାକୁ ସମଗ୍ର ବିଶ୍ୱବାସୀଙ୍କୁ ଅବଗତ କରାଇବାରେ ମହାତ୍ମାଗାନ୍ଧୀଙ୍କ ଭୂମିକା ବିଷୟରେ ଆଜି କିଏବା ନଜାଣେ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ଼କ୍ଟର ଶ୍ୟମ ସୁନ୍ଦର ପଣ୍ଡା , ବରିଷ୍ଠ ନାଗରିକ ନାରାୟଣ ପଟ୍ଟନାୟକ, ଅଧ୍ୟାପକ ଭୋଳାନାଥ ସାହୁ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଦୁଇ ମହାତ୍ମାଙ୍କର ଜୀବନ ଇତିହାସ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ପରେ ଅନୁଷ୍ଠିତ କବିତା ପାଠୋତ୍ସବରେ ରାଜାରାମ ବେହେରା, ନମିତା ରାଉତ ଓ ବସନ୍ତ କୁମାର ଶତପଥୀ ସ୍ୱରଚିତ କବିତା ପାଠ କରିଥିଲେ । ରବିକାନ୍ତ ମହାପାତ୍ର ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ କିଶୋର ଚନ୍ଦ୍ର ଦାସବାବୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଧ୍ୟାପକ ଦିଲିପ କୁମାର ପରମାଣିକ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଶରତ ଚନ୍ଦ୍ର ଦାସ, ପ୍ରଭାତ ପରିଡ଼ା, ପ୍ରଫୁଲ ମହାଳିକ, ପ୍ରଫୁଲ ଖିଲାର, ମନୋରଂଜନ ମଲ୍ଲିକ , କରୁଣାକର ଦାସ, ସୁବ୍ରତ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳିତ

ରୂପସା , ୦୩/୧୦ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମର ସାପ୍ତାହିକ ସତ୍ସଙ୍ଗ ରେ,ରାଉତପଡା ଗ୍ରାମ ନିବାସୀ ଅଚ୍ୟୁତାନନ୍ଦ ଦଳାଇ-ଜାନକୀ ଦଳାଇ ଙ୍କ ସୁ କନ୍ୟା ଆୟୁଷ୍ମତୀ ମୁନିକୁମାରୀ ତପସ୍ୱିନୀ ଦଳାଆଇଙ୍କ ୧୬ ତମ ଶୁଭ ଜନ୍ମଦିନ,ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି । ଅତିଥି ହିସାବରେ ଯୋଗଦାନ କରିଥିଲେ,ଆଶ୍ରମର ବରିଷ୍ଠ ଯୋଗ ସାଧକ, ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ ।ବକ୍ତା ହିସାବରେ ଯୋଗଦାନ କରିଥିଲେ,ଆଶ୍ରମର ଯୋଗଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା । ଉପସ୍ଥିତ ଥିଲେ, ଆଶ୍ରମର ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର




ମହୋଦୟା, ମୁନିମତୀ ଶକୁନ୍ତଳା ପରିଡ଼ା, ଫୁଲମଣୀ ବେହେରା, ଯମୁନା ପାତ୍ର, ଉର୍ମିଳା ପରିଡ଼ା, ମିନତୀ ବର, ମୁନିକୁମାରୀ ମିନତୀ ଦଳାଇ, ମିନତୀ ଜେନା, ମେଘମାଳା ଜେନା, ମୁନି ଯୋଗେନ୍ଦ୍ର ବେହେରା, ହୃଷିକେଶ ପରିଡ଼ା, ମୁନିରାଜ ଗ୍‌ଉରହରି ବାରିକ, ଶ୍ରୀନାଥ ବେହେରା ଏବଂ ମୁନିମତୀ ମିନତୀ ମାଝୀ ପ୍ରମୁଖ ବହୁ ଶିବମୁନି ଜୀଙ୍କ ପରିବାରର ସଦସ୍ୟ ସଦସ୍ୟା ବୃନ୍ଦ । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ ମୁନିକୁମାରୀ ତପସ୍ୱିନୀ ଙ୍କୁ,ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନର, ଉଜ୍ଜ୍ୱଳ ମୟ ଭବିଷ୍ୟତର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା । ମୁନି ସମାଜର ଯମ ନିୟମ ପାଳନ ପୂର୍ବକ ପ୍ରତିଦିନ ଯୋଗ ସାଧନ କରି ଚାଲିଲେ ଜଣେ ନିଶ୍ଚୟ ସୁଖ ଶାନ୍ତି ଆନନ୍ଦରେ କାଳାତିପାତ କରିବା ସହିତ ଆତ୍ମ ଦର୍ଶନ କରିପାରିବ ବୋଲି ସମସ୍ତ ବକ୍ତାମାନେ ପ୍ରକାଶ କରିଥିଲେ ।ଶେଷରେ ମୁନିକୁମାରୀ ମିନତୀ ଦଳାଇ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ

ଅଭୁବନେଶ୍ୱର, ୦୩/୧୦ (ନି.ପ୍ର): ଆଜି ମୁଁ ଜୀବନରେ ଯାହା ହୋଇଛି, ଏହି କ୍ୟାମ୍ପସର ପବିତ୍ର ମାଟି ପାଇଁ ହୋଇଛି । ଏହି ଅବସରରେ ଓଡ଼ିଶାର ଜ୍ଞାନର ଏହି ମାଟିକୁ ପ୍ରଣାମ କରୁଛି ବୋଲି ଆଜି ଉତ୍କଳ ବିଶ୍ୱବିଦ୍ୟାଳୟରେ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁରଙ୍କ ସହ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ନିଜ ସଂଗ୍ରାମୀମାନଙ୍କୁ ସମ୍ମାନ ଦେବା, ବିକଶିତ ଭାରତରେ ଯୋଗଦାନ ରଖିବା ଏବଂ ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଆୟୋଜନ ହେଉଥିବା ମୋ ମାଟି ମୋ ଦେଶ ସେତେବେଳେ ଆୟୋଜନ ହେଉଛି, ଯେତେବେଳେ ଭାରତର ଚନ୍ଦ୍ରାୟାନ- ୩ ମିଶନ ସଫଳ ହୋଇଛି ଏବଂ ସୂର୍ଯ୍ୟ ଅଭିଯାନ ପାଇଁ ଆଦିତ୍ୟଏଲ-୧ ଉତକ୍ଷେପଣ କରାଯାଇଛି । ବିଗତ ଦିନରେ ଜି-୨୦ ମାଧ୍ୟମରେ ବିଶ୍ୱ ନେତୃତ୍ୱମାନେ ଭାରତ ଗସ୍ତରେ ଆସି ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ଦ୍ୱାରା ନିମନ୍ତ୍ରିତ ନୈଶ୍ୟଭୋଜିରେ ସାମିଲ ହୋଇଛନ୍ତି, ଏହି ସବୁ ବିଷୟ ସମଗ୍ର ଭାରତବର୍ଷ ପାଇଁ ଗୌରବମୟ ଉପଲବ୍ଧି । ଦେଶକୁ ସ୍ୱାଧୀନତା ଦେବାରେ ଓ ଆମକୁ ଦାସତ୍ୱ ମାନସିକତାରୁ ମୁକ୍ତି ଦେବା ପାଇଁ ଅନେକ ସଂଗ୍ରାମୀଙ୍କ ପରିଶ୍ରମ, ତ୍ୟାଗ ଓ ବଳିଦାନ ରହିଛି । ଦେଶର ସ୍ୱତନ୍ତ୍ରତା ପାଇଁ ଓଡ଼ିଶାର ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବିର୍ସା ମୁଣ୍ଡା, ନିର୍ମଳ ମୁଣ୍ଡା, ଶହୀଦ ଲକ୍ଷ୍ମଣ ନାଏକ, ଶହୀଦ ବାଜି ରାଉତ, ଗୋପବନ୍ଧୁ ଦାସ, କୁଳ ବୃଦ୍ଧ ମଧୁବାବୁ ଓ ଡକ୍ଟର ହରେକୃଷ୍ଣ ମହତାବଙ୍କ ଭଳି ଅନେକ ସଂଗ୍ରାମୀ ଓ ମହାପୁରୁଷଙ୍କ ଯୋଗଦାନ



ଅବିସ୍ମରଣୀୟ । ଦେଶର ସ୍ୱାଧୀନତା ପାଇଁ ତ୍ୟାଗ ଦେଇଥିବା ସଂଗ୍ରାମୀ ଓ ସ୍ୱାଧୀନତା ପରେ ଦେଶକୁ ସୁରକ୍ଷିତ ରଖିବା ପାଇଁ ବଳିଦାନ ଦେଇଥିବା ଯବାନ ମାନଙ୍କ ସ୍ମରଣାର୍ଥେ ଆୟୋଜିତ 'ମୋ ମାଟି ମୋ ଦେଶ' ଦେଶରେ ନୂଆ ଜାଗରଣ ଆଣିଛି । ଆଜି ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ସବୁ ହଷ୍ଟେଲରୁ ଯୁବସାଥୀଙ୍କ ଦ୍ୱାରା ସଂଗୃହିତ ମାଟି ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ସ୍ଥାନିତ ହେବ । ଅମୃତକାଳରେ ଭାରତ ନୂଆ ଉଚ୍ଚତାରେ ପହଞ୍ଚିବ ଏବଂ ଦେଶକୁ ଏହି ଉଚ୍ଚତାକୁ ନେବାର ନେତୃତ୍ୱ ଭାରତର ଶିକ୍ଷା ଜଗତ ନେବ । ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ବି ଯୋଗଦାନ ରହିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ସହ 'ପଞ୍ଚ ପ୍ରଣ'ର ଶପଥ ପାଠ ନେବା ସହ ଦେଶ ପାଇଁ ବଳିଦାନ ଦେଇଥିବା ବୀର ମାନଙ୍କ ପରିବାରକୁ ସମ୍ବର୍ଦ୍ଧିତ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର କ୍ୟାମ୍ପସରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ସେଠାରେ ଶହୀଦ 'ସ୍ମାରକୀ ଫଳକ'ର ଉନ୍ମୋଚନ କରିବା ସହ ବୃକ୍ଷରୋପଣ କରିଥିଲେ ।

# ଆଇନଜୀବୀ ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତି ସମ୍ମାନ ସମାରୋହ

ଭଦ୍ରକ, ୦୩/୧୦ (ନି.ପ୍ର): ବରିଷ୍ଠ ଆଇନଜୀବୀ, ସମାଜସେବୀ ସ୍ୱର୍ଗତ ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତି ସମ୍ମାନ ସମାରୋହ ଭଦ୍ରକ ଓକିଲ ସଂଘ ଓ ଯତୀନ୍ଦ୍ର ମୋହନ ସ୍ମୃତି ସଂସଦ ମିଳିତ ଆନୁକୁଲ୍ୟରେ ନଳାଙ୍ଗ ସ୍ଥିତ ଜିଲ୍ଲା କୋର୍ଟ ପରିସରସ୍ଥ ଓକିଲ ସଂଘ ସମ୍ମିଳନୀ କକ୍ଷରେ ପାଳନ କରାଯାଇଛି । ସମାରୋହରେ ଭଦ୍ରକ ଓକିଲ ସଂଘର ସଭାପତି ନିରାକାର ଜେନା ପୌରୋହିତ୍ୟ କରିଥିଲେ। ସ୍ୱର୍ଗତ ମହାନ୍ତି ଯେ କେବଳ ବୃତ୍ତିଗତ କ୍ଷେତ୍ରରେ ଦକ୍ଷ ଥିଲେ ତାହା ନୁହେଁ, ସେ ଜଣେ ସମାଜ ସୁଧାରକ, ସାହିତ୍ୟାନୁରାଗୀ ବ୍ୟକ୍ତିତ୍ୱ ଥିଲେ। ସେ ଜଣେ ସାରସ୍ୱତ ସାଧକ ଭାବେ ଭଦ୍ରକର ସାହିତ୍ୟ ଜଗତରେ ବେଶ୍ ଜଣାଶୁଣା ଥିଲେ। ଆଇନ ବୃତ୍ତିରେ ବହୁ ଯୁବ ଆଇନଜୀବୀ ଆର୍ଥିକ ଅନଟନରେ ରହି ମଧ ବୃତ୍ତି ପ୍ରତି ନିଷ୍ଠା ରଖି ଏହି ରାଜକୀୟ ବୃତ୍ତିକୁ ଆପଣେଇ ଆଗକୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି ସମାରୋହରେ ଓକିଲ ସଂଘ ସମ୍ପାଦକ ଦିବ୍ୟସିଂହ ନାୟକ, ବରିଷ୍ଠ ଅଧିବକ୍ତା ଜତିକାନ୍ତ ନାୟକ, ପବନ ଶର୍ମା, ଅରୁଣ ଚାନ୍ଦ, ବଟକୃଷ୍ଣ ଦାସ, ନିଶିକାନ୍ତ ନାୟକ, ଶଶିଭୂଷଣ ପଣ୍ଡା, ମୋହରୀର ସଂଘ ସମ୍ପାଦକ ରମାକାନ୍ତ ନାୟକ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରି ସେମାନଙ୍କ ବକ୍ତବ୍ୟ ରଖିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଦିନକ ପୂର୍ବରୁ ...

ଆପାର୍ଟମେଂଟ ମାଲିକାନା ବିଲଠୁ ଆରମ୍ଭ କରି ଜମି ଅଧିଗ୍ରହଣ ବିଲ୍ ପର୍ଯ୍ୟନ୍ତ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ଚଳିତ ଅଧିବେଶନରେ ପାରିତ ହୋଇଛି । ୪ଟି ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ଉପରେ ଆଲୋଚନା ହୋଇଛି । ତେବେ ଗୃହରେ କୌଣସି ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇପାରିନି କି ଶୂନ୍ୟକାଳ ସମ୍ପୂର୍ଣ୍ଣ ଚାଲିପାରିନି । ଚଳିତ ଅଧିବେଶନ ଓଡ଼ିଶା ବିଧାନସଭାରେ ପ୍ରଥମ ମହିଳା ବାଚସ୍ପତିଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା । ପ୍ରମିଳା ମଲ୍ଲିକ ବାଚସ୍ପତି ଭାବେ ନିର୍ବାଚିତ ହୋଇଥିଲେ । ସେହିପରି ବାଚସ୍ପତିଙ୍କ ଉପରକୁ ଡାଲି ଫିଙ୍ଗିବା ଅଭିଯୋଗରେ ଦୁଇଜଣ ବିଜେପି ବିଧାୟକ ମୋହନ ଚରଣ ମାଝୀ ଓ ମୁକେଶ ମହାଲିଙ୍ଗଙ୍କୁ ଅଧିବେଶନ ଶେଷ ପର୍ଯ୍ୟନ୍ତ ନିଲମ୍ବନ ହେବାକୁ ପଡ଼ିଥିଲା । ଗୃହ ସେପଟେମ୍ବର ୨୨ରୁ ଅକ୍ଟୋବର ୪ତାରିଖ ପର୍ଯ୍ୟନ୍ତ ଚାଲିବା ନେଇ କାର୍ଯ୍ୟସୂଚୀ ଥିଲା । ତେବେ ଦିନକ ପୂର୍ବରୁ ଗୃହକୁ ବାଚସ୍ପତି ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି । ବିଧାନସଭାର ମୌସୁମୀ ଅଧିବେଶନକୁ ଶାସକ ଦଳ ସମ୍ପୂର୍ଣ୍ଣ ଭାବେ ନିଜର ପ୍ରଭାବ ବିସ୍ତାର କରି ରଖିଥିଲା । ନିଜ ବ୍ୟକ୍ତିଗତ ସଚିବଙ୍କ ସପକ୍ଷରେ ସ୍ପଷ୍ଟୀକରଣ ରଖିବା ଓ ବିରୋଧୀଙ୍କୁ ସମାଲୋଚନା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବିଧାନସଭାକୁ ବାଛିଥିଲେ । ମୁଖ୍ୟମନ୍ତ୍ରୀ ବିଧାନସଭାରେ ବିରୋଧୀଙ୍କୁ ଶାଣିତ ସମାଲୋଚନା କରିଥିବାବେଳେ ଶାସକ ଦଳର ସଭ୍ୟମାନେ ମଧ ବିରୋଧୀଙ୍କୁ କଡ଼ା ଭାଷାରେ ସମାଲୋଚନା କରିବାକୁ ପଛାଇ ନଥିଲା । ବିରୋଧୀ ଦଳ ସଭ୍ୟମାନେ ନିଜର କଥା ରଖିବାକୁ ସୁଯୋଗ ମଧ ପାଉନଥିବା ଅଭିଯୋଗ କରିଥିଲେ । ଯେଉଁଥିପାଇଁ ବିରୋଧୀ ସଦସ୍ୟ ବିଧାନସଭାରେ ଶକ୍ତିହୀନ ହୋଇପଡ଼ିଥିଲେ । ବିରୋଧୀଙ୍କ ହଟ୍ଟଗୋଳ ଭିତରେ ସରକାର ନିଜର ବିଲ୍ ପାରିତ କରିବା ସହ ବିଭିନ୍ନ କମିଟି ରିପୋର୍ଟ ଉପସ୍ଥାପନ କରିବାରେ ସକ୍ଷମ ହୋଇଥିଲେ । ଅନ୍ୟପକ୍ଷରେ ଗୃହକୁ ଆଜି ବନ୍ଦ କରିଦିଆଯିବାକୁ ନେଇ ବିରୋଧୀ ଦଳ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି । ବିରୋଧୀ ଦଳ ନେତା କହିଛନ୍ତି ଯେ, ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଉପାୟରେ ଗୃହକୁ ବନ୍ଦ କରିଦେଇଛନ୍ତି । ଏହି ବିଧାନସଭାରେ ଯାହା ସବୁ ଆଲୋଚନା ହେବା କଥା ତାହା ହେଲାନି । ବିରୋଧୀ ଦଳ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥିଲା, କିନ୍ତୁ ସେସବୁ ଶୁଣିଲେ ନାହିଁ । ଅଗଣତାନ୍ତ୍ରିକ ଭାବେ ଦୁଇ ଜଣ ବିଧାୟକଙ୍କୁ ନିଲମ୍ବନ କରାଗଲା । ଗୃହରେ କିଛି ଆଲୋଚନା କରିବାର ସୁଯୋଗ ଦିଆଗଲାନି । ହଜାର ହଜାର ଶିକ୍ଷକ, ଡାକ୍ତର, ସରପଂଚ, ଆଶାକର୍ମୀ, ଗାଁ ସାଥୀ, ଅଙ୍ଗନୱାଡ଼ି ଓ ପାଚିକା ଆଦିଙ୍କ ସମ୍ପର୍କରେ ଆଲୋଚନା ହୋଇପାରିଲାନି । ଗଣତନ୍ତ୍ରକୁ ଆଖିଠାର ମାରି ବିଧାନସଭାକୁ ବନ୍ଦ କରିଦିଆଗଲା । ସର୍ବଦଳୀୟ ବୈଠକରେ ଗୃହକୁ ସୁରୁଖୁରୁରେ ଚଳାଇବା ପାଇଁ ନିଷ୍ପତ୍ତି ନିଆଯିବା ସତ୍ତ୍ୱେ ଶାସକ ଦଳ ଗୃହକୁ ଅଚଳ କରିଦେଲା । ଏଭଳି ଅଗଣତାନ୍ତ୍ରିକ କାର୍ଯ୍ୟରେ ବିଜେଡି ସମ୍ପୃକ୍ତ ଥିବାରୁ ଏହାକୁ ନିନ୍ଦା କରୁଛୁ । ଏ ଦଳକୁ କିଏ, ସରକାରକୁ କିଏ ବିଧାନସଭାକୁ କିଏ ଚଳାଉଛି ତାହା ସବୁଠୁ ବଡ଼ ପ୍ରଶ୍ନ ବୋଲି ଶ୍ରୀ ମିଶ୍ର କହିଛନ୍ତି ।

## ବ୍ରିଜ୍‌ରେ ଝୁଲିଲା ଯାତ୍ରିବାହୀ ...

ସାଇଡ୍‌କୁ ଟାଣି ନେଲା। ବସ୍‌ରେ ବ୍ରେକ୍ ଲଗାଇ ଅଟକାଇବାକୁ ବହୁ ଚେଷ୍ଟା କରିଥିଲି। ତଥାପି ବସ୍ ବାଡ଼ା ଭାଙ୍ଗି ନଦୀକୁ ଝୁଲି ପଡ଼ିଥିଲା। ଭଗବାନ ଆମକୁ ରକ୍ଷା କରି ଦେଇଛନ୍ତି ବୋଲି ସେ କହିଛନ୍ତି। ସୁଶୀଲ ଦଳାଇ ନାମକ ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି, 'ଆମେ ଦୁଇ ଜଣ ବାଇକ୍‌ରେ ଯାଉଥିଲୁ। ଆମ ଆଗରେ ବସ୍‌ଟି ଥିଲା। ହଠାତ୍ ବସ୍‌ଟି ବାମ ପାର୍ଶ୍ୱକୁ କଟିଲା। ତା'ପରେ ଡାହାଣ ଆଡ଼କୁ ଯାଇ ବ୍ରିଜ୍‌ର ସୁରକ୍ଷା ବାଡ଼କୁ ଧକ୍କା ଦେଇ ଆଗକୁ ମାଡ଼ି ଗଲା। ବସ୍‌ର ଦ୍ୱାର ଓ ଆଗ ଚକ ବ୍ରିଜ୍ ତଳକୁ ଝୁଲି ରହିଥିବା ବେଳେ ବାକି ଅଂଶ ବ୍ରିଜ୍ ପରେ ରହିଥିଲା। ବସ୍‌ଯାତ୍ରୀ ପୂରା ଭୟଭୀତ ହୋଇଯାଇଥିଲେ। ଏହା ପରେ ବ୍ରିଜ୍ ଉପରେ ଯା'ଆସ କରୁଥିବା ସମସ୍ତ ଲୋକ ସେଠାରେ ସାହାଯ୍ୟ କରିବା ପାଇଁ ପହଞ୍ଚିଥିଲେ। ଆମେ ଫୋନ୍ ସ୍ଥାନୀୟ ଲୋକଙ୍କୁ ମଧ ଡାକିଥିଲୁ। କାଳେ ବସ୍‌ଟି ନଦୀରେ ପଡ଼ିଯିବ, ସେହି ଆଶଙ୍କାରେ ୨୦ରୁ ୩୦ ଜଣ ଲୋକ ବସ୍‌କୁ ପଛପଟୁ ଟାଣି ଧରିଥିଲେ। ବସ୍‌ର ଦ୍ୱାର ନଦୀ ପାର୍ଶ୍ୱକୁ ରହିଥିଲା। ତେଣୁ ସମସ୍ତ ଯାତ୍ରୀଙ୍କୁ ଝରକା ଦେଇ ବାହାର କରାଯାଇଥିଲା। ପ୍ରାୟ ୩୦ରୁ ୩୫ ମିନିଟ୍ ମଧ୍ୟରେ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା। ବସ୍‌ରେ ୫୦ରୁ ଅଧିକ ଯାତ୍ରୀ ଥିଲେ।' ବସ୍‌ଟିକୁ ସୁରକ୍ଷିତ ଭାବେ ସେଠାରୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକ, ଅଗ୍ନିଶମ ଓ ପୁଲିସ୍ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଏକ ହାଇୱା ଓ କ୍ରେନ୍ ସାହାଯ୍ୟରେ ବସ୍‌ଟିକୁ ଉଦ୍ଧାର କରାଯାଇଥିଲା। ତେବେ ପ୍ରକୃତରେ କେମିତି ଏହି ଦୁର୍ଘଟଣା ଘଟିଲା, ତାହା ତଦନ୍ତ ପରେ ଜଣାପଡ଼ିବ। ବସ୍‌ର ବେଗ କେତେ ଥିଲା, ଫିଟ୍‌ନେସ୍ ଥିଲା ନା ନାହିଁ, ବସ୍‌ର ସବୁ ଯନ୍ତ୍ରପାତି ଠିକ୍ ଭାବେ କାର୍ଯ୍ୟ କରୁଥିବା ନେଇ ଯାଞ୍ଚ କରାଯାଉଥିଲା ନା ନାହିଁ, ବସ୍‌ରେ କ୍ଷମତା ଠାରୁ ଅଧିକ ଯାତ୍ରୀ ଥିଲେ ନା ନାହିଁ- ଏସବୁ ତଦନ୍ତ ପରେ ହିଁ ଜଣାପଡ଼ିବ। ଅନ୍ୟପକ୍ଷରେ ଜାତମୁଣ୍ଡିଆ-ସୁବର୍ଣ୍ଣପୁର ବ୍ରିଜରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ଲୋକେ ଅଭିଯୋଗ କରିଛନ୍ତି। ଯଦି ଏ ଦିଗରେ ପୂର୍ବରୁ ପଦକ୍ଷେପ ନିଆଯାଇଥା'ନ୍ତା ତା'ହେଲେ ଆଜି ଏଭଳି ଏକ ଦୁର୍ଘଟଣା ହୁଏତ ଘଟି ନଥା'ନ୍ତା ବୋଲି କୁହାଯାଉଛି।

## ପ୍ରଧାନମନ୍ତ୍ରୀ ମୋଦିଙ୍କ ...

ସ୍ତରକୁ ଖସି ମିଛ କହିପାରନ୍ତି।" ତେଲେଙ୍ଗାନାର ନିଜାମାବାଦରେ ଅନୁଷ୍ଠିତ ରାଲିରେ ପ୍ରଧାନମନ୍ତ୍ରୀ ମୋଦି ମୁଖ୍ୟମନ୍ତ୍ରୀ କେସିଆରଙ୍କ ଉପରେ ଜୋରଦାର ବର୍ଷିଛନ୍ତି। ସେ କହିଛନ୍ତି, "ତେଲେଙ୍ଗାନାର ଚାଷୀମାନଙ୍କୁ ବିଆରଏସ୍ ସରକାର ଦେଇଥିବା ସବୁ ପ୍ରତିଶ୍ରୁତିକୁ ଭାଙ୍ଗି ଦେଇଛନ୍ତି। କିନ୍ତୁ ବିଗତ କିଛି ବର୍ଷ ମଧ୍ୟରେ ଆମେ ୪୦ ଲକ୍ଷ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୦ ହଜାର କୋଟି ଟଙ୍କା ପଠାଇଛୁ। ନିଜାମାବାଦରେ ଉତ୍ପାଦନ ହେଉଥିବା ହଳଦୀକୁ ଗୋଟିଏ ଜିଲ୍ଲା, ଗୋଟିଏ ସାମଗ୍ରୀ ଯୋଜନାରେ ପ୍ରୋତ୍ସାହିତ କରାଯାଇଛି। ହଳଦୀ ଚାଷୀଙ୍କୁ ଆମେ ଦେଇଥିବା ପ୍ରତିଶ୍ରୁତି ମୁତାବକ ଆମେ ଜାତୀୟ ହଳଦୀ ବୋର୍ଡ ଗଠନ କରିବୁ।"

## ନିଜ ଦମରେ ଲଢ଼ିବ....

୧୨ କୋଟି ଶୌଚାଳୟ କରିଛି କେନ୍ଦ୍ର । ୧୮ କୋଟି ଗ୍ୟାସ୍ କନେକ୍ସନ କେବଳ ମୋଦି ସରକାରଙ୍କ ୯ ବର୍ଷରେ ହୋଇଛି । ଜଳ ଜୀବନ ମିଶନ ଶୀଘ୍ର ସାରିବାକୁ ଓଡିଶା ସରକାରଙ୍କୁ ଅନୁରୋଧ । ଗରିବ କଲ୍ୟାଣରେ ମହିଳାଙ୍କୁ ବେଶୀ ଫୋକସ୍ ଦିଆଯାଉଛି । ଏହାପରେ ଉଭୟ କେନ୍ଦ୍ରମନ୍ତ୍ରୀ ଉତ୍କଳ ବିଶ୍ୱବିଦ୍ୟାଳୟରେ ନେହେରୁ ଯୁବ କେନ୍ଦ୍ର ସଂଗଠନ ପକ୍ଷରୁ ଆୟୋଜିତ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ ଯୋଗଦେଇଥିବା ସୂଚନା ରହିଛି ।

# ନିଳଗିରିକୁ ସ୍ୱତନ୍ତ୍ର ଜିଲ୍ଲା ଦାବିରେ ୧୨ଘଣ୍ଟିଆ ନିଳଗିରି ବନ୍ଦ ସଫଳ

ନୀଳଗିରୀ, ୦୩/୧୦ (ନି.ପ୍ର): ସ୍ୱାଧିନ ଭାରତବର୍ଷ ସହିତ ପ୍ରଥମ ଗଡ଼ଜାତ ରାଜ୍ୟ ଭାବେ ନିଳଗିରି ଗଡଜାତ ମିଶିବା ପରେ ଅନ୍ୟ ଗଡ଼ଜାତ ରାଜ୍ୟ ଗୁଡ଼ିକ ସ୍ୱାଧିନ ଭାରତବର୍ଷ ସହିତ ମିଶିଥିଲେ। ସେଥିପାଇଁ ନିଳଗିରିକୁ ସବୁକ୍ଷେତ୍ରରେ ପ୍ରାଧାନ୍ୟତା ଦିଆଯିବା ନେଇ ସେତେବେଳେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ମାତ୍ର ନିଳଗିରିକୁ ଏକ ଉପଖଣ୍ଡ ଭାବେ ମାନ୍ୟତା ପାଇଛି ସତ ହେଲେ ଏଯାବତ୍ କୌଣସି ପ୍ରକାରର ଭୌଗଳିକ ଅବସ୍ଥିତି ହେଉ କିମ୍ବା ନିଳଗିରି ଗଡ଼ଜାତ ମାଟିର କୌଣସି କ୍ଷେତ୍ରରେ ଉନ୍ନତି ଆସିପାରିନାହିଁ। ସେହି ଦୃଷ୍ଟିରୁ ନିଳଗିରିକୁ ଏକ ସ୍ୱତନ୍ତ୍ର ଜିଲ୍ଲା ଭାବେ ରାଜ୍ୟ ସରକାର ଘୋଷଣା ଦାବିରେ ନିଳଗିରି ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବହୁବାର ରାଜ୍ୟ ସରକାରଙ୍କୁ ଲିଖିତ ଜନ ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିବା ବେଳେ କୌଣସି ସଫଳ ନମିଳିବାରୁ କମିଟିର ପୂର୍ବ ନିଷ୍ପତ୍ତି କ୍ରମେ ଆଜି ୧୨ଘଣ୍ଟିଆ ନିଳଗିରି ବନ୍ଦ ଡାକରା ଦିଆଯାଇଥିଲା। ମଙ୍ଗଳବାର ସକାଳ ୬ଟାରୁ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ମାନେ ପିକେଟିଂ ଆରମ୍ଭ କରିଥିଲେ। ପରେ ନିଳଗିରି ବାଇପାସ୍ ଛକ ନିକଟରେ ଟାୟାର ପକାଇ ରାସ୍ତା ଅବରୋଧ କରିଥିଲେ। ଫଳରେ ଚକ ଅଖ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ୯ଟା ସମୟରେ କମିଟିର ସଦସ୍ୟ ମାନେ ବିଭିନ୍ନ ସରକାରୀ ଅଫିସ, ସମସ୍ତ ବ୍ୟାଙ୍କ, କୋର୍ଟ, ଆଦିକୁ ବନ୍ଦ କରାଇଥିଲେ। ନିଳଗିରିରେ ଥିବା ସମସ୍ତ ବଜାର କମିଟିର ଦୋକାନୀ ଭାଇ ମାନେ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ସବୁ ଦୋକାନ ବନ୍ଦ କରି ଥିଲେ। ଏପରିକି ସ୍କୁଲ, କଲେଜ, ଆଦିକୁ ମଧ ବନ୍ଦ କରାଯାଇଥିଲା। ବନ୍ଦ ସମୟରେ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନଥିଲା। ୧୨ଘଣ୍ଟା ପାଇଁ ଏକ ପ୍ରକାର ନିଳଗିରି ସ୍ତବ୍ଧ ହେଇଗଲା ପରି ଲାଗିଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ନିଳଗିରି ପୋଲିସ ସ୍ଥାନେ ସ୍ଥାନେ ଫୋର୍ସ ନିୟୋଜିତ ହୋଇ ଥିଲେ। ଆଜିର ଏହି ବନ୍ଦ ଡାକରାରେ ଜାତୀୟ କଂଗ୍ରେସ, ସିପିଆଇ, ବିଜେପି ଆଦି ଦଳର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ନିଳଗିରି ବନ୍ଦକୁ ସଫଳ କରିଥିଲେ। ବନ୍ଦ ଫଳରେ ସାଧାରଣ ଜନତା ବହୁ ଅସୁବିଧାରେ ସମ୍ମୁଖିନ ହେଉଥିବାର ଦେଖିବାକୁ ମିଳିଛି। ଆଜିର ଏହି ବନ୍ଦ ଡାକରାରେ ନିଳଗିରି ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଆବାହକ ତଥା ନିଳଗିରିର ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀ, ସିପିଆଇ ଦଳର ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ, ବର୍ଷୀୟାନ ସିପିଆଇ ନେତା କୈଳାସ ପଣ୍ଡା, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରସ୍ତମ ସେଠୀ, ମନୋରଞ୍ଜନ ବେହେରା, ପ୍ରଫୁଲ୍ଲ ଦଳାଇ, ରାଧାଗୋବିନ୍ଦ ଖଟୁଆ, ଦୟାନିଧି ମିଶ୍ର, ବାଞ୍ଛାନିଧି ପାତ୍ର, ସୁରେଶ ବେହେରା, ପ୍ରଫୁଲ୍ଲ ବେହେରା, ଜସବନ୍ତ ରାଉତ, ଯୟଦେବ ବେହେରା, ଆର୍ଦଶ ଗୌରବ ଦାସ, ସୁଧାରଞ୍ଜନ ମହାପାତ୍ର, ଗଦାଧର ପରିଡ଼ା ପରିଡ଼ା, ନିହାର ଜେନା, କିଶୋର ଦାସ, ଦେବେନ୍ଦ୍ର ପଣ୍ଡା, ସୁରେଶ ଦାସ, ପ୍ରଫୁଲ୍ଲ ବେହେରା, ବିଜୟ ସ, ଦାମୋଦର ବିଶ୍ୱାଳ ପ୍ରମୁଖ ବହୁ ସଙ୍ଗଠକର ପ୍ରମୁଖ ଓ ବୁଦ୍ଧିଜୀବୀମାନେ ସାମିଲ ହୋଇ ବନ୍ଦକୁ ସଫଳ କରିଥିଲେ।

ବୁଧବାର, ଅକ୍ଟୋବର ୦୪, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ନହଙ୍ଗ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱଚ୍ଛତା ହିଁ ସେବା

ଖଇରା, ୦୩/୧୦ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ଅଧୀନ ନହଙ୍ଗ ସ୍ଥିତ ପଞ୍ଚାୟତ ସମିତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅୟୋଜିତ ହୋଇ ଯାଇଛି । ସେପ୍ଟେମ୍ବର ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିର ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ଉଦ୍ଯାପିତ ହୋଇ ଯାଇଛି । ବିଭିନ୍ନ ଦିବସରେ ଶିବିରାର୍ଥୀ ମାନେ କାର୍ଯ୍ୟକ୍ରମ ପରିଚାଳିକା ଅଳକନନ୍ଦା ସାହୁଙ୍କ ତତ୍ତ୍ୱାବଧାନରେ ଶୋଭାଯାତ୍ରାରେ ନହଙ୍ଗ ଗ୍ରାମକୁ ଯାଇ ସ୍ୱଚ୍ଛ ପରିବେଶ ର ଆବଶ୍ୟକତା ଉପରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ । ଏଥିସହ ରାସ୍ତା ପାର୍ଶ୍ୱ ତଥା ବିଭିନ୍ନ ସ୍ଥାନରୁ ଅଳିଆ ଆବର୍ଜନା ସଫା କରିଥିଲେ । ସୋମବାର ଉଦ୍ଯାପନୀ ଦିବସରେ ମହାବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ଶେଷରେ ଅଧ୍ୟକ୍ଷା ଅନିତାରାଣୀ ନାୟକଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ କାର୍ଯ୍ୟକ୍ରମ ପରିଚାଳିକା ଭାବେ ଅଧ୍ୟାପିକା ସାହୁ ପ୍ରାରମ୍ଭିକ ସୁଚନା ଦେଇଥିଲେ । ଅଧ୍ୟାପିକା ଜ୍ୟୋସ୍ନାବାଳା ଦାସ,ଅଧ୍ୟାପକ ଅର୍ଜୁନ ଚରଣ ଲେଙ୍କା,କର୍ମଚାରୀ ଭାସ୍କର ଚନ୍ଦ୍ର ମାଝି,ବିଣାପାଣି ବେହେରା,ଘନଶ୍ୟାମ ଦାସ ପ୍ରମୁଖ ବକ୍ତାଭାବେ ଯୋଗ ଦେଇ ସ୍ୱଚ୍ଛତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ।




## ପାକ୍‌ର ନୂଆ ଯୋଜନା ମଞ୍ଜୁରୀକୁ ଅଗ୍ରାହ୍ୟ କଲା ଚୀନ

ବେଜିଂ/ଇସଲାମାବାଦ, ୦୩/୧୦ (ନି.ପ୍ର): ପାକିସ୍ତାନରେ ଲାଗିରହିଛି ରାଜନୈତିକ ଅସ୍ଥିରତା ଏବଂ ସୁରକ୍ଷା ଚିନ୍ତା । ଯାହା ଏବେ ଚୀନକୁ ବ୍ୟାପଫୁଟରେ ଛାଡିଛି । ପାକିସ୍ତାନରେ ଏବେ ନୂଆ ଯୋଜନାକୁ ମଞ୍ଜୁରୀ ନେବାକୁ ଅଗ୍ରାହ୍ୟ କରିଛି ଚୀନ । ଚୀନ ଓ ପାକିସ୍ତାନର ସୁସମ୍ପର୍କକୁ ନେଇ ସବୁବେଳେ ଚର୍ଚ୍ଚା ଲାଗିରହିଥାଏ । ଚୀନ-ପାକିସ୍ତାନ ଇକୋନୋମିକ କରିଡରକୁ ଚୀନର ବେଲ୍ଟ ଆଣ୍ଡ ରୋଡ ଇନିସିଏଟିଭର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଗ୍ରହଣ କରାଯାଏ । କିନ୍ତୁ ପାକିସ୍ତାନରେ ଏହି ଯୋଜନାର ମୋହ ଭାଙ୍ଗିଛି ଚୀନ । ରାଜନୈତିକ ଅସ୍ଥିରତା ଓ ସୁରକ୍ଷା ଚିନ୍ତା ଯୋଗୁ ଚୀନ ପାକିସ୍ତାନରେ ନୂଆ ଯୋଜନାକୁ ମଞ୍ଜୁରୀ ଦେବାକୁ ମନା କରିଦେଇଛି । ଏହା ସହିତ ନୂଆ ବେଲ୍ଟ ଓ ରୋଡ୍ ଯୋଜନାକୁ ମଧ୍ୟ ଖାରଜ କରିଦେଇଛି ଚୀନ । ଚୀନ-ପାକିସ୍ତାନ ଇକୋନୋମିକ କରିଡର ପାଇଁ ପ୍ରାଥମିକ ନିର୍ଣ୍ଣୟ ନେଉଥିବା ସଂସ୍ଥାର ବୈଠକରେ ପାକିସ୍ତାନରେ ଯୋଜନାକୁ ମଞ୍ଜୁରୀ ନଦେବା ପାଇଁ ନିଷ୍ପତି ନିଆଯାଇଛି । ୫ଶହ କିଲୋୱାଟ ଟ୍ରାନ୍ସମିଶନ ଲାଇନ ନିର୍ମାଣ ପାଇଁ ପାକିସ୍ତାନର ନିଷ୍ପତିକୁ ଖାରଜ କରିଛି ଚୀନ । ଏହି ପ୍ରକଳ୍ପ ଅଧୀନରେ ଗୱାଡର ବନ୍ଦରକୁ କରାଚି ସହିତ ଜାତୀୟ ବିଦ୍ୟୁତ୍ ଗ୍ରୀଡ୍ ସହିତ ସଂଯୁକ୍ତ ହୋଇଥାନ୍ତା । ଏହା ବ୍ୟତୀତ ଗ୍ୱାଡରରେ ୩୦୦ ମେଗାୱାଟ କୋଇଲା ଚାଳିତ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଉପରେ ଜିଦ ଛାଡିବାକୁ ଚୀନ ପାକିସ୍ତାନକୁ ଜୋର ଦେଇ କହିଛି । ଘରୋଇ କୋଇଲା ବ୍ୟବହାର କରି ଏହି ଯୋଜନାକୁ ଚାଲୁରଖିବାକୁ ଚୀନ କହିଛି ।

# 'ଶବ୍ଦ ଈଶ୍ୱର' ପକ୍ଷରୁ ଗାନ୍ଧୀ ଜୟନ୍ତୀ ଓ ଗୁରୁ ସମ୍ବର୍ଦ୍ଧନା

## ଗୁରୁ ସତ୍ୟରଞ୍ଜନ ମହାନ୍ତି ସମ୍ବର୍ଦ୍ଧିତ



ବାଲେଶ୍ୱର,୩।୧୦(ନି.ପ୍ର)- ଆଧାତ୍ମିକ ସୃଜନର ଅମୃତ ଅକ୍ଷର ଓ ସ୍ୱର 'ଶବ୍ଦ ଈଶ୍ୱର' ପକ୍ଷରୁ ସହରର ଆତିଥ୍ୟ ସଭାଗୃହରେ ସୋମବାର ସନ୍ଧ୍ୟାରେ ଗାନ୍ଧୀ ଜୟନ୍ତୀ ଓ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ମୁଖ୍ୟ କବି ପ୍ରଶାନ୍ତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟ-୧ର ଅଧକ୍ଷ ରବି ପ୍ରକାଶ, ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମ୍ପାଦିକା ସୈରିନ୍ଧ୍ରୀ ସାହୁ, ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୂର୍ଯ୍ୟଶିଖା ମହାନ୍ତି, ବିଶିଷ୍ଟ ଆୟୁର୍ବେଦ ଡାକ୍ତର ପ୍ରଫେସର ଶାନ୍ତନୁ ଦାସ, ସମାଜସେବୀ ରାଜେଶ ଗିରି, ସଙ୍ଗୀତ ନିର୍ଦ୍ଦେଶକ ସତ୍ୟରଞ୍ଜନ ମହାନ୍ତି, ବରିଷ୍ଠ ସାମ୍ବାଦିକ ଶଶିରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇ 'ଗାନ୍ଧୀ ଓ ପ୍ରାର୍ଥନା' ବିଷୟ ଉପରେ ଆଲୋଚନା କରିଥିଲେ । ପ୍ରାର୍ଥନା ଭିତରେ ଗଭୀର ଆଧାତ୍ମିକ ଶକ୍ତି ଓ ଚେତନା ଭରି ରହିଛି ଓ ଏହି ପ୍ରାର୍ଥନା ବଳରେ ଗାନ୍ଧିଜୀ ଅସାଧ କାମ କରିପାରିଥିଲେ ବୋଲି ଅତିଥିଗଣ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଶୁଭମ ବାରିକ, ଅର୍ଚ୍ଚିସା ପାଣିଗ୍ରାହୀ, ବନାନୀ ମଲ୍ଲିକ ପ୍ରମୁଖ ଛାତ୍ରଛାତ୍ରୀ ଗାନ୍ଧିଜୀଙ୍କ ଉପରେ ବିଶେଷ କଥା ରଖିଥିଲେ । ଏହି ଅବସରରେ ସଙ୍ଗୀତ ଗୁରୁ, ବିଶିଷ୍ଟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ସତ୍ୟରଞ୍ଜନ ମହାନ୍ତିଙ୍କୁ 'ଗୁରୁ ସମ୍ବର୍ଦ୍ଧନା-୨୦୨୩' ପ୍ରଦାନ କରାଯାଇଥିଲା । କବି ମଧୁସୁଦନ ମିଶ୍ର ମାନପତ୍ର ପାଠ କରିଥିଲେ । କାର୍ଯ୍ୟକ୍ରମରେ ଶ୍ୱେତାଲିସା ଶୁଭଦର୍ଶିନୀଙ୍କ 'ପୁରିଯିବ କାଳ..ସରିଯିବ ଖେଳ..' ନୂତନ ଭଜନ ଅତିଥିଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା । ଆୟୋଜିତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ଆକାଶ କୁମାର ପଣ୍ଡା, ସ୍ମୃତିସ୍ୱରୂପା ମିଶ୍ର, ସନ୍ଦିପ୍ତା ଦାସ, ଅଭିଷେକ ଦାସ, ଦିଗବିଜୟ ମହାନ୍ତି, ଶ୍ୱେତାଲିସା ଶୁଭଦର୍ଶିନୀ ପ୍ରମୁଖ ଗୁରୁ ସତ୍ୟରଞ୍ଜନଙ୍କ ତତ୍ତ୍ୱାବଧାନରେ ଭଜନ ପରିବେଷଣ କରିଥିଲେ । ବାଦ୍ୟଯନ୍ତ୍ରରେ ଜୟନ୍ତ ବେହେରା, ସୁବାସ ସିଂ, ତପନ ବେହେରା, ସଞ୍ଜିବ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ମାସିକ ହିନ୍ଦୀ ଶିଶୁ ପତ୍ରିକା 'କାକଳୀ' ଉନ୍ମୋଚିତ



ବଡ଼ସାହି , ୦୩/୧୦ (ନି.ପ୍ର): ବାଣୀପୀଠ ତରଫରୁ ଡକ୍ଟର କୁମାର ବାବୁଲିଙ୍କ ସମ୍ପାଦନାରେ ୨୦୨୧ ମସିହାରୁ ପ୍ରକାଶିତ ହେଉଥିବା ଏକମାତ୍ର ମାସିକ ଶିଶୁ ହିନ୍ଦୀ ପତ୍ରିକା କାକଳୀର ପୂଜା ସଂଖ୍ୟା ଆଜି ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ବିବେକାନନ୍ଦ ବିହାରସ୍ଥିତ ବାଣୀଭବନ ଠାରେ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ବାଣୀପୀଠର ସହ ସଂପାଦକ ଶିବଶଙ୍କର ଭୂୟାଁ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ ଯୋଗଦାନ କରି ଗାନ୍ଧୀ ଆଜି ଭାରତର ନୁହେଁ ସାରା ବିଶ୍ୱର ମହାତ୍ମା ବନିଯାଇଛନ୍ତି । ତାଙ୍କରି ଏଇ ପୂଣ୍ୟ ଜନ୍ମତିଥିରେ ରାଷ୍ଟ୍ରଭାଷାରେ ଶିଶୁ ପତ୍ରିକା ପ୍ରକାଶ କରିବା ଏକ ମହାନ କାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ କଥାକାର ମାହେଶ୍ୱର ସେନାପତି, ସ୍ୱତନ୍ତ୍ର ଅତିଥି ଭାବେ ସମାଜସେବୀ ରାଜକିଶୋର ଆଚାର୍ଯ୍ୟ ଓ ସମ୍ମାନୀତ ଅତିଥି ଭାବେ ମଳୟ ମଞ୍ଜରୀ ରଥ, ଦୀପକ କୁମାର ଦାସ ଓ ସେନାକ୍ସି ଦଣ୍ଡପାଟ ଯୋଗଦାନ କରି ଗାନ୍ଧୀ ଓ ଶାସ୍ତ୍ରୀଙ୍କ ସଂଘର୍ଶ ପୂର୍ଣ୍ଣ ଜୀବନ ଯାତ୍ରା ଉପରେ ବହୁ ସରଗର୍ଭକ ତଥ୍ୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ସଂପାଦକ ତଥା ପ୍ରଧାନ ଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ପୁହାଣ ଯୋଗନ କରି ଆଜିର ଅଭିମୁଖ୍ୟ ଓ ଅନୁଷ୍ଠାନିକ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଇକୋ କ୍ଲବର ସବୁଜ ସାଥି ମାନଙ୍କ ଦ୍ୱାରା ଅନୁଷିତ ହୋଇ ଥିଲା । ଗୁରୁମା ସସ୍ମିତା ଦାଶ ଆବାହନୀ ସଂଗୀତ ପରିବେଷଣ କରିଥିଲେ । ସତ୍ୟଜିତ ପଣ୍ଡା, ପ୍ରିୟଦର୍ଶନୀ ଭଞ୍ଜବାବୁ, ଜଗଦୀଶ ଉପାଧାୟ ଓ ପପୁ ବେହେରା ଆଦି ଶାସ୍ତ୍ରୀ ଓ ଗାନ୍ଧିଜୀଙ୍କ ଉପରେ ବିକ୍ତବ୍ୟ ରଖିଥିଲେ । କବି କାର୍ତ୍ତିକ ସେଠୀ ଅନ୍ୟବାଦ ଅର୍ପଣ କରିଥିଲେ ।

## ସାପ କାମୁଡ଼ାରେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

ଭୁବନେଶ୍ୱର, ୦୩/୧୦ (ନି.ପ୍ର): ସାପ କାମୁଡ଼ାରେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି । ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ମାଣିପୁର ପଂଚାୟତ ରଣପୁର ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି । ରତ୍ନାକର ମହାନ୍ତିଙ୍କ ୧୩ ବର୍ଷୀୟ ପୁଅ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଏକ ବିଷଧର ସାପ କାମୁଡି ଦେଇଥିଲା । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିଲେ । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ତାଙ୍କ ମୃତ୍ୟୁରେ ପୁରା ପରିବାର ଭାଙ୍ଗିପଡିଥିବା ବେଳେ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

# ଗୋଷ୍ଠୀ ବେତାର କେନ୍ଦ୍ର 'ବାଘାଯତୀନ' ଲୋକାର୍ପିତ

ଉଦଳା , ୦୩/୧୦ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ବିଶୋଳ ଗ୍ରାମ ଠାରେ ଚଳିତ ଅକ୍ଟୋବର ୨ ତାରିଖ ସୋମବାର ଦିନ ଗୋଷ୍ଠୀ ବେତାର କେନ୍ଦ୍ର 'ବାଘାଯତିନ' ଲୋକାର୍ପିତ ହୋଇ ଯାଇଛି । ଉଦ୍‌ଘାଟନ ଉତ୍ସବରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି, କପ୍ତିପଦା ଥାନା ଆରକ୍ଷୀ ନୀରିକ୍ଷକ ଆଦିତ୍ୟ ପ୍ରସାଦ ଜେନା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ବେତାର କେନ୍ଦ୍ର 'ବାଘାଯତିନ'ଙ୍କୁ ଉଦ୍‌ଘାଟନ କରିଥିଲେ । କେନ୍ଦ୍ର ନିର୍ଦ୍ଦେଶିକା ମିନତି ବିନ୍ଧାଣୀ ଭାରତ ସରକାରଙ୍କର ସୂଚନା ଓ ପ୍ରସାରଣ




ବିଭାଗ ମନ୍ତ୍ରଣାଳୟ ଦ୍ୱାରା ଖୋଲାଯାଇଥିବା ଏହି ବେତାର କେନ୍ଦ୍ର ଦ୍ୱାରା କିପରି ସାଧାରଣ ଜନତା ଉପକୃତ ହେବେ ସେ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ବିଧାୟକ ଭାସ୍କର ମଢ଼େଇ ସ୍ଥାନୀୟ କଳାକାର ମାନଙ୍କୁ ଆଗକୁ ନେବାରେ ଏହା ସହାୟକ ହେବ ବୋଲି କହିଥିଲେ । ସେହିପରି ନଗରପାଳ ପ୍ରମିଳା ପଣ୍ଡା କ୍ରାନ୍ତିକାରି ବିପ୍ଳବୀ ମହାନ ସ୍ୱାଧିନତା ସଂଗ୍ରାମୀ ବାଘାଯତିନଙ୍କ ନାମରେ ଆକାବାଣୀ କେନ୍ଦ୍ରର ନାମ ରଖାଯାଇଥିବାରୁ ବେଶ ମନଛୁଆଁ ହୋଇଛି ବୋଲି ବ୍ୟକ୍ତ କରିଥିଲେ । ଆଗାମି ଦିନରେ କରୋନା ଭଳି ମହାମାରୀ ଆସିଲେ ମଧ ବେତାର ବା ରେଡ଼ିଓ ଦ୍ୱାରା ପିଲାମାନେ ପାଠ ପଢ଼ିପାରିବେ ବୋଲି ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ଜଣାଇଥିଲେ । ବାରିପଦା ଆକାଶବାଣୀ କେନ୍ଦ୍ରର ଘୋଷକ ସତ୍ୟନାରାୟଣ ଶେଜପଡ଼ା, ହିରାଖଣ୍ଡ ଆକାଶବାଣୀ କେନ୍ଦ୍ରର ନିର୍ଦ୍ଦେଶକ ବିକାଶ ମହାପାତ୍ର ପ୍ରମୁଖ ଯୋଗ ଦେଇ ଏଫ.ଏମ୍. ବ୍ୟଣ୍ଡରେ ୩୦ କିମି ଦୂରତା ମଧରେ ଏହାର କାର୍ଯ୍ୟକ୍ରମ ଶୁଣାଯାଇପାରିବ ବୋଲି ସୂଚନା ପ୍ରଦାନ କରିଥିଲେ । ରେଡ଼ିଓ ଷ୍ଟେସନର ଚେୟାରମ୍ୟାନ ପରେଶଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ଦିଲିପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର କାର୍ଯ୍ୟକ୍ରମକୁ ସଫଳ କରିବାରେ ଆଶିଷ ମଲିକ , ସନ୍ତୋଷ ସାହୁ, ସାସ୍ୱତି ବିନ୍ଧାଣୀ, ନଳିନିକାନ୍ତ ବିନ୍ଧାଣୀ, ସୁଧାକର ମିଶ୍ର, ଭଲେଶ୍ୱର ମହାପାତ୍ର, କେଶବ ଚନ୍ଦ୍ର ମହାରଣା, ପ୍ରଫୁଲ ମହାଳିକ ପ୍ରମୁଖ ସହଯୋଗ କରିଥିଲେ ।

## ପ୍ରଧାନ ଶିକ୍ଷକଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା

ଖଇରା, ୦୩/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରକୋଣା ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ କୁମାର ଦାସଙ୍କୁ ମଙ୍ଗଳବାର ଦିନ ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପ୍ରଦୀପ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଆରସିସି ଗୌରାଙ୍ଗ ଚନ୍ଦ୍ର ମହାପାତ୍ର ଓ ଅଲୋଷ୍ଟାର ସଭାପତି ପ୍ରଫୁଲ୍ଲ କୁମାର ଦାସ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ବିଦାୟୀ ପ୍ରଧାନଶିକ୍ଷକ ବସନ୍ତର ମଳୟ ପବନ ଭଳି ନିଜର ମଳୟ ପରସରେ ସମସ୍ତଙ୍କୁ ଆପଣାର କରି ରଖିଥିଲେ । ଏକାଧାରରେ ସେ ଶିକ୍ଷକ, କବି, ନାଟ୍ୟକାର ଭାବେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ନେଇ ଅତିଥି ମାନେ ପ୍ରକାଶ କରିଥିଲେ । ବିଜୟ କୁମାର ଦ୍ୱିବେଦି, ନାରାୟଣ ପେଡା, ଲକ୍ଷ୍ମଣ କୁମାର ସେନ, ହେମକାନ୍ତ ସିଅ, ଶଙ୍କର୍ଷଣ ମହାନ୍ତି, ଅରୁଣ କୁମାର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଯମୁନା ବାରିକଙ୍କ ତରଫରୁ ପ୍ରଧାନଶିକ୍ଷକଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା । ଇପ୍‌ସିତା ସେଠୀ, କୈଳାସ ଚନ୍ଦ୍ର ମାଝୀ, ବାସନ୍ତି ନାୟକ, ହରେକୃଷ୍ଣ ବିଶ୍ୱାଳ, ସବିତା ପାଣିଗ୍ରାହୀ, କୁଶଭଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ରେସଲାଇଫ ଫ୍ୟାମେଲି ସେଲୁନ୍ ଉଦ୍‌ଘାଟିତ

ବାଲେଶ୍ୱର, ୦୩/୧୦ (ନି.ପ୍ର): ଗତ ୧ ତାରିଖ ରବିବାର ଦିନ ବାଲେଶ୍ୱର ସହରର ମଠସାହି ତାରିଣୀ ଛକରେ ରେସଲାଇଫ୍ ଫ୍ୟାମେଲି ସେଲୁନ୍ ଉଦ୍‌ଘାଟିତ ହୋଇଯାଇଛି । ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରେସଲାଇଫ୍ ଫ୍ୟାମେଲି ସାଲୁନ୍‌ର ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ପୂର୍ବତନ ଉପନଗରପାଳ ମନୋଜ କୁମାର ରାଉତ, ବିଜେଡି ମିଡିଆ ସେଲର ଧୀରେନ୍ କୁମାର ନାୟକ, ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ସାମ୍ବାଦିକ ବଂଶୀଧର ଜେନା, ଡାକ୍ତର ଅଜୟ କୁମାର ମିଶ୍ର, ସମାଜସେବୀ ଅମରେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଜୟଲକ୍ଷ୍ମୀ ପ୍ରଧାନ, ସରୋଜ କୁମାର ତ୍ରିପାଠୀ, କପିଳ ରାଉତ, ଗୀତାଞ୍ଜଳି ମାଇତି, ପ୍ରତୀକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ବାଲେଶ୍ୱର ସହରରେ ନୂତନ ଭାବରେ ଗଢ଼ି ଉଠିଥିବା ରେସଲାଇଫ୍ ସାଲୁନ୍ ଶିଶୁଙ୍କଠାରୁ ଆରମ୍ଭ କରି ବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଶସ୍ତା ଓ ସୁଲଭ ମୂଲ୍ୟରେ ରୂପଚର୍ଯ୍ୟା ଯୋଗାଇ ପାରିବ ବୋଲି ରେସଲାଇଫ୍‌ର ମୁଖ୍ୟ ଇଂ ଜଗଦୀଶ ମିଶ୍ର ଏହି ଅବସରରେ ପ୍ରକାଶ କରିଥିଲେ ।



# ଜିକେ ଭଞ୍ଜ ହସ୍‌ପିଟାରେ ପଶିଲା ପାଣି



ଜଳେଶ୍ୱର , ୦୩/୧୦ (ନି.ପ୍ର): ଜଳେଶ୍ୱର ବ୍ଲକର ଜିକେ ଭଞ୍ଜ ହସ୍‌ପିଟାରେ ବର୍ଷାପାଣି ପଶିବା ଫଳରେ ନାହିଁନଥିବା ସମସ୍ୟା ସୃଷ୍ଟି ହୋଇଛି ସକାଳେ ୨ଘଣ୍ଟା ଧରି ବର୍ଷର ଲାଗି ରହିବା ଫଳରେ ହସ୍‌ପିଟାର ସମ୍ମୁଖ ଭାଗ ପାଣିରେ ବୁଡି ଯିବା ସହିତ କୋଠରୀ ଭିତରକୁ ପାଣି ପଶି ଯାଇଥିଲା । ଡ୍ରେସିଂ ରୁମ୍, ଔଷଧ ବିତରଣ ରୁମ୍, ଡାକ୍ତର ମାନଙ୍କ ରୁମ୍ ସହିତ ଏକ୍ସରେ ଓ ପାଥୋଲଜି ରୁମ୍ ଭିତରେ ପାଣି ପଶିଥିଲା । ରୋଗୀମାନେ ରହୁଥିବା ୱାର୍ଡରେ ୧ଫୁଟରୁ ଅଧିକ ପାଣି ପଶିବା ଫଳରେ ସମ୍ପର୍କୀୟମାନେ ରୋଗୀମାନଙ୍କୁ ଉପରମହଲାକୁ ନେଇ ଯାଇଥିଲେ । ଖବର ପାଇ ପୌରପାଳ ପ୍ରତୀପ ପ୍ରଧାନ, ପୌର ଅଧିକାରୀ ଅଜୟ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଜେସିବି ସାହାଯ୍ୟରେ ପାଣିନିଷ୍କାସନର ବ୍ୟବସ୍ଥା କରିଥିଲେ । ପ୍ରଶାସନର କୁମ୍ଭକର୍ଣ୍ଣନିଦ୍ରା ଯୋଗୁଁ ଏପରି ଘଟଣା ବାରମ୍ବାର ଦେଖିବାକୁ ମିଳୁଥିବା କୁହାଯାଇଛି । ରାସ୍ତାପାଖରେ ଡ୍ରେନ କାମ ଚାଲୁଥିବାରୁ ଓ ରାସ୍ତାର ପ୍ରସସ୍ତିକରଣ ହେଉଥିବା ଏହାର କାରଣ ବୋଲି ଜଣାଯାଇଛି । ଏପରିକି ବର୍ଷାଦିନରେ ନିର୍ମାଣ କାର୍ଯ୍ୟ ଚାଲୁଥିବା ଅନ୍ୟଏକ କାରଣ ବୋଲି କୁହାଯାଇଛି ।

## ଆରଏସଏସ ମୁଖ୍ୟ ମୋହନ ଭାଗବତ ପଶ୍ଚିମ ବଙ୍ଗ ଗସ୍ତରେ

କୋଲକାତା୦୩/୧୦: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘସଞ୍ଚାଳକ ଡକ୍ଟର ମୋହନ ଭାଗବତ ଆଜି ପଶ୍ଚିମବଙ୍ଗ ଗସ୍ତ କରୁଛନ୍ତି । କୋଲକାତାରୁ ସେ ସେଟ୍ ହାୱଡାର ପ୍ରସିଦ୍ଧ ବେଲୁର ମଠ ଯିବେ । ସେଠାରେ ସନ୍ଧ୍ୟା ସାଢେ ୫ଟାରେ ପତ୍ରିକା ସ୍ୱସ୍ତିକାର ପ୍ରତିଷ୍ଠା ଦିବସ ସମାରୋହରେ ସାମିଲ ହେବେ । ସଂଘର ପଦାଧିକାରୀଙ୍କ ସୂଚନା ମୁତାବକ, ଡକ୍ଟର ଭାଗବତଙ୍କର କାର୍ଯ୍ୟକ୍ରମ ବେଲୁର ମଠରେ ନିର୍ଦ୍ଧାରିତ କରାଯାଇଛି । ତେବେ କେଶବ ଭବନରେ ସେ କିଛି ବିଶିଷ୍ଟ ବ୍ୟକ୍ତିଙ୍କୁ ମଧ ଭେଟିପାରନ୍ତି । ଦ୍ୱିପ୍ରହରରେ ସେ କେଶବ ଭବନରେ ପହଞ୍ଚିବାର ସମ୍ଭାବନା ରହିଛି । ଏହାପରେ ସେ ବେଲୁର ମଠ ଯାଇ ପତ୍ରିକା ସ୍ୱସ୍ତିକାର ୭୫ବର୍ଷ ପୂର୍ତି କାର୍ଯ୍ୟକ୍ରମରେ ଯୋଗଦେବେ । ବେଲୁର ମଠରେ ସନ୍ଧ୍ୟା ସାଢେ ୫ଟାରୁ ସାଢେ ୭ଟା ଯାଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି ।

## ମଣିପୁର ହିଂସା ମାମଲାରେ ଗିରଫ ଅଭିଯୁକ୍ତର ଏନଆଇଏ ହେପାଜତ ୮ ଦିନ ବୃଦ୍ଧି

ନୂଆଦିଲ୍ଲୀ, ୦୩/୧୦ (ନି.ପ୍ର): ମଣିପୁର ହିଂସା ମାମଲାରେ ଗିରଫ ଅଭିଯୁକ୍ତ ସିମିନଲୁନ ଗାଙ୍ଗଟେର ଏନଆଇଏ ହେପାଜତ ଅବଧିକୁ ଆଠ ଦିନ ବୃଦ୍ଧି କରିଛନ୍ତି ଦିଲ୍ଲୀର ପଟିଆଲା ହାଉସ କୋର୍ଟ । ଅତିରିକ୍ତ ସେସନ କୋର୍ଟ ବିଚାରପତି ଜଷ୍ଟିସ ସଚିନ ଗୁପ୍ତା ଏହି ନିର୍ଦ୍ଦେଶ ଦେଇଛନ୍ତି । ମଙ୍ଗଳବାର ଗାଙ୍ଗଟେର ଏନଆଇଏ ହେପାଜତ ଅବଧି ସରୁଥିଲା ।ଏହାପରେ ଅଭିଯୁକ୍ତକୁ କୋର୍ଟରେ ହାଜର କରାଯାଇଥିଲା । ଏନଆଇଏ ମୁତାବକ ଗାଙ୍ଗଟେ ବିରୁଦ୍ଧରେ ଦେଶ ବିପକ୍ଷରେ ଯୁଦ୍ଧ କରିବା ନିମନ୍ତେ ମିଆଁମାର ଓ ବାଂଲାଦେଶ ଆତଙ୍କୀ ସଙ୍ଗଠନ ସହ ମିଶି ଷଡଯନ୍ତ୍ର ରଚୁଥିବାର ଅଭିଯୋଗ ରହିଛି । ମଣିପୁରରେ ଚାଲୁଥିବା ହିଂସା ଆଢୁଆଳରେ ସେ ଏହି ଷଡଯନ୍ତ୍ର ରଚୁଥିଲା ।

# ବସ୍ତା ତହସିଲରେ ପଟ୍ଟା ବାଣ୍ଟିଲେ ବିଧାୟକ

ବସ୍ତା, ୦୩/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ତହସିଲ ସ୍ତରରେ ବହୁ ଭୂମିହୀନ ଦୀର୍ଘ ଦିନ ଧରି ପଟ୍ଟା ପାଇପାରୁ ନ ଥିବାରୁ ବିଜୁ ପକ୍କା ଘର ଏବଂ ଆବାସ ଯୋଜନାରେ ବଞ୍ଚିତ ଥିଲେ ! ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ଆଜି ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଏବଂ ତହସିଲଦାର ରାଧା ରଞ୍ଜନ ଦାସ



ଙ୍କ ଉଦ୍ୟମ କ୍ରମେ ବିଭିନ୍ନ ଆରାଇ ସର୍କଲ ଅଧିନରେ ୫୨୩ ଜଣ ଙ୍କୁ ତହସିଲ ପରିସରରେ ପଟା ଯୋଗାଇ ଦିଆଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo